

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୦୮ ମାର୍ଚ୍ଚ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 08 MARCH 2021

Vol.No. 32 ■ No. 64 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଅପେକ୍ଷାର୍ ଅବସାନ ଘଟାଇ୍ ପ୍ରକାଶ ପାଇଛି ନୂଆବର୍ଷ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଗୋଟିଏ ଦିନରେ ୭୦ କରୋନା ଆକ୍ରାନ୍ତ ଚିହ୍ନଟ : ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୭୭୪୪

ଭୁବନେଶ୍ୱର,୦୭/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୭୦ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩୭୭୪୪ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୩୪୯୯୦ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୭୮୪ ରହିଛି। ଆଜି ଚିହ୍ନଟ ହୋଇଥିବା ୭୦ ଜଣଙ୍କ ମଧ୍ୟରୁ ୪୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୨୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ▶▶ପୃଷ୍ଠା ୭

# ବ୍ରିଗେଡ୍ ଗ୍ରାଉଣ୍ଡରୁ ବିରୋଧୀଙ୍କୁ ଜବାବ ଦେଲେ ମୋଦି

## କହିଲେ, ହଁ..ମୁଁ ମୋ ସାଙ୍ଗଙ୍କ ପାଇଁ କାମ କରୁଛି, କାହିଁକି ନା ପ୍ରତିଟି ଗରିବ ମୋ ସାଙ୍ଗ



ପଶ୍ଚିମବଙ୍ଗ,୦୭/୦୩ (ନି.ପ୍ର): ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ଆଜି ବ୍ରିଗେଡ୍ ଗ୍ରାଉଣ୍ଡରେ ଜନସଭାକୁ ସମ୍ବୋଧିତ କରିବା ସହିତ ଶକ୍ତି ପ୍ରଦର୍ଶନ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ବ୍ରିଗେଡ୍ ଗ୍ରାଉଣ୍ଡରୁ ହିଁ ସେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରିବା ସହିତ ପଶ୍ଚିମବଙ୍ଗରେ ବିଜେପି ସରକାର ଗଢିବ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି । ମୋଦି କହିଛନ୍ତି ଯେ, ବିରୋଧୀମାନେ ଏବେ କହୁଛନ୍ତି ସେ ତାଙ୍କ ସାଙ୍ଗମାନଙ୍କ ପାଇଁ କାମ କରୁଛନ୍ତି ଏବଂ ସେମାନଙ୍କୁ ଜବାବ ଦେଇ ମୋଦି କହିଛନ୍ତି , ହଁ ସେ ତାଙ୍କ ସାଙ୍ଗଙ୍କ ପାଇଁ କାମ କରୁଛନ୍ତି । କାହିଁକି ନାଁ ଭାରତରେ ରହୁଥିବା ପ୍ରତିଟି ଗରିବ ତାଙ୍କ ସାଙ୍ଗ । ଏଥିସହ ତାଙ୍କ ସରକାର ଦ୍ୱାରା କରାଯାଇଥିବା ପ୍ରତିଟି କାମ ଗରିବମାନଙ୍କର କଲ୍ୟାଣ ପାଇଁ ଉଦ୍ଦିଷ୍ଟ ବୋଲି ସେ କହିଛନ୍ତି । ବିଶେଷ କରି ଟି-ଗାର୍ଡେନରେ କାମ କରୁଥିବା ପ୍ରତିଟି ଭାଇ-ଭଉଣୀ ତାଙ୍କ ପାଇଁ ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ପଶ୍ଚିମବଙ୍ଗ ରାଲିରେ ମୋଦି ଶ୍ୟାମା ପ୍ରକାଶ ମୁଖାର୍ଜୀଙ୍କୁ ମଧ ମନେ ପକାଇଛନ୍ତି । ଏହାସହ ବେଙ୍ଗଲରୁ ବାହାରିଥିବା ପ୍ରତିଟି ବ୍ୟକ୍ତିତ୍ୱ, ଶ୍ରେଷ୍ଠ ଭାରତ ଗଠନ କରିବା ଦିଗରେ କାମ କରିଛନ୍ତି ବୋଲି ମୋଦି କହିଥିଲେ । ଏହି ଅବସରରେ ସେ ବଲିଉଡ୍ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କୁ ମଧ ଦଳକୁ ସ୍ୱାଗତ କରିଥିଲେ । ସୂଚନାଯୋଗ୍ୟ ଯେ, ପଶ୍ଚିମବଙ୍ଗରେ ଖୁବଶୀଘ୍ର ବିଧାନସଭା ନିର୍ବାଚନ ହେବାକୁ ଅଛି । ବିଜେପି ଏଠାରେ ପ୍ରଥମ କରି ସରକାର ଗଢିବାକୁ ଜୋରଦାର କସରତ କରୁଛି । ଅନ୍ୟପଟେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ ନିଜ ଦଳ ଟିଏମସିକୁ ଜିତାଇବାକୁ ପ୍ରତିଟି ଚେଷ୍ଟା କରୁଛନ୍ତି । ତେଣୁ ଏଥର ପଶ୍ଚିମବଙ୍ଗରେ କିଏ ବାଜିମାତ୍ କରୁଛି ତାହା ଦେଖିବାକୁ ବାକି ରହିଲା ।

# ବିଜେପି ରାଜ୍ୟ କାର୍ଯ୍ୟକାରିଣୀରେ ସରକାରଙ୍କ ଉପରେ ବର୍ଷିଲା ଦଳ

ଭୁବନେଶ୍ୱର,୦୭/୦୩ (ନି.ପ୍ର): ଓଡ଼ିଶାର ବିକାଶରେ ନିଜେ ଓଡ଼ିଶା ସରକାର ହିଁ ବାଧକ ସାଜିଛନ୍ତି । ଓଡ଼ିଶାର ଉନ୍ନତି ପାଇଁ କେନ୍ଦ୍ର ଟଙ୍କା ପଠାଉଥିବା ବେଳେ ରାଜ୍ୟ ସରକାର ଏହା ଖର୍ଚ୍ଚ କରିପାରୁନାହାଁନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପ୍ରବାସୀ ଶ୍ରମିକଙ୍କ ସମସ୍ୟା, ଶିଶୁ ନିଖୋଜ, ହତ୍ୟା ଓ ମହିଳା ହିଂସା ଭଳି ପ୍ରସଙ୍ଗକୁ ନେଇ ଆଜି ନିଜର କାର୍ଯ୍ୟକାରିଣୀ ବୈଠକରେ ସରକାରଙ୍କୁ ଜୋରଦାର ଟାର୍ଗେଟ କରିଛି ବିଜେପି । ଆଜି ରାଜଧାନୀରେ ରାଜ୍ୟ ବିଜେପିର ଦ୍ୱିତୀୟ କାର୍ଯ୍ୟକାରିଣୀ ବୈଠକ ଆରମ୍ଭ ହୋଇଛି । ଏଥିରେ ରାଜ୍ୟ ପ୍ରଭାରୀ ଡି ପୁରନ୍ଦେଶ୍ୱରୀଙ୍କ ସହ ସହପ୍ରଭାରୀ ବିଜୟ ପାଲ ସିଂ ତୋମାର, ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରତାପ ଷଡଙ୍ଗୀ, ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି, ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକଙ୍କ ସମେତ ସମସ୍ତ କାର୍ଯ୍ୟକାରିଣୀ ସଦସ୍ୟ ଯୋଗ ଦେଇଛନ୍ତି । ତେବେ ବୈଠକ ପରେ ଏକ ସାମ୍ବାଦିକ ସମ୍ମିଳନୀ କରି କାର୍ଯ୍ୟକାରିଣୀରେ ହୋଇଥିବା ଆଲୋଚନା ପ୍ରସଙ୍ଗରେ ସୂଚନା ଦେଇଛନ୍ତି ଦଳର ସାଧାରଣ ସଂପାଦକ ପୃଥୀରାଜ ହରିଚନ୍ଦନ । ଏହି ଅବସରରେ ସେ ରାଜ୍ୟ ସରକାରଙ୍କୁ ଜୋରଦାର ଟାର୍ଗେଟ କରିଛନ୍ତି । ଅନ୍ୟପଟେ ରାଜ୍ୟ କାର୍ଯ୍ୟକାରିଣୀରେ ବିଜେପିର ଏହି ଅଭିଯୋଗ ପ୍ରସଙ୍ଗରେ ପ୍ରତିକ୍ରିୟା ରଖିଛି ବିଜେଡି । ଦଳର ନେତା ଶଶୀଭୂଷଣ ବେହେରା କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜେଡି ସରକାର ରାଜ୍ୟବାସୀଙ୍କ ଉନ୍ନତି ପାଇଁ କାମ କରୁଛନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତିରୁ ଆରମ୍ଭ କରି ପ୍ରତ୍ୟେକ ଦିଗକୁ ଧ୍ୟାନ ଦିଆଯାଉଛି । ତେବେ ଗଣତନ୍ତ୍ରରେ ଯୁଦ୍ଧ କରିବାର ଅଧିକାର ସମସ୍ତଙ୍କର ରହିଛି ଏବଂ ୨୧ ବର୍ଷ ହେଲା ସରକାରଙ୍କ ବିରୋଧରେ ବିଜେପି କେବଳ ଯୁଦ୍ଧ କରୁଛି ବୋଲି ସେ କହିଛନ୍ତି ।

# ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ମିଶନରେ ଓଡ଼ିଶାର ସର୍ବାଙ୍ଗୀନ କଲ୍ୟାଣ ପାଇଁ କାମ କରିବାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଆହ୍ୱାନ



ଭୁବନେଶ୍ୱର,୦୭/୦୩ (ନି.ପ୍ର): ଆମେ କେବଳ ବିଧାୟକ କିମ୍ବା ସାଂସଦ ହେବା ନୁହେଁ ବରଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପୂର୍ବୋଦୟ ମିଶନରେ ଓଡ଼ିଶାର ସର୍ବାଙ୍ଗୀନ କଲ୍ୟାଣ ପାଇଁ କାର୍ଯ୍ୟକର୍ତାମାନେ ଏହାକୁ ଏକ ରାଜନୈତିକ ଲକ୍ଷ୍ୟ ଭାବରେ ନେଇ କାମ କରିବା ଦରକାର ବୋଲି ରବିବାର ଭୁବନେଶ୍ୱର ଠାରେ ଅନୁଷ୍ଠିତ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେଧୀରେ ଧୀରେ କାର୍ଯ୍ୟକର୍ତାଙ୍କ ପରିଶ୍ରମ ଏବଂ ଜନଆଶୀର୍ବାଦ ବଳରେ ଆଗକୁ ଆଗକୁ ବଢୁଛେ। ଦଳ କାର୍ଯ୍ୟକର୍ତାଙ୍କ ଅକ୍ଳାନ୍ତ ପରିଶ୍ରମ ଓ ସହଯୋଗ କାରଣରୁ ସାମ୍ପ୍ରତିକ ରାଜ୍ୟ ରାଜନୀତିରେ ବିଜେପି ଅଭୁତପୂର୍ବ ସଫଳତା ପ୍ରଦର୍ଶନ କରୁଛି। ବିଗତ ୬ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଶାସନରେ ବିଜେପିର ଓଡ଼ିଶା ପ୍ରତି ଥିବା ପ୍ରତିବଦ୍ଧତା ଓ ଦାୟିତ୍ୱ ୨୦୧୯ ନିର୍ବାଚନରେ ମଧ ପ୍ରତିଫଳିତ ହୋଇଛି। ସେବା, ସଂଗଠନ, ସମ୍ପର୍କ ଓ ସଂଘର୍ଷ ଆଧାରରେ ଆଗକୁ ବଢ଼ିବା ପାଇଁ କାର୍ଯ୍ୟକର୍ତା ମାନେ ତୃଣମୂଳ ସ୍ତରରେ ପରିଶ୍ରମ କରି ଦଳକୁ ଆହୁରି ମଜବୁତ୍ କରିବା ଦରକାର। ଓଡ଼ିଶାରେ ବିଜେପି ପାଇଁ ରାଜ୍ୟରେ ଚାଲୁଥିବା ସରକାରଙ୍କ ଦୋଷ ଦୁର୍ବଳତା ପାଇଁ କେବଳ ନକରାତ୍ମକ ଭୋଟ୍ ନୁହେଁ ▶▶ପୃଷ୍ଠା ୭

# ବିଜେପିରେ ସାମିଲ ହେଲେ ବଲିଉଡ୍ ଅଭିନେତା ମିଥୁନ୍ ଚକ୍ରବର୍ତ୍ତୀ

## କହିଲେ, ମୁଁ କୋବ୍ରା; ଗୋଟିଏ ଚୋଟରେ ଶେଷ କରିଦେବି



ଭୁବନେଶ୍ୱର,୦୭/୦୩ (ନି.ପ୍ର): ବଲିଉଡ୍ ଅଭିନେତା ମିଥୁନ ଚକ୍ରବର୍ତ୍ତୀ ରବିବାର କୋଲ୍କାତାସ୍ଥିତ 'ବ୍ରିଗେଡ୍ ଗ୍ରାଉଣ୍ଡ୍'ରେ 'ବିଜେପି'ରେ ସାମିଲ ହୋଇଛନ୍ତି। ଏହି ଅବସରରେ ସେ ନିଜକୁ ଗୋଟିଏ କୋବ୍ରା ସାପ ବୋଲି କହିବା ସହିତ ଗୋଟିଏ ଚୋଟରେ ଶେଷ କରିଦେବେ ବୋଲି କହିଛନ୍ତି । ଏଥିସହିତ ସେ ଯାହା କୁହନ୍ତି ତା' କରି ଦେଖାନ୍ତି ବୋଲି କହିଛନ୍ତି । ପରୋକ୍ଷରେ ମିଥୁନଙ୍କ ଏହି କଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରି ରହିଥିଲା ବୋଲି ରାଜନୈତିକ ପଣ୍ଡିତମାନେ ଆକଳନ କରିଛନ୍ତି । ଏଥିସହ ମିଥୁନ 'ଭାରତ ମାତାକି ଜୟ' ଓ 'ଜୟ ଶ୍ରୀରାମ୍' ନାରା ମଧ ଦେଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ରାଲିରେ ଫିଲ୍ମଷ୍ଟାର୍ ମିଥୁନଙ୍କ ଉପସ୍ଥିତି ବହୁ ବିଜେପି ସମର୍ଥକଙ୍କୁ 'ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡ୍'କୁ ▶▶ପୃଷ୍ଠା ୭

## କାର୍ ସହ ୫୫ କେଜି ଗଞ୍ଜେଇ ଜବତ : ଦୁଇ ଗିରଫ

କଟକ,୦୭/୦୩ (ନି.ପ୍ର): କଟକ ମଙ୍ଗୁଳି ଛକରେ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ପକ୍ଷରୁ ଚଢ଼ଉ କରାଯାଇ ଏକ କାର୍ ମଧ୍ୟରୁ ୫୫ କେଜି ଗଞ୍ଜେଇ ଜବତ ହୋଇଛି । ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ସମ୍ପୃକ୍ତ କାର୍ କୁ ଜବତ କରାଯାଇଛି । ଜବତ ଗଞ୍ଜେଇର ମୂଲ୍ୟ ୩ ଲକ୍ଷ ହେବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ମିଳିଛି । ଏହି ଗଞ୍ଜେଇକୁ କାର୍ ଯୋଗେ ବିହାର ଚାଲାଣ କରାଯାଉଥିବା ବେଳେ ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବର ପାଇ ଚଢ଼ଉ କରିଥିଲା ।

## ଶିମିଳିପାଳରେ ବଢୁଛି ସଂକଟ : କୋର୍ ଅଂଚଳରେ ୫ କିଲୋମିଟର ଧରି ଜଳୁଛି ନିଆଁ



ଭୁବନେଶ୍ୱର,୦୭/୦୩ (ନି.ପ୍ର): ଘନ ଅନ୍ଧାରକୁ ଆଲୋକିତ କରି ଦେଉଥିବା ଏହି ନିଆଁ କେତେ ବଡ଼ ସଂକଟ ଆଣିପାରେ ହୁଏତ, ସେକଥାକୁ ସେମାନେ ଠିକ୍ ବୁଝି ପାରିବେ ଯେଉଁମାନେ ଶିମିଳିପାଳ ଅଭ୍ୟାୟରଣ୍ୟର ଜୈବ ବିବିଧତାର ଗୁରୁତ୍ୱକୁ ଜାଣନ୍ତି । ଏହି ନିଆଁ କେବଳ ଯେ, ଜଙ୍ଗଲ ଜାଳୁଛି, ତାହା ନୁହେଁ, ଜଙ୍ଗଲରେ ଥିବା ହଜାର ହଜାର ଜୀବଜନ୍ତୁଙ୍କ ଜୀବନ ପ୍ରତି ବିପଦ ଆଣୁଛି ଏକଥା କାହାରିକୁ ଅଛପା ନାହିଁ । ପ୍ରାୟ ଦୁଇ ସପ୍ତାହ ଧରି ଶିମିଳିପାଳ ଅଭୟାରଣ୍ୟ ଏବଂ ଆଖପାଖ ଅଂଚଳରେ ନିଆଁ ଜଳୁଛି । ଖବର ପ୍ରସାରଣ ପରେ ପିସିସିଏଫ୍ ଯାଇ ଅନୁଧ୍ୟାନ କରି କହିଛନ୍ତି- କୋର୍ ଅଂଚଳରେ ନିଆଁ ଲାଗିନି କି ବଡ଼ ଗଛ ପୋଡ଼ିନି । କିନ୍ତୁ ସରକାରୀ ଅଧିକାରୀ କହୁଥିବା କଥା ଏବଂ ଘଟଣାସ୍ଥଳରେ ଥିବା ସ୍ଥିତି ଭିତରେ ତାଳମେଳ ରହୁନି ଏହା ସ୍ପଷ୍ଟ । କାରଣ, କୋର୍ ଅଂଚଳରେ ଆସୁଥିବା ଭଞ୍ଜବସା ରେଞ୍ଜର ସ୍ଥିତି, ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛି କନକ ନ୍ୟୁଜ୍ ଟିମ୍ । କେବଳ ଭଞ୍ଜବସା ରେଞ୍ଜ କାହିଁକି ପୋଡ଼ାଡିହା ରେଞ୍ଜର ସ୍ଥିତି ଆହୁରୀ ସଂଗୀନ୍ । ନିଆଁ ଓ ଧୂଆଁ ଯୋଗୁଁ ସ୍ଥାନୀୟ ଲୋକଙ୍କ ▶▶ପୃଷ୍ଠା ୭

## ୫୧ ଜଣ ଶିଶୁ ଉଦ୍ଧାର

ଭୁବନେଶ୍ୱର,୦୭/୦୩ (ନି.ପ୍ର): ହଜିଯାଇଥିବା ପିଲାମାନଙ୍କୁ ଖୋଜିବା ପାଇଁ ଓଡ଼ିଶା ପୋଲିସ୍ ଦ୍ୱାରା ଆରମ୍ଭ କରାଯାଇଥିବା ବିଶେଷ ଅଭିଯାନରେ ଗତ ୨୪ ଘଂଟା ମଧରେ ୫୧ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଏମାନଙ୍କ ମଧରେ ୪୩ଜଣ ଝିଅ ହୋଇଥିବାବେଳେ ୮ଜଣ ପୁଅ। ଏମାନଙ୍କୁ ସେମାନଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିବା ରାଜ୍ୟ ପୋଲିସ୍ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

## ମୋଦିଙ୍କ ମହାସମାବେଶକୁ କାଉଣ୍ଟର କରିବାକୁ ମମତା ବାନାର୍ଜୀଙ୍କ ପଦଯାତ୍ରା

ପଶ୍ଚିମବଙ୍ଗ,୦୭/୦୩ (ନି.ପ୍ର): ପ୍ରଧାନମନ୍ତ୍ରୀଙ୍କ ମହା ସମାବେଶକୁ କାଉଁଟର କରିବା ପାଇଁ ମମତା ବାନାର୍ଜୀ ସିଲିଗୁଡ଼ିରେ ପଦଯାତ୍ରା କରିଛନ୍ତି । ଏଲପିଜି ଗ୍ୟାସ ସିଲିଣ୍ଡର ଓ ତୈଳଦର ବୃଦ୍ଧିକୁ ବିରୋଧ କରି ମହିଳାଙ୍କୁ ସାଙ୍ଗରେ ଧରି ମମତା ବାନାର୍ଜୀ ଏହି ରାଲି କରିଛନ୍ତି । ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ପଦ ଯାତ୍ରାରେ ବାହାରିଛନ୍ତି ଦିଦି । ତାଙ୍କ ସହ ହଜାର ହଜାର ସମର୍ଥକ ମଧ ଏହି ପଦଯାତ୍ରାରେ ସାମିଲ ହୋଇଛନ୍ତି । ଯାହା ପଶ୍ଚିମବଙ୍ଗ ରାଜନୀତିକୁ ସରଗରମ କରିଛି । ▶▶ପୃଷ୍ଠା ୭

# ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ଅଭୟଙ୍କ ମାଲକାନଗିରି, କୋରାପୁଟ ଓ ରାୟଗଡା ଜିଲ୍ଲା ଗସ୍ତ



ଭୁବନେଶ୍ୱର,୦୭/୦୩ (ନି.ପ୍ର): ରାଜ୍ୟ ପୋଲିସ ମହା ନିର୍ଦ୍ଦେଶକ ଅଭୟ ଓ ପୋଲିସର ଅନ୍ୟ ବରିଷ୍ଠ ଅଧିକାରୀ ମାନେ ମାଓବାଦ ପ୍ରଭାବିତ ମାଲକାନଗିରି, କୋରାପୁଟ ଓ ରାୟଗଡା ଜିଲ୍ଲା ଗସ୍ତ କରି ବିଭିନ୍ନ ପୋଲିସ ପୋଷ୍ଟକୁ ଯାତ୍ରା କରିଥିଲେ। ପୋଲିସ ମହା ନିର୍ଦ୍ଦେଶକ ବଣ୍ଡା ହିଲ୍ସ ଅଂଚଳରେ ବିଏସଏଫ ଜବାନ ଓ ଗ୍ରାମବାସୀ ମାନଙ୍କ ସହ ଆଲୋଚନା କରିବା ସହ ମାଓବାଦୀ ମାନଙ୍କୁ ଆତ୍ମ ସମର୍ପଣ କରି ମୁଖ୍ୟ ଧାରାରେ ସାମିଲ ହେବାକୁ ପୁଣି ଥରେ ଅପିଲ କରିଛନ୍ତି । ମାଲକାନଗିରି ଜିଲ୍ଲାରେ ବିକାଶ କାମକୁ ଆହୁରି ତ୍ୱରାନ୍ୱିତ କରା ଯିବ ବୋଲି ସେ କହିଛନ୍ତି । ରାୟଗଡା ଜିଲ୍ଲାରେ ପୋଲିସ ମହା ନିର୍ଦ୍ଦେଶକ ପାଂଚ ଜଣ ଶହୀଦଙ୍କ ପରିବାର ବର୍ଗଙ୍କୁ ଭେଟିବା ସହ ଡିଆଇଓସି ଭବନର ଉଦଘାଟନ କରିଥିଲେ । ସେ ରାୟଗଡାରେ ବାମପନ୍ଥୀ ଉଗ୍ରବାଦ ଓ ଅପରାଧ ଚିତ୍ରର ସମୀକ୍ଷା କରିବା ସହ ବିଏସଏଫ, ସିଆରପିଏଫ ଓ ଓଏସଏପିର ବରିଷ୍ଠ ଅଧିକାରୀ ମାନଙ୍କ ସହ ଆଲୋଚନା କରିଥିଲେ।

## ଥରେ କୋଭିଡ୍ ଟିକା ନେବା ପରେ ପୁଣି ହେବ କି କରୋନା ?




ଭୁବନେଶ୍ୱର,୦୭/୦୩ (ନି.ପ୍ର): ଟିକା ନେବା ପରେ ବି ହୋଇପାରେ କି କରୋନା ? ରାଉରକେଲା ସରକାରୀ ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ଏସ୍ ସୁଲେମାନଙ୍କ କୋଭିଡ୍ ପଜିଟିଭ୍-ନେଗେଟିଭର ଦ୍ୱନ୍ଦ୍ୱ ଭିତରେ ଏହି ପ୍ରଶ୍ନ ଏବେ ସମସ୍ତଙ୍କ ମନକୁ ଆସୁଛି । ଯାହାର ଦୁଇଟି କାରଣ ଦେଇଛନ୍ତି ବରିଷ୍ଠ ଡାକ୍ତର ନିରୋଜ ମିଶ୍ର । ସେ କହିଛନ୍ତି ଯେ, ପ୍ରଥମ ହେଉଛି ଆରଟିପିସିଆର ଟେଷ୍ଟ ରିପୋର୍ଟରେ ଭୁଲରେ ପଜିଟିଭ୍ ରିପୋର୍ଟ ଆସିଥିବା ସମ୍ଭାବନା ଏବଂ ଦ୍ୱିତୀୟଟି ହେଉଛି କୋଭିସିଲ୍ଡ ଟିକାର ସଫଳତା ବା ପ୍ରଭାବ ହାର ହେଉଛି ୮୬ ପ୍ରତିଶତ । ବିଶେଷଜ୍ଞଙ୍କ କହିବା କଥା, ଟିକା ନେଲେ ବି କିଛି ଲୋକଙ୍କୁ କରୋନା ସଂକ୍ରମଣ ହୋଇପାରେ । ହେଲେ ଏହା ସାମାନ୍ୟ ଧରଣର ହେବ, ଡାକ୍ତରଖାନା ଯିବାକୁ ପଡ଼ିବ ନାହିଁ କିମ୍ବା ମୃତ୍ୟୁ ମୁଖରେ ପଡ଼ିବେ ନାହିଁ ।

# ପିସିଆର ଭ୍ୟାନ୍ ଭଙ୍ଗାରୁଜା ଓ ଅଭିଯୁକ୍ତଙ୍କୁ ମାଡ଼ ଘଟଣା : ୫ ଗିରଫ

ଭୁବନେଶ୍ୱର,୦୭/୦୩ (ନି.ପ୍ର): ଶନିବାର ଦିନ ଭୁବନେଶ୍ୱର ଆଇଆରସି ଭିଲେଜ ସ୍ଥିତ ଭିଆଇପି କଲୋନୀରେ ଯୁବକଙ୍କୁ ହତ୍ୟା ଘଟଣା ପରେ ପିସିଆର୍ ଭ୍ୟାନ୍ ଭଙ୍ଗାରୁଜା ଓ ଅଭିଯୁକ୍ତଙ୍କୁ ମାଡ଼ ଘଟଣାରେ କମିଶନରେଟ୍ ପୋଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରବିବାର ଦିନ ୫ ଜଣଙ୍କୁ ଗିରଫ କରଥିବା ଜଣା ପଡିଛି । ସିସିଟିଭି ଫୁଟେଜ ଆଧାରରେ ଏମାନଙ୍କୁ ଗିରଫ କରାଯାଥିବା ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖ କରା ଯାଇ ପାରେ ଯେ ଗତକାଲି ଦିନ ସାଢେ ୧୧ଟା ସମୟରେ ଆଇଆରସି ଭିଲେଜ ନିକଟରେ ଲେନ୍‌ରେ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଆକ୍ରମଣ ପ୍ରତି ଆକ୍ରମଣରେ ଡ୍ରାଇଭର ଟୁକୁନା ଓରଫ୍ ଜଟିଆଙ୍କ ମୃତ୍ୟୁ ହୋଇଥିଲା। ଏହା ପରେ ଲୋକମାନେ ଅଭିଯୁକ୍ତ ୨ ଭାଇ ସାଗର ଓ ସୁଧିର ପୃଷ୍ଟିଙ୍କୁ ପିସିଆର ଭ୍ୟାନ୍‌ରୁ ଟାଣି ଆଣି ଆକ୍ରମଣ କରିଥିଲେ ଓ ପିସିଆର ଭ୍ୟାନ ଉପରେ ମଧ୍ୟ ଆକ୍ରମଣ କରିଥିଲେ। ଏହି ମାମଲାରେ ପୋଲିସ୍ ହତ୍ୟାକାରୀ ୨ ଭାଇଙ୍କୁ ଗିରଫ କରିଛି। ଅନ୍ୟପକ୍ଷରେ ଏହି ଘଟଣାକୁ ନେଇ କମିଶନରେଟ ପୋଲିସ ପକ୍ଷରୁ ୩ଟି ମାମଲା ରୁଜୁ କରା ଯାଇ ସରିଛି । ଗାଡ଼ି ଭିତରେ ଟୁକୁନା ଆକ୍ରମଣ କରିଥିବା ନେଇ ଗୋଟିଏ ମାମଲା ହୋଇ ଥିବା ବେଳେ ଦୁଇ ଭାଇ ମିଶି ତାକୁ ହତ୍ୟା କରିବା ନେଇ ଦ୍ୱିତୀୟ ମାମଲା ହୋଇଛି। ସାଧାରଣ ଲୋକେ ଦୁଇ ଭାଇଙ୍କୁ ପିଟିବା ନେଇ ତୃତୀୟ ମାମଲା ରୁଜୁ ହୋଇଥିଲା ।

# ଏଫଏମ ୟୁନିଭର୍ସିଟିରେ ସାମୁଦ୍ରିକ ଜୈବବିଜ୍ଞାନ ଓ ଜୈବ ପ୍ରଯୁକ୍ତିବିଦ୍ୟା କେନ୍ଦ୍ର ଉଦ୍‌ଘାଟିତ



ବାଲେଶ୍ୱର,୭।୩ (ନି.ପ୍ର) : ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ସାମୁଦ୍ରିକ ଜୈବବିଜ୍ଞାନ ଓ ଜୈବ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର ଶନିବାର ଦିନ ଉଦଘାଟିତ ହୋଇଯାଇଛି । କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଡକ୍ଟର ଅରୁଣ କୁମାର ସାହୁ ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ସାମୁଦ୍ରିକ ଜୈବବିଜ୍ଞାନ ଓ ଜୈବ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ରକୁ ଉଦଘାଟନ କରିଥିଲେ । ସାମୁଦ୍ରିକ ଜୈବ ବିଜ୍ଞାନ କ୍ଷେତ୍ରରେ ଭାରତର ସାମର୍ଥ୍ୟ ରହିଥିବା ବେଳେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ, ଶୈବାଳ, ନୀଳରକ୍ତ କଙ୍କଡ଼ା ଓ ଅନ୍ୟାନ୍ୟ ସାମୁଦ୍ରିକ ଜୀବ ଏହି ଗବେଷଣା କେନ୍ଦ୍ର ପାଇଁ ଉତ୍ସ ଭାବେ ବ୍ୟବହାର ହୋଇପାରିବେ । ଏନେଇ ଏହି କେନ୍ଦ୍ରକୁ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଷଡ଼ଙ୍ଗୀ କହିଥିଲେ । ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ଡକ୍ଟର ସାହୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ପାଠ୍ୟପୁସ୍ତକ ଓ ପାଠ୍ୟକ୍ରମ ବହିର୍ଭୁତ ବିଷୟରେ ଜ୍ଞାନ ଆହରଣ କରି ବିଶ୍ୱକଲ୍ୟାଣରେ ବ୍ରତୀ ହେବାକୁ କହିଥିଲେ । ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଓ ସଦର ବିଧାୟକ ସ୍ୱରୂପ ଦାସ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି ଜୈବ ବିଜ୍ଞାନ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ଆଗାମୀ ଦିନରେ ଏଠାରୁ ବହୁ ଜୈବ ବିଜ୍ଞାନୀ ଉତ୍ତୀର୍ଣ୍ଣ ହୋଇ ରାଷ୍ଟ୍ର ତଥା ବିଶ୍ୱକଲ୍ୟାଣରେ ଉପଯୋଗୀ ହେବେ ବୋଲି କହିଥିଲେ । ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡକ୍ଟର ଦୀନବନ୍ଧୁ ସାହୁ ଏହି ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷତା କରିବା ସହିତ ସାମୁଦ୍ରକି ଜୈବ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଉଜ୍ଜଳ ଭବିଷ୍ୟତ ରହିଛି ବୋଲି କହିଥିଲେ । ଏହି ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା ସାଙ୍ଗକୁ ଆବଶ୍ୟକ ଆର୍ଥିକ ସହାୟତା ପ୍ରଦାନ ଦିଗରେ ଉଚିତ ପଦକ୍ଷେପ ନେବାକୁ ସେ ମନ୍ତ୍ରୀମାନଙ୍କୁ କହିଥିଲେ । ଶେଷରେ କୁଳସଚିବ ମାନସ କୁମାର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା ଓ ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ ।

## ବେଆଇନ ମୋରମ ଖନନ ଓ ଚୋରା ଚାଲାଣ ବେଳେ ଚଢ଼ଉ: ଜେସିବି, ଟ୍ରାକ୍ଟର ଜବତ

କେନ୍ଦୁଝର,୭।୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଶାଳପଡ଼ା ମହିଳା ମହାବିଦ୍ୟାଳୟ ପଛ ପାର୍ଶ୍ୱରୁ ବେଆଇନ ଭାବେ ମୋରମ ଖନନ କରାଯାଇ ଚୋରା ଚାଲାଣ ବେଳେ ଆଜି ଘଷିପୁରା ପୋଲିସ ପକ୍ଷରୁ ଚଢ଼ଉ କରାଯାଇଛି । ଘଟଣାସ୍ଥଳରୁ ଗୋଟିଏ ଜେସିବି, ଗୋଟିଏ ଟ୍ରାକ୍ଟର ଜବତ ହୋଇଛି ।

# କେନ୍ଦ୍ରାପଡା ନଗର ବିଜେପି କାର୍ଯ୍ୟକର୍ତ୍ତାଙ୍କ ପ୍ରଶିକ୍ଷଣ ଶିବିର

କେନ୍ଦ୍ରାପଡ଼ା,୭।୩ (ନି.ପ୍ର): ବିଜେପି କେନ୍ଦ୍ରାପଡା ନଗର ମଣ୍ଡଳ କାର୍ଯ୍ୟକର୍ତା ମାନଙ୍କର ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି । ନଗର ସଭାପତି ଦିଲିପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରକୁ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବିଜେପି ରାଷ୍ଟ୍ରୀୟ ପରିଷଦ ସଦସ୍ୟ ବୈଦନାଥ ଚାଟାର୍ଜୀ, ରାଜ୍ୟ ପରିଷଦ ସଦସ୍ୟ ସୁନାକର ବେହେରା, ଜିଲ୍ଲା ଉପ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ପୂର୍ବତନ ଉପ ସଭାପତି ନୃସିଂହ ପତି, ସାଧାରଣ ସଂପାଦକ ଅଭିମନ୍ୟୁ ଗୋଛାୟତ, ପୂର୍ବତନ କାଉନସିଲର ସମୀର ଦାସ, ଜିଲ୍ଲା ସଂପାଦକ ଅମିତାବ ସୁଆର, ସଂଖ୍ୟାଲଘୁ ମୋର୍ଚ୍ଚାର ସଭାପତି ସେକ୍ ବୁରହାନ ଅଲ୍ଲୀ, ଆଇଟି ସେଲର ସଂଯୋଜକ ମୁକ୍ତିକାନ୍ତ ସ୍ୱାଇଁ, ମିଡିଆ ସେଲ୍ ସଂଯୋଜକ ନେହେରୁ ସାହୁ ପ୍ରମୁଖ ନେତୃମଣ୍ଡଳୀ ଯୋଗ ଦେଇ ବିଜେପିର ଇତିହାସ ଓ ବିକାଶ , ମୋଦୀ ସରକାରଙ୍କ ସଫଳତା, ଆଗାମୀ ପୌର ନିର୍ବାଚନ ଓ ସାଂଗଠନିକ ବିସ୍ତାର ପାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ପଦ୍ମ ଲୋଚନ ମହାପାତ୍ର, ଗୌତମ ପୃଷ୍ଟି, ସୁବାଷ ସାହୁ, ଜୟରାମ ସାହୁ, ସସ୍ମିତା ସାହୁ, ଦିପ୍ତିମୟୀ ସାହୁ, ରଞ୍ଜିତ୍ ସିଂହ, ଚିତ ରଞ୍ଜନ କର, ଦେବେନ୍ଦ୍ର ଜେନା, ସଂଦିପନି ଆର୍ଯ୍ୟ କୁମାର, କରୁଣାକର ସାହୁ, ମହମ୍ମଦ ଆଜାରୁଦ୍ଦିନ୍, ମହମ୍ମଦ ରିଆଜ ଅହମ୍ମଦ, ସେକ ସନାଉଲ୍ଲା, ସେକ ରିହାନ, ସାହିଲ ହୋସେନ, ଆସଫାକ ଆଲମ, ମହମ୍ମଦ ଆଜମଲ ଖାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ପୌଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କଲେ ବିଧାୟକ

ଜୟପୁର,୭।୩ (ନି.ପ୍ର): ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ପୌଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ କରିଛନ୍ତି ବିଧାୟକ ତାରା ପ୍ରସାଦ ବାହିନିପତି । ଏନେଇ ବିଧାୟକ ଘୋଷଣା କରିଛନ୍ତି । ଏହା ସହ ବିଦ୍ୟାଳୟରେ ଶନିବାର ପୋଷାକ ଓ ଜୋତା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଉପସ୍ଥିତ ରହି ପୋଷାକ ଓ ଜୋତା ବଂଟନ କରିଥିଲେ । ବିଦ୍ୟାଳୟର ଷଷ୍ଠ ରୁ ଅଷ୍ଟମ ଶ୍ରେଣିର ଛାତ୍ରୀଙ୍କୁ ବଂଟନ କରିଥିଲେ ଏବଂ ଏହା ସହ ବିଦ୍ୟାଳୟର ସର୍ବାଙ୍ଗିନ ଉନ୍ନତି ପାଇଁ ପୌଷ୍ୟ ଭାବେ ଗ୍ରହଣ କରିଥିଲେ । ବିଧାୟକ ବାହିନିପତି ଛାତ୍ରୀଙ୍କୁ ଭଲ ନାଗରିକ ହେବା ସହ ୧୦ ମ ଶ୍ରେଣୀ ପରୀକ୍ଷା ନିଜର ସର୍ବୋତମ ପ୍ରଦର୍ଶନ କରିବାକୁ ଉତ୍ସାହିତ କରିଥିଲେ । ବିଧାୟକଙ୍କ ବାର୍ତା ଓ ତାଙ୍କ ଉପସ୍ଥିତି ଖୁସି ପ୍ରକଟ କରିଥିଲେ । ବୈଠକ କୁ ବାଳିକା ଉଚ୍ଚ ବିଦ୍ୟାଳୟର ଭାର ପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ମଞ୍ଜୁ ବାଳା ମୁନି ପରିଚାଳନା କରିଥିବା ବେଳେ ବରିଷ୍ଠ ଶିକ୍ଷକ ନିରାକାର ପରିଛା, ଏସଏମଟି ସବିତା ପଟ୍ଟନାୟକ ସହ ସମସ୍ତ ଶିକ୍ଷୟତ୍ରୀ ଓ ଶିକ୍ଷକ ସହଯୋଗ କରିଥିଲେ ।

## ରାଧାରାଣୀ ମହିଳା ସଂଘ 'ପ୍ରବାଦପୁରୁଷ ସମ୍ମାନ'ରେ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୭।୩ (ନି.ପ୍ର): ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଭୁବନେଶ୍ୱରସ୍ଥିତ ବିଜୁ ଆଦର୍ଶ ଭୂମିପୁତ୍ର ସଂଗଠନ ତରଫରୁ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଆଚାର୍ଯ୍ୟ ବିହାରସ୍ଥିତ ରାଧାରାଣୀ ମହିଳା ସଂଘକୁ 'ପ୍ରବାଦପୁରୁଷ ସମ୍ମାନ-୨୦୨୧'ରେ ସମ୍ମାନିତ କରାଯାଇଛି । ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର କର୍ମକର୍ତାମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସଂଘର ସଭାପତି, ସଂପାଦକ ଏବଂ କର୍ମକର୍ତାମାନେ ଉପସ୍ଥିତ ରହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ ।

## ଲୋକାୟୁକ୍ତର ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ମିଳିବନି ପୁନଃନିଯୁକ୍ତି

ଭୁବନେଶ୍ୱର,୭।୩ (ନି.ପ୍ର): ଓଡିଶା ଲୋକାୟୁକ୍ତ ଅଧିନିୟମ ୨୦୧୪ (୨୦୧୮ର ଓଡିଶା ଅଧିନିୟମ୧୨) ସଂଶୋଧନକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ବର୍ତମାନ ଅଧ୍ୟକ୍ଷ ଓ ସଦସ୍ୟମାନେ ପଦ ନିବୃତ ହେବା ପରେ କୌଣସି ଲୋକାୟୁକ୍ତର ଅଧ୍ୟକ୍ଷ ଓ ସଦସ୍ୟଭାବେ ପୁନଃ ଅବସ୍ଥାପନ ଓ ବିଧି ବ୍ୟବସ୍ଥା ଅନୁଯାୟୀ ରାଜ୍ୟପାଳଙ୍କ ଦ୍ୱାରା ନ୍ୟସ୍ତ କରାଯାଉଥିବା ଦାୟିତ୍ୱ ବା ନିଯୁକ୍ତି ପାଇଁ ଯୋଗ୍ୟ ହୋଇପାରିବେ ନାହିଁ । ସେମାନଙ୍କର କାର୍ଯ୍ୟକାଳ ସମାପ୍ତି ପରେ ରାଜ୍ୟ ବାହାରେ ପୁନଃ ନିଯୁକ୍ତି ପାଇଁ ବାରଣ କରୁଥିବା ବ୍ୟବସ୍ଥାକୁ ସଂଶୋଧନ କରିବାକୁ ପ୍ରସ୍ତାବ କରାଯାଇଛି ।

# ୧୦ଟି ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ୍ ଅନୁମୋଦନ

ଭୁବନେଶ୍ୱର,୭।୩ (ନି.ପ୍ର): ଢେଙ୍କାନାଳ ଜିଲ୍ଲାରେ ୨ ଟି ଗ୍ରାମୀଣ ପାନୀୟ ଜଳ ପ୍ରକଳ୍ପକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି । ଏଥିପାଇଁ ୨୯୬ କୋଟି ୯୩ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି ।ଏହାଦ୍ୱାରା ଗଁଦିଆ ବ୍ଲକ୍ ର ୨୯ ଗ୍ରାମପଂଚାୟତ , ସଦର ବ୍ଲକ୍ ର ୧୧ ଟି ପଂଚାୟତ ,ଭୁବନ ବ୍ଲକ୍ ର ୧୮ଟି ପଂଚାୟତ ଓକାମାକ୍ଷାନଗର ବ୍ଲକ୍ ର ଲୋକ ଉପକୃତ ହେବେ । ୨୪ ମାସରେ ଏହି ପ୍ରକଳ୍ପ ଶେଷ ହେବ । ସମ୍ବଲପୁର ଜିଲ୍ଲାର ୨୬ ଟି ଗ୍ରାମଂଚାୟତ ଓ ଝାରସୁଗୁଡା ଜିଲ୍ଲାର ୨ ଟି ଗ୍ରାମପଂଚାୟତ ପାଇଁ ଗୋଟିଏ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ କ୍ୟାବିନେଟ୍ ନିଷ୍ପତି ନେଇଛି । ଏଥିପାଇଁ ୧୮୮ ଲକ୍ଷ ୩୮ ଲକ୍ଷ ୬୩ ହଜାର ଟଙ୍କା ଖର୍ଚ୍ଚ ହେବ । କଳାହାଣ୍ଡି ଜିଲ୍ଲାର ଗୋଲାମୁଣ୍ଡା ବ୍ଲକ୍ ରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ କ୍ୟାବିନେଟ୍ ନିଷ୍ପତି ନେଇଛି ଏଥିରେ ୨୮ଟି ଗ୍ରାମପଂଚାୟତର ୧,୩୦,୫୫୫ ଜଣ ଲୋକ ଉପକୃତ ହେବେ । ଏଥିପାଇଁ ୧୭୭ କୋଟି ୮୩ ଲକ୍ଷ ୫୦ ହଜାର ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି । ଯାଜପୁର ଜିଲ୍ଲା ରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ପାଇଁ ରାଜ୍ୟ କ୍ୟାବିନେଟ୍ ନିଷ୍ପତି ନେଇଛି । ଏଥିରେ ଜିଲ୍ଲାର ୫ ଟି ବ୍ଲକ୍ ର ୫୩ଟି ଗ୍ରାମପଂଚାୟତର ୩,୨୩ ,୭୧୦ ଜଣ ଲୋକ ଉପକୃତ ହେବେ । ଏଥିପାଇଁ ୨୪୫ କୋଟି ୯୮ଲକ୍ଷ ୫୦ ହଜାର ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି । ସେହିପରି ଖୋର୍ଦ୍ଧା ଜିଲ୍ଲାରେ ଦୁଇ ଗୋଟି ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ନିବିଦାକୁ ମଂଜୁରୀ ଦିଆ ଯାଇଛି । ରାଜ୍ୟ କ୍ୟାବିନେଟରେ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆ ଯାଇଛି । ଏଲ ଏଣ୍ଡ ଟି କମ୍ପାନୀ କୁ ୩୪୮ କୋଟି ୧୦ ଲକ୍ଷ ଟଙ୍କାର ନିବିଦାକୁ ଅନୁମୋଦନ କରା ଯାଇଛି । ଏହି ପ୍ରକଳ୍ପରେ ୬ଟି ବ୍ଲକର ୭୭ଟି ଗ୍ରାମ ପଂଚାୟତର ୫୦୫ ଗ୍ରାମର ଗ୍ରାମବାସୀ ଉପକୃତ ହେବେ । ୨୪ ମାସ ମଧ୍ୟରେ ଏହି ପ୍ରକଳ୍ପର କାମ ସରିବ । କେନ୍ଦ୍ରାପଡା ଜିଲ୍ଲାରେ ଦୁଇ ଗୋଟି ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ନିବିଦାକୁ ମଂଜୁରୀ ଦିଆ ଯାଇଛି । ରାଜ୍ୟ କ୍ୟାବିନେଟରେ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦିଆ ଯାଇଛି । ଏଲ ଏଣ୍ଡ ଟି କମ୍ପାନୀ କୁ ୨୨୭ କୋଟି ୯୧ ଲକ୍ଷ ୪୦ ହଜାର ଟଙ୍କାର ନିବିଦାକୁ ଅନୁମୋଦନ କରା ଯାଇଛି । ଏହି ପ୍ରକଳ୍ପରେ ଏହି ଜିଲ୍ଲାର ୪ ଟି ବ୍ଲକର ୬୫ ଟି ଗ୍ରାମ ପଂଚାୟତର ୨୭୪ ଗ୍ରାମର ଗ୍ରାମବାସୀ ଉପକୃତ ହେବେ ।
ହାଇଦ୍ରାବାଦର ମେଘା ଇଂଜିନିୟରିଂ ଓ ଇନଫ୍ରାଷ୍ଟ୍ରକଚର ଲିମିଟେଡ୍ ଏହି ସମସ୍ତ ପ୍ରକଳ୍ପ ନିର୍ମାଣକରିବ ଏବଂ ଏଥିପାଇଁ ୨୪ ମାସ ସମୟସୀମା ଧାର୍ଯ୍ୟ କରାଯାଇଛି ।

# ଆନ୍ତର୍ଜାତୀୟ ମହିଳା ଦିବସ ପାଇଁ ପ୍ରତିଯୋଗିତା

ଜୟପୁର,୭।୩ (ନି.ପ୍ର): ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟର ୱାଇଆରସି ଓ ଏନଏସଏସ ଶାଖା ଆନୁକୁଲ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ମହିଳା ଦିବସର ମହତ୍ୱ ଓ ପ୍ରାସଙ୍ଗିକତା ସମ୍ବନ୍ଧରେ ଛାତ୍ରୀ ମାନଙ୍କୁ ଅବଗତ କରାଇବା ନିମନ୍ତେ ବକ୍ତୃତା, ଚିତ୍ରାଙ୍କନ ଓ ପାରମ୍ପରିକ ବେଶ ଭୁଷାରେ ପ୍ରଦର୍ଶନି ଅନୁଷ୍ଠିତ ହୋଇଛି । ପାରମ୍ପରିକ ବେଶ ଭୁଷା ପ୍ରଦର୍ଶନିରେ ଛାତ୍ରୀ ମାନେ ଆଦର୍ଶ ଓଡିଆ ବହୁ, ବଙ୍ଗାଳି ମହିଳା, ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକ ଓ ଅନ୍ୟ ରାଜ୍ୟର ପାରମ୍ପରିକ ପୋଷାକରେ ନିଜ କଳା, କୌଶଳ ପ୍ରଦର୍ଶନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମରେ ମହିଳା କଲେଜ ଅଧ୍ୟକ୍ଷା ମନରୋମା ଦେବି ଯୋଗଦାନ କରିଥିବା ବେଳେ ୱାଇଆରସି କାଉନସିଲର କନକ ଲତା ମହାପାତ୍ର, ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ରାଜ ଲକ୍ଷ୍ମୀ ଭୋଳ, ମନରୋଞ୍ଜନ ପ୍ରଧାନ, ଶିବା ନନ୍ଦ ପ୍ରଧାନ କାର୍ଯ୍ୟକ୍ରମର ଆୟୋଜକ ଥିଲେ । ଅଧ୍ୟାପିକା ସିମା ମହାପାତ୍ର, ସୁନିତା ପ୍ରଧାନ, ବରିଷ୍ଠ ଅଧ୍ୟାପକ ଶିବ ପ୍ରସାଦ ଜେନା, ବିବେକା ନନ୍ଦ ସୁନା, ଡମ୍ବୁର ଧର ଦାସ, ଆନ୍ଧ୍ରୀୟା ସବର, ରଶ୍ମିତା ସ୍ୱାଇଁ , ଆଲୋକ ମହାରାଣା, ବିକ୍ରମ ହରିଜନ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ସହ ଯୋଗ କରିଥିଲେ । ମାର୍ଚ୍ଚ ୮ ତାରିଖରେ ହେବାକୁ ଥିବା ଆନ୍ତର୍ଜାତୀୟ ମହିଳା ଦିବସରେ ପ୍ରତ୍ୟେକ ବିଭାଗରେ ୩ ଜଣଙ୍କୁ ପୁରଷ୍କୃତ କରାଯିବ ।

## ଲିକେଜ୍ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗାଈ ମୃତ

କୋରେଇ,୭।୩ (ନି.ପ୍ର): ଯାଜପୁର ଜିଲ୍ଲା ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଂଚାୟତର ସୋତି ଗ୍ରାମର ଟୋଲପ୍ଲାଜା ନିଟରେ ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଏକ ଗାଈର ମୃତ୍ୟୁ ହୋଇଛି । ପ୍ରକାଶ ଯେ, ୧୬ ନମ୍ବର ଜାତୀୟ ରାଜପଥ କଡରେ ଟୋଲଗେଟ ଠାରେ ଯାତ୍ରୀ ମାନଙ୍କ ଶୌଚ ପାଇଁ କରାଯାଇଥିବା ପାଇଖାନାକୁ ବେଆଇନ ଭାବେ ନିକଟସ୍ଥ ଟ୍ରାନ୍ସଫରମରରୁ ହୁକ ପକାଯାଇ ତାର ଟଣାଯାଇଥିଲା । ଯେଉଁ ତାରଟି ଟ୍ରାନ୍ସଫରମର ଠାରୁ ମାଟିରେ ପକାଯାଇ ଅଣାଯାଇଥିଲା ଯାହା କେହି ଦେଖିପାରିବେ ନାହିଁ । ଉକ୍ତ ତାରରେ ଲିକେଜ ଥିବାରୁ ଗାଇଟି ଚରୁଥିବା ବେଳେ ଏହି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲା । ଫଳରେ ବିଦ୍ୟୁତ ଆଘାତରେ ଘଟଣାସ୍ଥଳରେ ତାର ମୃତ୍ୟୁ ହୋଇଥିଲା ।

## କେନ୍ଦ୍ରୀୟ ନାରୀ ସଦନ ପରିସରରେ ଅଗ୍ନିକାଣ୍ଡ

ଗଞ୍ଜାମ,୭।୩ (ନି.ପ୍ର) :ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସ୍ଥିତ କେନ୍ଦ୍ରୀୟ ନାରୀ ସଦନ ପରିସରରେ ଘଟିଛି ଅଗ୍ନିକାଣ୍ଡ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲେ । ତେବେ ନିଆଁ ଲାଗିବାର କାରଣ ଅଦ୍ୟାବଧି ଅସ୍ପଷ୍ଟ ରହିଛି ।

# ସଂସଦରେ ମହିଳା ବିଲ୍‌କୁ ପାରିତ କରିବାକୁ ବିଜେଡି ଉଦ୍ୟମ କରୁ : ନିରଞ୍ଜନ ପଟ୍ଟନାୟକ



ଭୁବନେଶ୍ୱର,୭।୩ (ନି.ପ୍ର): କଂଗ୍ରେସ ଦଳ ସର୍ବଦା ମହିଳାମାନଙ୍କ ବିକାଶ ପାଇଁ କାର୍ଯ୍ୟ କରି ଆସିଛି । ମହିଳାମାନଙ୍କୁ ସବୁ କ୍ଷେତ୍ରରେ ଅଗ୍ରାଧିକାର ପ୍ରଦାନ କରିଛି । ରାଜ୍ୟ ତଥା ଦେଶର ମୁଖ୍ୟମନ୍ତ୍ରୀ ଠାରୁ ଆରମ୍ଭ କରି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ବାଚସ୍ପତି ପ୍ରଭୃତି ପଦବୀରେ କଂଗ୍ରେସ ଦଳ ମହିଳାମାନଙ୍କୁ ଅବସ୍ଥାପିତ କରିଛି ବୋଲଇ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ପ୍ରେସ୍ ବିବୃତିରେ କହିଛନ୍ତି । ବିଜେଡି ସରକାର ସର୍ବଦା ମହିଳାମାନଙ୍କର ଉନ୍ନତି ପାଇଁ କାର୍ଯ୍ୟ କରୁଛି ବୋଲି ଡିଣ୍ଡିମ ପିଟୁଛି ଏବଂ ଗାଁକୁ କାମ- ମା'କୁ ସମ୍ମାନର ନାରା ଦେଇ ଚାଲିଛି । କେନ୍ଦ୍ର ବିଜେପି ସରକାରଙ୍କୁ ସବୁ କ୍ଷେତ୍ରରେ ବିଜେଡି ଦଳ ସଂସଦରେ ସମର୍ଥନ କରି ଆସିଛି । ରାଜ୍ୟ ସରକାରଙ୍କର ଯଦି ଓଡିଶାର ମା'ଭଉଣୀଙ୍କ ପ୍ରତି ପ୍ରକୃତରେ ଦରଦ ଓ ଆନ୍ତରିକତା ଥାଏ ତେବେ ବିଜେଡି ଦଳ ବିଜେପି ଉପରେ ଚାପ ପକାଇ ସଂସଦରେ ମହିଳା ସଂରକ୍ଷଣ ବିଲ୍‌କୁ ପାରିତ କରିବାକୁ ଉଦ୍ୟମ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

# ଉତ୍ସାହର ସହ ବଡଦାଣ୍ଡ ସେବା ଆରମ୍ଭ

## ନାଚ, ଗୀତ ଓ ବାଲୁକା କଳାରେ ସଚେତନତାର ବାର୍ତ୍ତା

ପୁରୀ,୭।୩ (ନି.ପ୍ର): ପବିତ୍ର ବଡଦାଣ୍ଡକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବଡଦାଣ୍ଡ ସେବା କାର୍ଯ୍ୟକ୍ରମ ଆଜି ଆରମ୍ଭ ହୋଇଛି । ସକାଳେ ସାଢେ ୬ରୁ ସାଢେ ୮ଟା ପର୍ଯ୍ୟନ୍ତ ଏହି ସେବା ସିଂହଦ୍ୱାର ଠାରୁ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା । ବଡଦାଣ୍ଡକୁ ୫ଟି ଜୋନରେ ବିଭକ୍ତ କରାଯାଇଥିଲା । ଶ୍ରୀମନ୍ଦିର କାର୍ଯ୍ୟାଳୟଠାରୁ ମରଚିକୋଟ ଛକ, ମରଚିକୋଟଠାରୁ ମାର୍କେଟ ଛକ, ମାର୍କେଟଛକରୁ ଡାକ୍ତରଖାନା ଛକ, ଡାକ୍ତରଖାନା ଛକରୁ ବଡଶଙ୍ଖ ଓ ବଡଶଙ୍ଖରୁ ଗୁଣ୍ଡିଚାଘର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ, ଛାତ୍ରଛାତ୍ରୀ, ସରକାରୀ କର୍ମଚାରୀ, ପୌରସଂସ୍ଥା କର୍ମଚାରୀ, ବ୍ୟବସାୟୀ ସଂଘ, ପର୍ଯ୍ୟଟକ ଓ ଜନସାଧାରଣ ସାମିଲ ହୋଇଥିଲେ । ଏହାସହ ବିଭିନ୍ନ ଜୋନରେ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସହରକୁ ସଫା ରଖିବା, ପ୍ଲାଷ୍ଟିକ୍ ମୁକ୍ତ ସହର କରିବା ଆଦି ଜନସାଧାରଣଙ୍କୁ ସଚେତନ କରାଯାଇଥିଲା । ଅନୁଷ୍ଠିତ ହୋଇଥିଲା । ପାଲା, ଧୁଡୁକି ନାଚ, ଘୋଡାନାଚ, ଓଡିଶୀ ନୃତ୍ୟ, ଗୋଟିପୁଅ ନୃତ୍ୟ, ରଙ୍ଗୋଲି, କୁଇଜ୍, ବକ୍ତୃତା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସିଂହଦ୍ୱାର ଠାରେ ଜିଲ୍ଲାପାଳ ସମର୍ଥ ବର୍ମା ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏସପି କେ ଭିଶାଲ ସିଂ, ଉପଜିଲ୍ଲାପାଳ ଭବତାରଣ ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାସ, ଅତିରିକ୍ତ ପୌର ଅଧିକାରୀ ପ୍ରମୁଖ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରାଜମିସ୍ତ୍ରୀଙ୍କୁ ହତ୍ୟା ଘଟଣା : ୬ ଗିରଫ

ବଲାଙ୍ଗିର,୭।୩ (ନି.ପ୍ର): ରାଜମିସ୍ତ୍ରୀଙ୍କୁ ହତ୍ୟା ଘଟଣାରେ ୬ ଜଣଙ୍କୁ ଗିରଫ କରିଛି ବଲାଙ୍ଗିର ଟାଉନ୍ ଥାନା ପୋଲିସ । ମଦ ଓ ମାଂସକୁ ନେଇ ପ୍ରଥମେ ବଚସା ଓ ପରେ ହତ୍ୟାକାଣ୍ଡ ଘଟିଥିବା ସୂଚନା ମିଳିଛି । ମୃତକ ଓ ସମସ୍ତ ଅଭିଯୁକ୍ତ ପଶ୍ଚିମବଙ୍ଗ ମୁର୍ଶିଦାବାଦ ଅଂଚଳର ହୋଇଥିବା ଜଣାପଡିଛି । ଟାଉନ୍ ଥାନା ଅନ୍ତର୍ଗତ ଗେଟ୍ ସରୋବରପଡ଼ା ନାଳ ଭିତରୁ ଜଣେ ରାଜମିସ୍ତ୍ରୀଙ୍କ କ୍ଷତବିକ୍ଷତ ମୃତଦେହ ଗତକାଲି ଉଦ୍ଧାର ହୋଇଥିଲା । ତାଙ୍କୁ ହତ୍ୟା କରିବା ପରେ କେହି ଏଠାରେ ଫିଙ୍ଗି ଦେଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା । ମାମଲାରେ ଏମାନଙ୍କର ସମ୍ପୃକ୍ତି ରହିଥିବା ଜାଣିବା ପରେ ପୋଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲା ।

## ଟ୍ରକ୍ - ଅଟୋ ଧକ୍କା : ୪ ଗୁରୁତର

ବୌଦ୍ଧ,୭।୩ (ନି.ପ୍ର): ୫୭ ନଂ ଜାତୀୟ ରାଜପଥର ଗୁଦଗୁଦା ଛକ ନିକଟରେ ଆଜି ଏକ ଟ୍ରକ୍ ଓ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଜଣ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ମାନଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ବାଉଁଶୁଣି ମେଡ଼ିକାଲରେ ଭର୍ତି କରାଯାଇଛି ।

# ଭବାନୀପାଟଣା ସହରରେ ଜିଲ୍ଲା ଦୌରାଜଜଙ୍କ ନୂତନ କୋର୍ଟ କୋଠା ଉଦ୍‌ଘାଟନ

ଭବାନୀପାଟଣା,୭।୩ (ନି.ପ୍ର): କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ସହରରେ ଆଜି ଜିଲ୍ଲା ଦୌରାଜଜଙ୍କ ନୂତନ କୋର୍ଟ କୋଠା ଉଦଘାଟନ ହୋଇଯାଇଛି । ଏହି ଉଦଘାଟନୀ ସମାରୋହରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏସ. ମୁରଲୀଧର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଓଡ଼ିଶା ହାଇକୋର୍ଟର ଅନ୍ୟତମ ବିଚାରପତି ଏସ.କେ. ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କଳାହାଣ୍ଡି ଜିଲ୍ଲା ଦୌରାଜଜ୍ କୋର୍ଟର ବିଚାରପତି ପ୍ରଦୀପ ପଟ୍ଟନାୟକ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ । ଏହି ଅବସରରେ କଳାହାଣ୍ଡି ଓକିଲ ସଂଘର ତିନି ଜଣ କର୍ମକର୍ତା ମାୟାଧର ମୁଣ୍ଡ, ସତ୍ୟନାରାୟଣ ସେଠ୍ ଓ ଜଗନ୍ନାଥ ମୁଣ୍ଡଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା ।
ଏହାପରେ କଳାହାଣ୍ଡି ଓକିଲ ସଂଘର ସମସ୍ତ ସଦସ୍ୟ ମାନଙ୍କ ସହିତ ମୁଖ୍ୟ ବିଚାରପତି ମୁରଲୀଧର ବାର୍ ଆସୋସିଏସନ ପାଇଁ ଭିତି ପ୍ରସ୍ତର ସ୍ଥାପନ କରିବା ସହିତ କୋର୍ଟ ପରିସରରେ ବୃକ୍ଷରୋପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡଃ. ଗାଭାଲି ପରାଗ ହର୍ଷଦ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଡଃ. ଶ୍ରବଣ ବିବେକ ଏମ୍. ଏବଂ ଶତାଧିକ ଓକିଲ, ସାମ୍ବାଦିକ ଓ ସରକାରୀ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।
ଏହି କୋର୍ଟ ଉଦଘାଟନ ହେବା ପରେ କଳହାଣ୍ଡି ଜିଲ୍ଲାବାସୀଙ୍କ ଦୀର୍ଘ ଦିନ ସ୍ୱପ୍ନ ପୂରଣ ହୋଇଛି ।

# ମଡର୍ଣ୍ଣ ପବ୍ଲିକ ସ୍କୁଲରେ ପରୀକ୍ଷାମୂଳକ ଶିକ୍ଷାଦାନ ଉଦ୍ୟମ

## ବିଦ୍ୟାଳୟ ପକ୍ଷରୁ ବଟାନିକାଲ ଗାର୍ଡେନ ପ୍ରସ୍ତୁତି ଜାରି

ବାଲେଶ୍ୱର,୭।୩ (ନି.ପ୍ର) : କେନ୍ଦ୍ର ସରକାରଙ୍କ ନୂତନ ଶିକ୍ଷାନୀତିକୁ ବାସ୍ତବବାଦୀ କରିବା ଓ ଜ୍ଞାନ ତଥା ବିଦ୍ୟା ଆହୋରଣ ପାଇଁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ନିମନ୍ତେ ବାଲେଶର ମଡର୍ଣ୍ଣ ପବ୍ଲିକ ସ୍କୁଲ ପକ୍ଷରୁ ଆରମ୍ଭ ହୋଇଛି ସ୍ୱତନ୍ତ୍ର ଉଦ୍ୟମ । ବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ପକ୍ଷରୁ ଏକ ବୋଟାନିକାଲ ଗାର୍ଡେନ ପ୍ରସ୍ତୁତି ସହ ସମ୍ପ୍ରତି ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷରୋପଣ ଚାଲିଛି । ଏହି ପରିପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷା ପ୍ରଜ୍ଞା ପାରମିତା ପୃଷ୍ଟି ଚାରାରୋପଣ ସହ ଗାର୍ଡେନ ପ୍ରସ୍ତୁତି ଶୁଭାରମ୍ଭ କରିଥିଲେ । ଛାତ୍ରଛାତ୍ରୀମାନଙ୍କୁ ଉଦ୍ଭିଦ ବିଜ୍ଞାନର ପ୍ରକୃତ ତତ୍ତ୍ୱ ସମ୍ପର୍କରେ ଶିକ୍ଷାଦାନ ପାଇଁ ଗାର୍ଡେନ ପ୍ରସ୍ତୁତ କରାଯାଉଛି ବୋଲି ଅଧକ୍ଷା ଶ୍ରୀମତୀ ପୃଷ୍ଟି କହିଥିଲେ । ଅନ୍ୟପକ୍ଷରେ ନୂତନ ଶିକ୍ଷାପଦ୍ଧତି ଅନୁସାରେ ପରୀକ୍ଷାମୂଳକ ତଥା ଦକ୍ଷତା ଭିତ୍ତିକ ଶିକ୍ଷାଦାନ ପାଇଁ ବିଦ୍ୟାଳୟ ପକ୍ଷରୁ ଏହି ଭଳି ପ୍ରଚେଷ୍ଟା ଜାରି ରହିଛି ବୋଲି ଶିକ୍ଷୟତ୍ରୀ ମୀତାଲି ଗିରି ପ୍ରକାଶ କରିଛନ୍ତି । ଏହି ଗାର୍ଡେନରେ ଛାତ୍ରଛାତ୍ରୀଙ୍କ ପାଠ୍ୟକ୍ରମରେ ବର୍ଣ୍ଣିତ ବିଭିନ୍ନ ପ୍ରକାରର ଔଷଧିୟ ଫୁଲ ଓ ଫଳ ସହ ଦୈନନ୍ଦିନ ବ୍ୟବହାରରେ ଆସୁଥିବା ବୃକ୍ଷର ଚାରା ରୋପଣ କରାଯାଇଛି । ସେଠାରେ ପ୍ରତ୍ୟେକ ବୃକ୍ଷକୁ ବୋଟାନିକାଲ ନାମ ଅନୁସାରେ ଚିହ୍ନିତ କରାଯାଇଛି । ଛାତ୍ରୀଛାତ୍ରୀମାନେ ଶ୍ରେଣୀଗୃହରେ ପଢିବା ସମୟରେ ଯଦିଓ ଗଛର ଚିତ୍ର ବା ସ୍ୱରୂପ ଦେଖିଥାନ୍ତି ମାତ୍ର କିପରି ମଞ୍ଜିରୁ ଗଛଟି ସୃଷ୍ଟି ହୁଏ, ଗଛ କିପରି ରୋପଣ ହୁଏ, ପରେ କିପରି ଗଛ କିପରି ବଡ଼ ହୋଇ ଫୁଲ ବା ଫଳ ପ୍ରଦାନ କରେ ସେ ସମ୍ପର୍କରେ ସମ୍ପୂର୍ଣ୍ଣ ଜ୍ଞାନ ଆରୋହଣ ପାଇଁ ଏହି ଗାର୍ଡେନ ପ୍ରସ୍ତୁତି ନିମନ୍ତେ ନିଷ୍ପତି ନିଆଯାଇଛି ବୋଲି ଜୀବ ବିଜ୍ଞାନ ଶିକ୍ଷୟିତ୍ରୀ ସଞ୍ଜୀବନୀ ଦାସ କହିଥିଲେ । ଏଥି ସହିତ ପରିବେଶ ସୁରକ୍ଷା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଚାରାରୋପଣ ନିମନ୍ତେ ଏହା ସୁଯୋଗ ସୃଷ୍ଟି କରିବ ବୋଲି ବିଦ୍ୟାଳୟ ପକ୍ଷରୁ କୁହାଯାଇଛି । ବିଦ୍ୟାଳୟ ପରିସରକୁ ସବୁଜିମା କରିବା, ପ୍ରକୃତି ସହ ଛାତ୍ରଛାତ୍ରୀଙ୍କ ସମନ୍ୱୟ ରଖିବା ପାଇଁ ଏହିଭଳି ଉଦ୍ୟମ ଜାରି ରହିଥିବା ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି ।

# ଆନ୍ତର୍ଜାତିକ ଦୃଶ୍ୟପଟରେ ଭାରତୀୟ ନାରୀ




ବିପିନ ବିହାରୀ ମହାନ୍ତି


ଯେଉଁ କଥାଟି ସମୟକ୍ରମେ ଅବହେଳିତ ହୋଇଯାଏ, ଯେଉଁ ବ୍ୟକ୍ତି ବିଶେଷଙ୍କ ପ୍ରତି ଯଦି ଯଥୋଚିତ ସମ୍ମାନ ପ୍ରଦର୍ଶନ କରାନଯାଏ, ସେ କ୍ଷେତ୍ରରେ ଉକ୍ତ ପରିବେଶ ବା ସାମାଜିକ ଶୃଙ୍ଖଳା ମଧ୍ୟରେ ନାନା ବିଭ୍ରାଟ ଘଟି ସନ୍ତୁଳନରେ ବ୍ୟାଘାତ ଆସେ । ପରବର୍ତ୍ତୀ ସମୟରେ ଏହାର ପୂର୍ବବସ୍ଥାକୁ ଫେରାଇ ଆଣିବାକୁ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆନ୍ତର୍ଜାତିକ ବା ଜାତୀୟ ସ୍ତରରେ ନାନା ପ୍ରଚେଷ୍ଟା କରାଯାଏ ଏବଂ ଏଥିପାଇଁ ନିର୍ଦ୍ଦିଷ୍ଟ ଦିବସ ବା ସମୟକୁ ସମ୍ମାନ ଦେଇ ପାଳନ କରାଯାଏ ଓ ସେହି ଉଦ୍ଦେଶ୍ୟକୁ ନେଇ ଦିବସ ବା ସମୟକୁ ନାମିତ କରାଯାଏ । ଏହିପରି ଆନ୍ତର୍ଜାତିକ ବା ଜାତୀୟ ସ୍ତରରେ ଯେତେ ଦିବସ ପାଳନ କରାଯାଏ, ସେମାନଙ୍କ ମଧ୍ୟରେ ମହିଳା ଦିବସ ଅନ୍ୟତମ । ଏହି ଦିବସଟି ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତିକ ସ୍ତରରେ ପାଳିତ ହୁଏ ।

ନାରୀହିଁ ଆଦ୍ୟାଶକ୍ତି, ଈଶ୍ୱରୀ । ସେ ଆମ ପାଖରେ ଦେବୀ, ଜନ୍ମଦାତ୍ରୀ, ଭଗିନୀ, ଜାୟା ଏବଂ ଧାତ୍ରୀ ରୂପେ ସଦ୍ୟ ବିଦ୍ୟମାନ । ସେ କେବେ ସେବିକା ତ କେବେ ପୁଣି ପ୍ରେମିକା ରୂପେ ପ୍ରେମ ଆହ୍ଲାଦିନୀ । କେବେ ସୃଜନର କର୍ତ୍ତୀ ତ କେବେ ଅନ୍ୟାୟ ଏବଂ ଅତ୍ୟାଚାର ବିରୁଦ୍ଧରେ ଦୁର୍ଗା, ସଂହାର କାରିଣୀ; ଆଉ କେତେବେଳେ ସେ ବିପଦ ନାଶିନୀ, ମା' ତାରିଣୀ ଓ ଅଭୟ ଦାୟିନୀ ।

ବୈଦିକ ଯୁଗରୁ ନାରୀର ସ୍ଥାନ ସମାଜରେ ପୁରୁଷ ସହିତ ସମାନ ଥିଲା । ସେ ପୁରୁଷର ଦୁଃଖ-ସୁଖରେ ସହଭାଗିନୀ ଥିଲା । ଦାମ୍ପତ୍ୟ ଜୀବନରେ ସହଧର୍ମ ହେତୁ ସେ ସହଧର୍ମଣୀ ଥିଲା । ପୁରୁଷପରି ନାରୀମାନଙ୍କର ସମାଜରେ ମଧ୍ୟ କିଛି ନାମକରା ଆସନ ଥିଲା । ଅନେକ ନାରୀ ନିଜସ୍ୱ କୃତିତ୍ୱ ବଳରେ ଏଯାବତ୍ ତାଙ୍କ ନାମକୁ ସ୍ୱର୍ଣ୍ଣାକ୍ଷରରେ ଇତିହାସରେ ଲେଖିଯାଇଛନ୍ତି । ଏହିପରି ପ୍ରାଚୀନ ଯୁଗୀୟ ନାରୀମାନଙ୍କ ମଧ୍ୟରେ ଅଛନ୍ତି ବିଶ୍ୱବରା, ଲୋପାମୁଦ୍ରା, ମୈତ୍ରେୟୀ, ଗାର୍ଗୀ, ଲୀଳାବତୀ, ସୀତା ଏବଂ ସାବିତ୍ରୀ; ମଧ୍ୟ ଯୁଗୀୟ ନାରୀମାନଙ୍କ ମଧ୍ୟରେ ଅଛନ୍ତି ଅହଲ୍ୟାବାଈ, ମୀରାବାଈ, ଦୁର୍ଗାବତୀ, ପଦ୍ମିନୀ, ଝାନସୀ ରାଣୀ ଲକ୍ଷ୍ମୀବାଈ ଇତ୍ୟାଦି ।

ମା' ହିସାବରେ ନାରୀଟିଏ କେତେ ଗୁଣୀ, ଜ୍ଞାନୀ ଓ ମହାପୁରୁଷଙ୍କର ସେ ଜନନୀ; ରାମ, ରହିମ, କୃଷ୍ଣ , ଯୀଶୁ, ବୁଦ୍ଧ, ମହାବୀର, ଚୈତନ୍ୟ, ବିବେକାନନ୍ଦ, ମଦର ଟେରେସା ଏବଂ ଗାନ୍ଧି ଇତ୍ୟାଦି ଯୁଗ ଏବଂ ଯୋଗଜନ୍ମାଙ୍କର, ସେ ଦେବୀ, ଶ୍ରୀଦେବୀ । ଏହି କାରଣରୁ ମା'ର ବନ୍ଦନାହିଁ ପ୍ରଥମ । ତା' ବିନା ସୃଷ୍ଟି ହିଁ ସ୍ୱପ୍ନ ନାହିଁ । ତାହାର କରୁଣାରୁ ବହୁଛି ମଣିଷ ଜାତିର ଜୀବନ ଗଙ୍ଗା । ସେ ହିଁ ପତିତପାବନୀ ମା' ଗଙ୍ଗା । ଏଥିପାଇଁ ଯୁଗଯୁଗ ଧରି ନାରୀ ଜାତିର ସମ୍ମାନ ସର୍ବଦା ଉର୍ଦ୍ଧ୍ୱରେ ରହିଅଛି ।

ଦ୍ୱାଦଶ ଶତାବ୍ଦୀ ବେଳକୁ ନାରୀ ହେଲା ପୁରୁଷର କ୍ରୀଡ଼ନକ; ପୁରୁଷର ଭୋଗ ସାମଗ୍ରୀ । ସମାଜରେ ବାଲ୍ୟ ବିବାହ, ପରଦାପ୍ରଥା, ସତୀଦାହ ପ୍ରଥା, ଯୌତୁକ ପ୍ରଥା, ବହୁନାରୀ ବିବାହ ପ୍ରଥା ଇତ୍ୟାଦି କୁସଂସ୍କାର ପ୍ରବେଶ କଲା । ସେ ହେଲା ନିର୍ଯାତିତା, ପୁଣି ପଣ୍ୟଦ୍ରବ୍ୟ । କୋଉଠି ହେଲା ପୋଇଲି, ଦାସୀ ତ କୋଉଠି ଖଟିଲା ଗୋତି । ସବଳା ନାରୀ ପାଲଟିଗଲା ଦୁର୍ବଳା ।

ପୁଣି ସମୟର ଚକ ଘୂରିଲା । ଅନେକ ସଂସ୍କାରବାଦୀ ନାରୀମାନଙ୍କର ସ୍ଥିତିର ପରିବର୍ତ୍ତନ ତଥା ସମାଜରେ ତାଙ୍କୁ ନାର୍ଯ୍ୟଦାବୀ ପୂରଣରେ ଅଣ୍ଟା ଭିଡ଼ିଲା । ଏହିପରି ମର୍ଯ୍ୟଦାବନ୍ତ ବ୍ୟକ୍ତିମାନେ ହେଲେ

> ନାରୀହିଁ ଆଦ୍ୟାଶକ୍ତି, ଈଶ୍ୱରୀ । ସେ ଆମ ପାଖରେ ଦେବୀ, ଜନ୍ମଦାତ୍ରୀ, ଭଗିନୀ, ଜାୟା ଏବଂ ଧାତ୍ରୀ ରୂପେ ସଦ୍ୟ ବିଦ୍ୟମାନ । ସେ କେବେ ସେବିକା ତ କେବେ ପୁଣି ପ୍ରେମିକା ରୂପେ ପ୍ରେମ ଆହ୍ଲାଦିନୀ । କେବେ ସୃଜନର କର୍ତ୍ତୀ ତ କେବେ ଅନ୍ୟାୟ ଏବଂ ଅତ୍ୟାଚାର ବିରୁଦ୍ଧରେ ଦୁର୍ଗା, ସଂହାର କାରିଣୀ; ଆଉ କେତେବେଳେ ସେ ବିପଦ ନାଶିନୀ, ମା' ତାରିଣୀ ଓ ଅଭୟ ଦାୟିନୀ । ବୈଦିକ ଯୁଗରୁ ନାରୀର ସ୍ଥାନ ସମାଜରେ ପୁରୁଷ ସହିତ ସମାନ ଥିଲା । ସେ ପୁରୁଷର ଦୁଃଖ-ସୁଖରେ ସହଭାଗିନୀ ଥିଲା । ଦାମ୍ପତ୍ୟ ଜୀବନରେ ସହଧର୍ମ ହେତୁ ସେ ସହଧର୍ମଣୀ ଥିଲା । ପୁରୁଷପରି ନାରୀମାନଙ୍କର ସମାଜରେ ମଧ୍ୟ କିଛି ନାମକରା ଆସନ ଥିଲା । ଅନେକ ନାରୀ ନିଜସ୍ୱ କୃତିତ୍ୱ ବଳରେ ଏଯାବତ୍ ତାଙ୍କ ନାମକୁ ସ୍ୱର୍ଣ୍ଣାକ୍ଷରରେ ଇତିହାସରେ ଲେଖିଯାଇଛନ୍ତି ।

ରାଜା ରାମ ମୋହନ ରାୟ, ଈଶ୍ୱର ଚନ୍ଦ୍ର ବିଦ୍ୟା ସାଗର ଏବଂ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ପ୍ରମୁଖ ।

ଭାରତର ସ୍ୱାଧୀନତା ସଂଗ୍ରାମ ଅର୍ଥାତ୍ ୧୮୫୭ ମସିହାଠାରୁ ଭାରତୀୟ ନାରୀମାନଙ୍କ କ୍ଷେତ୍ରରେ ଏକ ଉଲ୍ଲେଖନୀୟ ଜାଗରଣ ଘଟିଛି । ସେମାନେ ସ୍ୱତଃ ପ୍ରବୃତ୍ତ ଭାବେ ଇଂରେଜ ବିରୁଦ୍ଧରେ ସଂଗ୍ରାମ କରିବାକୁ ଓହ୍ଲାଇ ଆସିଛନ୍ତି ଘରକୋଣରୁ । ୧୮୫୭ ପୂର୍ବରୁ ୧୮୨୪ ଜାନୁୟାରୀ ୩୦ରେ ଇଂରେଜ ବିରୁଦ୍ଧରେ ଲଢ଼ି ପ୍ରାଣବଳି ଦେଇଥିଲେ କିତୁର (କର୍ଣ୍ଣାଟକ)ର ରାଣୀ ଚିନ୍ନାମା । ସେ ସ୍ୱାଧୀନତା ସଂଗ୍ରାମର ପ୍ରଥମ ସହିଦ୍ । ୧୮୫୭ ଏବଂ ଏହାର ପରବର୍ତ୍ତୀ ସମୟରେ ଯେଉଁମାନେ ଏଥିରେ ଅଂଶଗ୍ରହଣ କରିଥିଲେ ତାଙ୍କ ଭିତରେ ଅଛନ୍ତି ରାଣୀ ଲକ୍ଷ୍ମୀବାଈ, କସ୍ତୁରବା ଗାନ୍ଧି, ସରୋଜିନୀ ନାଇଡୁ, ମହାଦେବୀ ବର୍ମା, ସୁଭଦ୍ରା କୁମାରୀ ଚୌହାନ, ଅରୁଣା ଅସାଫଅଲ୍ଲୀ , ଲକ୍ଷ୍ମୀ ସେହେଗାଲ୍ ଯେକି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ପ୍ରଥମ ମହିଳା କମାଣ୍ଡିଙ୍ଗ ମହିଳା ଅଫିସର ଏବଂ ଓଡ଼ିଶାରୁ ଏମାନଙ୍କ ମଧ୍ୟରେ ଅଛନ୍ତି ମା' ରମାଦେବୀ, ମାଳତୀ ଚୌଧୁରୀ, ସରଳା ଦେବୀ, ଅର୍ଣ୍ଣପୂର୍ଣ୍ଣା ମହାରଣା, ବସନ୍ତ ମଞ୍ଜରୀ ଦେବୀ, ନନ୍ଦିନୀ ଶତପଥୀ, ପାର୍ବତୀ ଗିରି, ପ୍ରଭାବତୀ ଦେବୀ, ଜମ୍ବବତୀ ଦେବୀ, ଗୋଦାବରୀ ଦେବୀ, କୋକିଳା ଦେବୀ, ହାରାମଣି କାନୁନ୍‌ଗୋ ଏବଂ ଅନ୍ୟମାନେ ।

ଭାରତୀୟ ନାରୀମାନେ ବିଭିନ୍ନ କ୍ଷେତ୍ରରେ ସ୍ୱକୀୟ ପରାକାଷ୍ଠା ଦେଖାଇ ସାରିଲେଣି । ଏମିତିରେ ଆମର ପ୍ରଥମ ରାଷ୍ଟ୍ରପତି (ମହିଳା) ଶ୍ରୀମତୀ ପ୍ରତିଭା ସିଂହ ପାଟିଲ, ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ : ଇନ୍ଦିରା ଗାନ୍ଧି, ପ୍ରଥମ ମହିଳା ରାଜ୍ୟପାଳ ସରୋଜିନୀ ନାଇଡୁ, ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ : ସୁଚେତା କୃପାଳିନୀ, ପ୍ରଥମ ମହିଳା କେନ୍ଦ୍ର ମନ୍ତ୍ରୀ : ରାଜ କୁମାରୀ ଅମୃତ କାଉଲ, ସେବାପାଇଁ ପ୍ରଥମ ନୋବେଲ ପୁରସ୍କାର ବିଜେତା : ମଦର ଟେରେସା, ପ୍ରଥମ ମହିଳା ବିଚାରପତି ଲୀଳା ସେଠ୍, ବିଶ୍ୱବିଖ୍ୟାତ ଚିତ୍ରକର ଅମୃତା ସେରଗିଲ୍, ଭାରତର ପ୍ରଥମ ମହିଳା ଯେକି ମସ୍କୋ, ୱାସିଂଟନ ଓ ଲଣ୍ଡନରେ ରାଷ୍ଟ୍ରଦୂତ ଥିଲେ ଏବଂ ୧୯୫୩ରେ ଜାତିସଂଘର ପ୍ରଥମ ମହିଳା ଅଧ୍ୟକ୍ଷା ହୋଇଥିଲେ ସେ ହେଉଛନ୍ତି ବିଜୟଲକ୍ଷ୍ମୀ ପଣ୍ଡିତ୍ , ହୋମଲ ଭୈରୱାଲା ହେଉଛନ୍ତି



ଦେଶର ପ୍ରଥମ ଫଟୋ ଜର୍ନାଲିଷ୍ଟ, ହରିତ୍ କୌର ଦେୱାଲ୍ ହେଉଛନ୍ତି ଭାରତର ପ୍ରଥମ ମହିଳା ଏୟାରଫୋର୍ସ ପାଇଲଟ୍ , ଦେଶର ପ୍ରଥମ ଏବଂ ବିଶ୍ୱର ପଞ୍ଚମ ମହିଳା ପର୍ବାତାରୋହୀ ହେଉଛନ୍ତି ବଛେନ୍ଦ୍ରୀ ପାଲ ଯିଏକି ମାଉଣ୍ଟ ଏଭେରେଷ୍ଟ ୧୯୮୪ ମସିହାରେ ଆରୋହଣ କରିଥିଲେ, ପ୍ରଥମ ମହିଳା ମହାକାଶଚାରୀ କଳ୍ପନା ଚାୱାଲା, ପ୍ରଥମ ମହିଳା ଡାକ୍ତର : କାଦମ୍ବିନୀ ଗାଙ୍ଗୁଲି, ପ୍ରଥମ ମହିଳା ଆଇ.ପି.ଏସ୍. ଅଫିସର, କିରଣ ବେଦୀ, ପ୍ରଥମ ବ୍ରହ୍ମାଣ୍ଡ ସୁନ୍ଦରୀ : ସୁସ୍ମିତା ସେନ୍, ପ୍ରଥମ ମହିଳା ଅଟୋ ଡ୍ରାଇଭର ସୁନିତା ଚୌଧୁରୀ, ଅଲମ୍ପିକ କ୍ରୀଡାର ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ପହଞ୍ଚି ପାରିଥିବା କ୍ରୀଡାବିତ୍ ପିଟି ଉଷା, ପ୍ରଥମ ମହିଳା ଗ୍ରାଣ୍ଡ ମାଷ୍ଟର : କୋନେରୁ ହମ୍ପି, ପ୍ରଥମ ମହିଳା ଇଂଲିଶ ଚାନେଲ୍ ସନ୍ତରଣକାରୀ : ଆରତି ସାହା, ପ୍ରଥମ ମହିଳା ମହିଳା ଗ୍ରାଣ୍ଡ ସ୍ଲାମ୍ ଟାଇଟଲ୍ ହାସଲକାରୀ : ସାନିଆ ମିର୍ଜା । ଆମେ ଏଠାରେ କେବେଳ ପ୍ରଥମ କଥା କହୁଛୁ; ଆଉ ଅନ୍ୟମାନଙ୍କ କଥା ହିସାବକୁ ନେଇ ନାହୁଁ । ତେବେ ଏତିକି କହିଲେ ଯଥେଷ୍ଟ ହେବ ଯେ ଏବେ ଭାରତୀୟ ନାରୀମାନେ କେବଳ ପୁରୁଷଙ୍କ ସହ ସମକକ୍ଷ ନୁହଁନ୍ତି, ଅଧିକନ୍ତୁ ଅନେକ କ୍ଷେତ୍ରରେ ନାଁ, ସଂଖ୍ୟା, ଗୁଣରେ ମଧ୍ୟ ଅଧିକ ପ୍ରମୁଖ ଆସନ ମାଡ଼ିବସିଲେଣି । ସେହିପରି ନାରୀଶବ୍ଦକୁ ପରିଭାଷିତ କରିଥିବା ଓଡ଼ିଆ ମାନଙ୍କ ମଧ୍ୟରେ ଅଛନ୍ତି ସମାଜ ସେବୀରେ, ମା' ରମାଦେବୀ ଏବଂ ତୁଳସୀମୁଣ୍ଡା, ରାଜନୀତିରେ : ବସନ୍ତମଞ୍ଜରୀ ଦେବୀ ଓ ନନ୍ଦିନୀ ଶତପଥି; ସାହିତ୍ୟରେ : କୁନ୍ତଳାକୁମାରୀ ସାବତ ଏବଂ ରାଜଶ୍ରୀ ଦଳ ବେହେରା, ନୃତ୍ୟରେ : ସଂଯୁକ୍ତା ପାଣିଗ୍ରାହୀ ଓ ମିନତି ମିଶ୍ର, ଚଳଚ୍ଚିତ୍ରରେ ପାର୍ବତୀ ଘୋଷ, କ୍ରୀଡ଼ାରେ : ଜ୍ୟୋତି ସୁନିତା କୁଲୁ, ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, ସଙ୍ଗୀତରେ ସୁନନ୍ଦା ପଟ୍ଟନାୟକ ଓ ଶ୍ୟାମମଣୀ ଦେବୀ, ବିଚାରପତିରେ : ନ୍ୟାୟମୂର୍ତ୍ତି ଅମୀୟ କୁମାରୀ ପାଢ଼ୀ, ନ୍ୟାୟମୂର୍ତ୍ତି ସଂଜୁ ପଣ୍ଡା, ମାଧୁରୀ ପଟ୍ଟନାୟକ ଓ ବାସନ୍ତୀ ଦେବୀ । ପ୍ରଶାସିକାରେ : ରୂପା ମିଶ୍ର, ଚିକିତ୍ସକ ହିସାବରେ : ବୀଣା ଦେଇ ଏବଂ ଜ୍ୟୋତ୍ସ୍ନା ଦେଇ, ଶିକ୍ଷାବିତ୍ ଭାବେ ପ୍ରିୟମ୍ବଦା ମହାନ୍ତି (ହେଜମାଦି) ଓଡ଼ିଶାରେ ନାରୀ ପ୍ରଗତିର ପଟାନ୍ତର ନାହିଁ ।

ଏବେ ଭାରତରେ ନାରୀମାନଙ୍କୁ ଆଇନ ବଳରେ ପର୍ଯ୍ୟାପ୍ତ ସ୍ୱାଧୀନତା ଦିଆଯାଇଛି । ୧୯୯୨ର ୭୩ତମ ସଂଶୋଧନ ଅନୁଯାୟୀ ରାଜନୀତି କ୍ଷେତ୍ରରେ ତାଙ୍କ ପାଇଁ ସାଂସଦ ଓ ବିଧାନ ସଭାରେ ୧/୩ ଅଂଶ ସ୍ଥାନ ସଂରକ୍ଷିତ ହୋଇଛି । ଭାରତରେ ପଞ୍ଚାୟତରାଜ ଅନୁଷ୍ଠାନରେ ମହିଳାମାନଙ୍କ ସ୍ଥାନ ୫୦% ହେବାକୁ ଯାଉଛି । ଓଡ଼ିଶା ଏହି ୫୦% ମହିଳାମାନଙ୍କ ପାଇଁ ସଂରକ୍ଷଣ କରିବାରେ ଅଗ୍ରଣୀ ରାଜ୍ୟ । ସବୁକ୍ଷେତ୍ରରେ ଏବେ ମହିଳାମାନଙ୍କ ପ୍ରବେଶ ଏବଂ ସେମାନେ ତାଙ୍କ ବୃତ୍ତିରେ ମଧ୍ୟ ସେମାନଙ୍କର ଚମତ୍କାରିତା ସୃଷ୍ଟି କରିଛନ୍ତି । ସ୍ୱାଧୀନତା ପୂର୍ବର ମହିଳାମାନଙ୍କ ଅବସ୍ଥା ଏବେ ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଯାଇଛି ।

ତଥାପି ପୁରୁଷମାନଙ୍କର ପ୍ରାଧାନ୍ୟ କମିନାହିଁ । ଏବେ ନାରୀମାନେ ନିର୍ଯାତିତା, ଧର୍ଷିତା, ଅବହେଳିତା । ନାରୀମାନଙ୍କ ପ୍ରଗତିପାଇଁ ଆମକୁ ଆହୁରି ଅନେକ ବାଟ ଚାଲିବାର ଅଛି । ଖୁସି ଯେ ନାରୀମାନେ ଏବେ ନିଜ ସଂପର୍କରେ ଯଥେଷ୍ଟ ସଚେତନ ହେଲେଣି । ନାରୀମୁକ୍ତି ଆନ୍ଦୋଳନରେ ସେମାନେ ନିଜକୁ ସାମିଲ କରି ନିଜର ଦାବୀକୁ ହାସଲ କରିବାରେ ସମର୍ଥ ହେଲେଣି ।

୧୯୩୫ ମାର୍ଚ୍ଚ ୨ ତାରିଖ ଦିନ ନୂଆଦିଲ୍ଲୀରେ ସରୋଜିନୀ ନାଇଡୁ ମହିଳାମାନଙ୍କ ସଂପର୍କରେ ଦେଇଥିବା ଏକ ଭାଷଣରେ କହିଥିଲେ, "ମହିଳାମାନେ ପୁରୁଷମାନଙ୍କର ଆଉ ହାତହତିଆର ବା ଖେଳନା କଣ୍ଢେଇ ନୁହଁନ୍ତି । ମହିଳାମାନେ ବର୍ତ୍ତମାନ ନୂତନ ଉନ୍ମାଦନାରେ ଓ କର୍ମଶକ୍ତିରେ ଉଦ୍‌ବୁଦ୍ଧ ହୋଇଛନ୍ତି । ସେମାନଙ୍କୁ ଯେଉଁ ଦାୟିତ୍ୱ ଆଜିପର୍ଯ୍ୟନ୍ତ ଦିଆଯାଇଆସିଛି, କେବଳ ସେତିକି ପାଳନ କରି ଆଜି ସେମାନେ ଚାଲନ୍ତୁ - ଏହା ଆମେ ଚାହୁଁ ନାହୁଁ । ମହିଳାମାନେ ଆଇନ୍ କ୍ଷେତ୍ରରେ ବହୁ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ଏବଂ ତଦ୍‌ଜନିତ ଅନେକ କଷ୍ଟ ଭୋଗୁଛନ୍ତି । ଆଜି ଆମ୍ଭେମାନେ ଦେଶର ନୈତିକ, ଅର୍ଥନୈତିକ ଓ ରାଜନୈତିକ ଅଭିବୃଦ୍ଧି ପାଇଁ ପୁରୁଷମାନଙ୍କ ବେକରେ ଗୋଟାଏ ବୋଝ ହୋଇ ଝୁଲିବାକୁ ଆଉ ଚାହୁଁନାହୁଁ ।"

ବାସ୍ତବିକ୍ ୧୯୩୫ ମସିହାରେ ସରୋଜିନୀ ନାଇଡୁଙ୍କର ଏ ଭାଷଣ ଆଜି କାର୍ଯ୍ୟତଃ ସାକାର ହୋଇଛି ।

କେବଳ ଭାରତ ନୁହେଁ, ବିଶ୍ୱସ୍ତରରେ ନାରୀମୁକ୍ତି ଆନ୍ଦୋଳନ ପାଇଁ ସବୁଦେଶ ତତ୍ପର । ଆନ୍ତର୍ଜାତିକ ସ୍ତରରେ ଏ ନେଇ ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖକୁ ମହିଳା ଦିବସ ରୂପେ ପାଳନ କରାଯାଏ । ଅନେକେ ଏ ଦିବସଟିର ଯଥାର୍ଥ ତାତ୍ପର୍ଯ୍ୟ ନ ବୁଝି ଏହାକୁ ମାତୃ ଦିବସ ଅଥବା ଭାଲେନ୍‌ଟାଇନ୍ ଦିବସ କିମ୍ବା ସେହିପରି ଅର୍ଥରେ ପାଳନ କରିଥାଆନ୍ତି । ବାସ୍ତବରେ ଏହା ତାହା ନୁହେଁ । ସମଗ୍ର ବିଶ୍ୱର ନାରୀ ମୁକ୍ତି , ନାରୀ ସ୍ୱାତନ୍ତ୍ରତା ଏବଂ ନାରୀର ପ୍ରଗତୀ ନିମନ୍ତେ ସଚେତନତା ସୃଷ୍ଟି କରିବା ଅର୍ଥରେ ଏହା ଏକ ଦିବସ । ପୂର୍ବ ଇଉରୋପ, ଋଷ ଏବଂ ଅନ୍ୟ ସୋଭିଏତ ଦେଶରେ ଏହା ବିଶେଷତଃ ଛୁଟଦିନ ଭାବେ ପାଳନ ହୋଇଆସୁଛି । ସୋସିଆଲିଷ୍ଟ ପାର୍ଟି ଆମେରିକାର ଘୋଷଣାକ୍ରମେ ୧୯୦୯ ଫେବୃୟାରୀ ୨୮ରେ ପ୍ରଥମ ଇଂଲଣ୍ଡ ଦ୍ୱାରା ଏହା ଜାତୀୟ ମହିଳା ଦିବସ ରୂପେ ପାଳିତ ହୋଇଥିଲା । ୧୯୭୫ରେ ପ୍ରଥମ ମିଳିତ ଜାତିସଂଘ ଦ୍ୱାରା ମାର୍ଚ୍ଚ ୮କୁ ଆନ୍ତର୍ଜାତିକ ମହିଳା ଦିବସ ରୂପେ ଆୟୋଜନ କରାଗଲା । ଏଥିପାଇଁ ପ୍ରତିବର୍ଷ ମିଳିତ ଜାତିସଂଘ ତରଫରୁ ଏକ ଥିମ୍ ରଖାଯାଇଥାଏ । ମହିଳାଙ୍କ ଅର୍ଥନୈତିକ, ରାଜନୀତିକ ଏବଂ ସାମାଜିକ ସଫଳତାର ଉତ୍କର୍ଷ ସ୍ୱରୂପ ଏହା ଅନୁଷ୍ଠିତ ହୋଇଥାଏ ।

ଭାରତରେ ମହିଳାଙ୍କ ଉନ୍ନତି କଳ୍ପେ ଯଥେଷ୍ଟ ସୁବିଧା ଓ ସୁଯୋଗ ସୃଷ୍ଟି କରାଯାଇଛି । ଏପରିକି ଚଳିତ ବଜେଟ୍‌ରେ ମହିଳାମାନଙ୍କ ପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହା ନିଶ୍ଚିତ ଭାବରେ ଉତ୍ତମ ଲକ୍ଷଣ । ଆସନ୍ତୁ, ସେହି ନାରୀଶକ୍ତିର ଜୟଗାନ କରିବା : ଜୟ ଈଶ୍ୱରୀ ପତିତପାବନୀ ଲକ୍ଷ୍ମୀ ଗୋ ଜୟନାରୀ... ।


+ଅଧ୍ୟକ୍ଷ

ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,

ବିପିନ ବିହାରୀ ପାଠାଗାର,ଜଟଣୀ

ଦୂରଭାଷ : ୯୯୩୮୩୪୪୧୩୮


# ପିଲାଙ୍କୁ ମଧୁମେହ

ଦିନ ଥିଲା, ବୟସ୍କ ବ୍ୟକ୍ତିମାନଙ୍କୁ ହିଁ ଡାଇବେଟିଜ ବା ମଧୁମେହ ରୋଗ ହେଉଥିଲା । ମାତ୍ର ବର୍ତ୍ତମାନର ଖାଦ୍ୟାଖ୍ୟାସ ଯୋଗୁ ପିଲାଏ ମଧ୍ୟ ଏହି ଘାତକ ରୋଗରେ ପଡୁଛନ୍ତି । ପିଲାଙ୍କ ଖାଦ୍ୟ, ପାନୀୟ ପ୍ରତି ବାପା, ମା' ସଚେତନ ହେଲେ ପିଲାଙ୍କୁ ଏହି ରୋଗ କବଳରୁ ସୁରକ୍ଷିତ ରଖାଯାଇପାରିବ ।

ଅନିୟମିତ ଜୀବନଶୈଳୀ, ଶାରୀରିକ ପରିଶ୍ରମ ଦିନକୁ ଦିନ କମିଯିବା ଦ୍ୱାରା ବର୍ତ୍ତମାନ ଅଧିକାଂଶ ଲୋକ ମଧୁମେହ ବା ଡାଇବିଟିଜରେ ପୀଡ଼ିତ ହେଉଥିବା ଦେଖିବାକୁ ମିଳୁଛି । ଏହି ରୋଗୀଙ୍କ ସଂଖ୍ୟା ଏଭଳି ଭାବରେ ବଢ଼ିଚାଲିଛି ଯେ, ଭାରତକୁ ମଧୁମେହର ରାଜଧାନୀ ବୋଲି ବି କୁହାଗଲାଣି । କିଛି ବର୍ଷ ତଳେ କେବଳ ବୟସ୍କ ବ୍ୟକ୍ତିମାନେ ଡାଇବେଟିଜ୍ ବା ମଧୁମେହ ଭୋଗୁଥିଲେ । ସାଧାରଣତଃ ୪୫ ବର୍ଷରୁ ଅଧିକ ବୟସର ଲୋକମାନଙ୍କୁ ମଧୁମେହ ହେଉଥିବା ଶୁଣାଯାଉଥିଲା । ମାତ୍ର ବର୍ତ୍ତମାନ ପରିସ୍ଥିତି ସମ୍ପୂର୍ଣ୍ଣ ଭାବେ ଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ପ୍ରତି ଉପଯୁକ୍ତ ସଚେତନତାର ଅଭାବ, ଖାଦ୍ୟପେୟରେ ସତର୍କତା, ସାବଧାନତା ଅବଲମ୍ବନ କରାଯାଉନଥିବାରୁ ବର୍ତ୍ତମାନ ପିଲାମାନେ ମଧ୍ୟ ମଧୁମେହରେ ଆକ୍ରାନ୍ତ ହେଉଥିବା ଦେଖାଯାଉଛି । ତେବେ ବାପା, ମା' ଟିକିଏ ସାବଧାନତା ଅବଲମ୍ବନ କଲେ ବା ସଚେତନ ହେଲେ ପିଲାଏ ଏହି ଘାତକ ରୋଗରେ ପଡ଼ିବେ ନାହିଁ । ବାପା, ମା' ମାନେ ପିଲାଙ୍କ ଖାଦ୍ୟ, ପାନୀୟ ଅଭ୍ୟାସରେ ପରିବର୍ତ୍ତନ ଆଣି ଏହି ରୋଗରୁ ନିଜ ପିଲାଙ୍କୁ ଦୂରରେ ରଖିପାରିବେ । ଏଭଳି ବହୁତ ଖାଦ୍ୟ ପଦାର୍ଥ ଅଛି, ଯାହା ମଧୁମେହର କାରଣ ପାଲଟିଥାଏ । ଏଭଳି ଖାଦ୍ୟ ଅଧିକ ପରିମାଣରେ ଓ ଅଧିକ ଦିନ ଧରି ଖାଇବା ଦ୍ୱାରା ମଧୁମେହ ହେବାର ଆଶଙ୍କା ଦେଖାଦେଇଥାଏ । ସେହିଭଳି କିଛି ଖାଦ୍ୟ ସମ୍ପର୍କରେ ଏଠାରେ ଆଲୋଚନା କରିବା ।



## ଫାଷ୍ଟଫୁଡ୍

ସାଧାରଣତଃ ପିଲାମାନେ ଫାଷ୍ଟଫୁଡ୍ ଖାଇବାକୁ ଅଧିକ ପସନ୍ଦ କରିଥାନ୍ତି । ଏକ ସର୍ଭେରୁ ଜଣାପଡ଼ିଛି ଯେ, ପିଲାମାନେ ସପ୍ତାହରେ ଦୁଇ ବା ତା' ଠାରୁ ଅଧିକ ଥର ଫାଷ୍ଟ ଫୁଡ୍ ଖାଇବାକୁ ମନ ବଳାଇଥାନ୍ତି ଓ ବାପା, ମା'ଙ୍କ ନିକଟରେ ଜିଦ୍ କରିଥାନ୍ତି । ବାପା, ମା' ମାନେ ମଧ୍ୟ ପିଲାଙ୍କ ଜିଦ୍ ଆଗରେ ହାରମାନି ପିଲାଙ୍କୁ ଫାଷ୍ଟ ଫୁଡ ଖୁଆଇଥାନ୍ତି । ଏଭଳି ପରିସ୍ଥିତିରେ ପିଲାଙ୍କ ଶରୀରେ ଫାଷ୍ଟ ଫୁଡ୍ ଜରିଆରେ ଯେଉଁ ଅତିରିକ୍ତ କ୍ୟାଲୋରୀ ପହଞ୍ଚେ, ତାହା ସେମାନଙ୍କ ଶାରୀରିକ ଗତିବିଧି ଦ୍ୱାରା ପୂରାପୂରି ଖର୍ଚ୍ଚ ହୁଏ ନାହିଁ । ଫଳରେ




ପିଲାମାନେ ମୋଟା ହୋଇଯାଆନ୍ତି । ମୋଟାପଣ କାରଣରୁ ପିଲାମାନେ ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରନ୍ତି । ଏଭଳି କ୍ଷେତ୍ରରେ ମଧୁମେହ ଭଳି ରୋଗ ହେବାର ଆଶଙ୍କା ବଢ଼ିଯାଇଥାଏ ।



## ଚକୋଲେଟ୍, କ୍ୟାଣ୍ଡି ଓ କୁକିଜ୍

ମଧୁମେହରେ ପୀଡ଼ିତ ପିଲା, ବଡ଼ ସମସ୍ତଙ୍କୁ ଚିନି ଓ ଚିନିରୁ ତିଆରି ଖାଦ୍ୟ ପଦାର୍ଥ ଖାଇବାକୁ ବାରଣ କରାଯାଇଥାଏ । ଚିନି ଅଧିକ ବ୍ୟବହାର ହୋଇଥିବା ଚିଜ ଯେମିତିକି ଚକୋଲେଟ୍, କ୍ୟାଣ୍ଡି ଓ କୁକିଜରେ ପୋଷକତତ୍ତ୍ୱ ନଥାଏ । ଏସବୁ ଜିନିଷରେ କାର୍ବୋହାଇଡ୍ରେଟର ମାତ୍ରା ମଧ୍ୟ କମ ଥାଏ । ଫଳରେ ଏହା ରକ୍ତ ଶର୍କରା ବଢ଼ାଇଥାଏ । ଏହା ବ୍ୟତୀତ ଚିନି ଖାଇବା ଦ୍ୱାରା ମୋଟାପଣ ବଢ଼ିଥାଏ, ଯାହା ଡାଇବିଟିଜ ପାଇଁ ବିପଜ୍ଜକ ସାବ୍ୟସ୍ତ ହୋଇଥାଏ ।

## ମୃଦୁପାନୀୟ




ପିଲାମାନେ ବଜାରରେ ମିଳୁଥିବା ବିଭିନ୍ନ ସଫ୍ଟଡ୍ରିଙ୍କ ବା ମୃଦୁପାନୀୟ ପିଇବାକୁ ପସନ୍ଦ କରିଥାନ୍ତି । ବାପା, ମା' ଅଭିଭାବକମାନେ ଯେତେ ମନା କଲେ ହେଁ ପିଲାଏ ବେଧଡ଼କ ମୃଦୁପାନୀୟ ପିଇବାରେ ଲାଗିଥାନ୍ତି । ଏହି ସବୁ ମୃଦୁପାନୀୟରେ ସୁଗାରର ମାତ୍ରା ବହୁତ ଅଧିକ ଥାଏ, ଏହି କାରଣରୁ ଏସବୁ ପିଇବା ଦ୍ୱାରା ରକ୍ତରେ ଶର୍କରା ସ୍ତର ବଢ଼ିଯାଏ । ଏଭଳି ସଫ୍ଟଡ୍ରିଙ୍କରେ କ୍ୟାଲୋରିର ମାତ୍ରା ମଧ୍ୟ ବହୁତ ଅଧିକ ଥାଏ, ଯାହା ଡାଇବିଟିଜ୍ ହେବାରେ ଅଧିକ ସହାୟତା କରିଥାଏ ।

## ଶଙ୍ଖସାରୁ



ମାର୍ଚ୍ଚ ମାସରେ ଶଙ୍ଖସାରୁ ଲଗାନ୍ତୁ, ଅଧିକ ଅମଳ ମିଳିବ । ମୁଣ୍ଡାଗୁଡ଼ିକରୁ ଦୁଇରୁ ତିନିଟି ଗଜା ଥିବା ପଚାଶ ଗ୍ରାମ ଓଜନର ଖଣ୍ଡ କାଟି ବିହନ ଭାବେ ବ୍ୟବହାର କରନ୍ତୁ । ଏକ ଏକର ଫସଲ ପାଇଁ ଆଠରୁ ଦଶ କୁଇଣ୍ଟାଲ ବିହନ ଦରକାର । ହୃଷ୍ଟ ପୃଷ୍ଟ ରୋଗ ନିରୋଧକ ଶକ୍ତି ଥିବା ଶଙ୍ଖସାରୁ କିସମ ଲଗାନ୍ତୁ । ଏକ କିଗ୍ରା ସାରୁ ବିହନକୁ ଦୁଇଗ୍ରାମ ରିଡୋମିଲ କବକ ନାଶକ ଔଷଧରେ ବିଶୋଧନ କରନ୍ତୁ । ଜମିର ପ୍ରକାର ଅନୁସାରେ ଦୁଇରୁ ତିନି ଓଡ଼ ଚାଷ ପରେ ମାଟିକୁ ଭଲଭାବେ ଗୁଣ୍ଡ କରି ସମତୁଲ କରନ୍ତୁ । ଚାଷ ଓଡ଼ଚାଷ ପୂର୍ବରୁ ଏକର ପ୍ରତି ଚାରି ଟନ୍ ଗୋବର ଖତ ମାଟି ସହିତ ଭଲଭାବେ ମିଶାନ୍ତୁ । ଦୁଇଫୁଟ ବ୍ୟବଧାନରେ ନାଳି କାଟି ଗଛକୁ ଗଛ ଦେଢ଼ଫୁଟ୍ ବ୍ୟବଧାନରେ ଲଗାନ୍ତୁ । ପଟାସ୍ ସାରକୁ ମାଟି ସହିତ ଭଲଭାବେ ମିଶାନ୍ତୁ । ଗଜା ବାହାରିବାର ଏକ ସପ୍ତାହ ପରେ ଏକର ପ୍ରତି ଆଠ କିଗ୍ରା ଯବକ୍ଷାରଜାନ ଓ ଆଠ କିଗ୍ରା ପଟାସ୍ ସାର ଧାଡ଼ିର ଦୁଇପାଖରେ ଦେଇ ମାଟି ଟେକି ଦିଅନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ହିଂସାର ଲହରି...

ଆମ ଦେଶ ସହ ବହୁଦିନର ସମ୍ପର୍କ ରହିଆସିଥିବା ବ୍ରହ୍ମଦେଶ ବା ମ୍ୟାଁମାର କିଛିଦିନ ହେଲା ଅତ୍ୟନ୍ତ ଅସ୍ୱାଭାବିକ ପରିସ୍ଥିତି ଦେଇ ଗତି କରୁଛି। ସେ ଦେଶର ଜନସାଧାରଣ ସାମରିକ ଶାସନ ବିରୋଧରେ ଖୋଲାଖୋଲି ବିଦ୍ରୋହ କରିବାକୁ ଆରମ୍ଭ କରିଦେଲେଣି। ମ୍ୟାଁମାରର ବହୁ ସହର ଏବେ ପାଲଟିଯାଇଛି ରଣକ୍ଷେତ୍ର। ସାମରିକ ଶାସନ ବିରୋଧରେ ଖୋଲା ବିଦ୍ରୋହ ଚାଲିଥିବା ସମୟରେ ରକ୍ତମୁଖା ପାଲଟିଛି ସାମରିକ ବାହିନୀ। ଦେଶର ଲୋକପ୍ରିୟ ନେତ୍ରୀ ଆଂ ସୁ ଚିଙ୍କୁ ଅଟକ ରଖାଯିବା ବିରୋଧରେ ସଂଗଠିତ ହୋଇ ଲୋକମାନେ ରାଜରାସ୍ତାକୁ ଓହ୍ଲାଇବା ସମୟରେ ମିଲିଟାରି କୌଣସି ପରିସ୍ଥିତିରେ ମୁଣ୍ଡ ନୁଆଇଁବାକୁ ପ୍ରସ୍ତୁତ ନୁହେଁ। ଲଗାତାର ବିରୋଧରେ ସମ୍ମୁଖୀନ ହେବାପରେ ମଙ୍ଗଳବାର ସେନାବାହିନୀ ରକ୍ତମୁଖା ହୋଇଉଠିଛି। ଦମନଲୀଳାରେ ଚାଳିଶିରୁ ଅଧିକ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଛି, ଆହତ ହୋଇଛନ୍ତି ଅନେକ। ଦେଶର ପ୍ରାୟ ଦଶଟି ସହରରେ ବିକ୍ଷୋଭ ଉଗ୍ରରୂପ ନେଇଛି ଏବଂ ତାହା କ୍ରମେ ଅନ୍ୟ ଅଂଚଳକୁ ବ୍ୟାପିବାରେ ଲାଗିଛି। ଦମନକାରୀ ସେନା ବିକ୍ଷୋଭକାରୀଙ୍କ ମୁଣ୍ଡକୁ ଲକ୍ଷ୍ୟକରି ଗୁଳି ଚଳାଇବାକୁ ନିର୍ଦ୍ଦେଶ ଦେଇଥିବାରୁ ମୃତାହତମାନଙ୍କ ଭିତରୁ ଅଧିକାଂଶଙ୍କ ମୁଣ୍ଡରେ ହିଁ ଗୁଳିଚୋଟ ଲାଗିଛି। ଏଭଳି ଗୁରୁତର ସ୍ଥିତିର ଏତେଶୀଘ୍ର ଅବସାନ ହେବ ବୋଲି ଅନ୍ତତଃ ଏବେ ଆଶା କରିହେଉନାହିଁ। ମ୍ୟାଁମାରରେ ଏପର୍ଯ୍ୟନ୍ତ ଅଣ-ମିଲିଟାରି ପ୍ରତିନିଧିମାନଙ୍କ ଶାସନ ଚାଲିଆସୁଥିଲା। ତାହାରି ଭିତରେ ସାମରିକ ବାହିନୀର ମଧ୍ୟ କର୍ତ୍ତୃତ୍ୱ ରହୁଥିଲା। ଆଂ ସୁ ଚି ହେଉଛନ୍ତି ଗଣତନ୍ତ୍ର-ସପକ୍ଷବାଦୀ ଆନ୍ଦୋଳନର ଅଗ୍ରଣୀ ନେତ୍ରୀ। ସେ ଏବଂ ତାଙ୍କ ସହ କେତେକ ଆଗଧାଡ଼ିର ନେତା-ନେତ୍ରୀ ବର୍ଷ ବର୍ଷ ଧରି କାରବାସ ଭୋଗିବା ପରେ ପ୍ରବଳ ନୈତିକ, ରାଜନୈତିକ ଓ ନ୍ୟାୟିକ ଚାପର ସମ୍ମୁଖୀନ ହୋଇ ତାଙ୍କୁ ମିଲିଟାରି ଶାସକ ଖଲାସ କରିବାକୁ ବାଧ୍ୟ ହୋଇଥିଲା। ହେଲେ ପ୍ରତ୍ୟକ୍ଷ କ୍ଷମତାର ସ୍ୱାଦରୁ ବଂଚିତ ମିଲିଟାରି ଶାସକକୁ ବିଶେଷ କାରଣରୁ ଦମନ ନିଶା ଘାରିଲା। ଏ କ୍ଷେତ୍ରରେ ମିଳିତ ଜାତିସଂଘ କ୍ରମାଗତ ଭାବେ ମଧ୍ୟସ୍ଥତା କରି କୂଟନୈତିକ ମଧ୍ୟସ୍ଥତା ପାଇଁ ଯେତେପ୍ରକାର ପ୍ରୟାସ କରିଛି ତାହା ପ୍ରାୟତଃ ସଫଳ ହୋଇନାହିଁ। ତାହା ବାଦ୍ ନେତ୍ରୀ ସୁ ଚିଙ୍କୁ ଛାଡ଼ କରିବା ସର୍ତ୍ତକୁ ମିଲିଟାରି ଶାସକ ଗ୍ରହଣ ନକରିବାରୁ ଅବସ୍ଥା ଦିନକୁ ଦିନ ଜଟିଳ ଆକାର ଧାରଣ କରୁଛି। ଖୋଦ୍ ସାମରିକ ଶାସନ ଭିତରେ ମଧ୍ୟ ସମସ୍ୟା ସମାଧାନର ଉପାୟ ନେଇ ଅଲଗା ଅଲଗା ମତ ଦେଖାଦେଇଛି। ଯଦିଓ ମିଲିଟାରି ପକ୍ଷରୁ 'ମୁଣ୍ଡକୁ ଦେଖି ଗୁଳି ମାର' ନିର୍ଦ୍ଦେଶ ଦିଆଯାଇଛି, ପୁଲିସ କର୍ମଚାରୀ ତାହାକୁ ଗ୍ରହଣ କରିବା ନେଇ ପ୍ରକାଶ କରିଛି କୁଣ୍ଠାଭାବ। ପୁଲିସ ସାମରିକ ସେନାର କଥିତ ଆଦେଶକୁ କେବଳ ଗ୍ରହଣ କରିନାହିଁ ତାହା ନୁହେଁ; ଆଦେଶକୁ ପ୍ରତ୍ୟାଖାନ କରିଛି। ଏପରି ହୋଇଛି, ଯେଉଁ ପୁଲିସ କର୍ମଚାରୀମାନେ ସାମରିକ ବାହିନୀର ନିର୍ଦ୍ଦେଶକୁ ପ୍ରତ୍ୟାଖ୍ୟାନ କରିଛନ୍ତି, ସେମାନେ ପ୍ରାଣରକ୍ଷା ଭୟରେ ଦେଶ ଛାଡ଼ି ଭାରତ ପଳାଇଛନ୍ତି। ଭାରତ ସହ ପୂର୍ବ ସମ୍ପର୍କକୁ ଧ୍ୟାନରେ ରଖି ଆଶ୍ରୟ ଆଶାରେ କୋଡ଼ିଏରୁ ଅଧିକ ପୁଲିସ ଭାରତକୁ ଚାଲିଆସିଛନ୍ତି। ଅଧିକ ପୁଲିସ ମଧ୍ୟ ମିଜୋରାମ ରାସ୍ତାଦେଇ ଗୋପନରେ ଭାରତୀୟ ଇଲାକାକୁ ଚାଲିଆସୁଥିବା ଖବର ରହିଛି। ଯେଉଁମାନେ ମିଲିଟାରିର ଆଦେଶକୁ ଅବଜ୍ଞା କରୁଛନ୍ତି, ସେମାନଙ୍କୁ ଖୋଜି ଖୋଜି ସେନା କର୍ମଚାରୀମାନେ ଧରୁଛନ୍ତି। ଗଣତନ୍ତ୍ରର ସ୍ୱର ମ୍ୟାଁମାରରେ ଦୃଢ଼ ହେବାରେ ଲାଗିଥିବା ସମୟରେ ମିଲିଟାରି ରକ୍ତମୁଖା ହେବାକୁ ଯାଉଛି। ପଡ଼ୋଶୀ ତଥା ଗଣତନ୍ତ୍ର ଫେରାଇ ଅଣାଯିବା ସକାଶେ ଚାଲିଥିବା ସାମରିକ ବିରୋଧୀ ଆନ୍ଦୋଳନର ବାସ୍ତବତାକୁ ଉପଲବ୍ଧି କରୁଥିବା ମହଲ ଆଗରେ ବିରାଟ ଆହ୍ୱାନ ଛିଡ଼ା ହୋଇଛି। ସେମାନେ ବସ୍ତୁନିଷ୍ଠ ଆକଳନ ପୂର୍ବକ କିଭଳି ବ୍ୟବହାର କରୁଛନ୍ତି, ତାହା ଉପରେ ସବୁ କିଛି ନିର୍ଭର କରୁଛନ୍ତି। ଏକବିଂଶ ଶତାବ୍ଦୀରେ ଅଗଣତାନ୍ତ୍ରିକତାର ସ୍ଥାନ ରହିନପାରେ। ଏହି ଉପଲବ୍ଧି ସର୍ବତ୍ର ଉଦିତ ହେବା ସମୟରେ ମଧ୍ୟଯୁଗୀୟ ବର୍ବରତାକୁ କିଭଳି କେତେକାଳ ବରଦାସ୍ତ କରାଯାଉଛି, ତାହା ଦେଖାଯିବାର କଥା। ଭାରତ ସମେତ ଗଣତନ୍ତ୍ର ପାଇଁ ସ୍ୱର ଉଠାଉଥିବା ରାଷ୍ଟ୍ରମାନେ ମ୍ୟାଁମାରରେ ଘଟୁଥିବା ଅସ୍ୱାଭାବିକ ଘଟଣାବଳୀ ନେଇ ଚୁପ୍ ରହିନପାରନ୍ତି। ଏହା ତଦ୍‌ବିଦ୍ ମହଲର ମତ। ବିକାଶଶୀଳ ଓ ବିକଶିତ ରାଷ୍ଟ୍ରମାନେ ଗଣତନ୍ତ୍ର ଶାସନ ସପକ୍ଷରେ ବରାବର ଯୁକ୍ତି ଦର୍ଶାଇବା ସହିତ ଆଚରଣରେ ଅନୁସରଣ କରୁଥିବା ଦେଖାଯାଉଛି। ମାତ୍ର ମ୍ୟାଁମାରରେ କ୍ରମାଗତ ଲାଗି ରହିଥିବା ଜଟିଳତା ଭିତରେ କେହି ମୁଣ୍ଡ ନପୂରାଇ ବାହାରୁ ପରାମର୍ଶ ଦେଇ ଚୁପ୍ ରହିଯିବା ଶୋଭାପାଉନି। ଏହି ପୃଷ୍ଠଭୂମିରେ ମିଲିଟାରି ଶାସକ ଉପରେ ନୈତିକ ଚାପ ପ୍ରୟୋଗର ଜରୁରି ଆବଶ୍ୟକତା ରହିଛି।

## କବିତା କୋଣାର୍କ

### ମର୍ମାହତ ଆଶା ...

**ସୁଧାକର ରାଉତ**

ନଇଁ ଆସିଲାଣି ରାତି
କେମିତି ଯିବ ଏ ବିତି
ଭାବି ଭାବି ଦିନର ଆଲୁଅ କଥା
ମନରେ ଆସଇ ଭୀତି।

ଅମା ଅନ୍ଧକାରେ ରହି
ନିରତେ ପାରେନା ସହି
ପଥ ପାଇଁ ଯାଙ୍କୁ ନେହୁରା ହୋଇଲି
ସେଇ ତ ମୋହର ବିହି।

ତାଙ୍କୁ କଲି ଅଣଦେଖା
ମିଳିଗଲେ ବନ୍ଧୁ ସଖା
କାହିଁ କେତେ ଦୂର ଚାଲିଗଲେ କିଏ
ମୋତେ କରିଦେଇ ଏକା।

କେତେ ଭାବିଥିଲି ମନେ
ଭିଜିବି ନୂଆ କିରଣେ
ଆଲୋକ ସନ୍ଧାନେ ଅନ୍ଧକାର ପାଇ
କ୍ଷୋଭ ଆସେ ଶତଗୁଣେ।

ଅବସନ୍ନ ଏ ଶରୀରେ
କେତେ ଖୋଜିବି ଅଧିରେ
ନିର୍ଜନ ବେଳାର ପଥୁକୀଟିଏ ମୁଁ
କିବା ପ୍ରାପ୍ତି ଅପ୍ରାପ୍ତିରେ।

ପ୍ରତିକ୍ଷଣେ ମୁଁ ଆହତ
ଯନ୍ତ୍ରଣାର ଶରାଘାତ
ସହିଛି ସହିବି ମଉନ ରହିବି
ଯେତେ ହେଲେ ମର୍ମାହତ।

+ପ୍ରତାପ ନଗରୀ, କଟକ
ମୋ: ୮୨୪୯୯୩୨୭୯୨

# ନାରୀ ପାଇଁ ଦୟା ନୁହଁ ନ୍ୟାୟ ଆବଶ୍ୟକ

**ପ୍ରମିଳା ପଣ୍ଡା**

ନାରୀ ଏବଂ ପୁରୁଷ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଜଣକ ବିନା ଅନ୍ୟ ଜଣକର ସ୍ଥିତି ଅକଳ୍ପନୀୟ। ଶାସ୍ତ୍ରରେ ଅଛି ସୃଷ୍ଟି କର୍ତ୍ତା ନିଜକୁ ଦୁଇଭାଗ କରି ଗୋଟିଏ ଭାଗ ପୁରୁଷ ଏବଂ ଅନ୍ୟଟିରେ ସ୍ତ୍ରୀ ହୋଇ ଏହି ବିରାଟ ସଅଷ୍ଟିକୁ ସର୍ଜନା କରିଛନ୍ତି।

ଦ୍ୱିଧାକୃତ୍ୱା ଆତ୍ମନଂ
ଦେହ ଅର୍ଦ୍ଧେଣ ପୁରୁଷୋଭବତ୍
ଅର୍ଦ୍ଧେଣ ନାରୀ
ଭୂତ୍ୱା ବିରାଟୋସୃଜନ୍ ପ୍ରଭୋ

ନାରୀ ଏବଂ ପୁରୁଷକୁ ନେଇ ବିଧାତାଙ୍କର ଏ ସୁନ୍ଦର ସୃଷ୍ଟି ଭିତରେ ଉପୁନ ହୋଇଛି ବିଭେଦ। ପୁରୁଷ ଜାହିର କରିଛି ତାର ପୁରୁଷ ପଣିଆ। ଅବଦମିତ କରି ରଖିବାକୁ ଚେଷ୍ଟା କରିଛି ନାରୀ ଜାତିକୁ। ନୀତି ନିୟମ ଶୃଙ୍ଖଳ ଭିତରେ ବାନ୍ଧି ରଖିବାର ପ୍ରୟାସରେ ସେ ହୋଇ ପାରିଛି ସଫଳ। ନାରୀ ତା'ର ସେହି ସ୍ୱଭାବ ସୁଲଭ ସରଳତା ଓ ସହିଷ୍ଣୁତା ଗୁଣନେଇ ପୁରୁଷ ପ୍ରବର୍ତ୍ତିତ ସମସ୍ତ ନୀତି ନିୟମକୁ ନାରୀ ଧର୍ମ ବୋଲି ମାନିନେଇଛି ଏବଂ ତାକୁ ପାଳନ କରୁଛି ଅତି ନିଷ୍ଠାର ସହିତ। ସେ ସ୍ରୋତସ୍ୱିନୀଟିଏ ହୋଇ ନିଜେ ପ୍ରତିକୂଳରେ ଗତି କରି ମଧ ସ୍ନେହ ମମତାର ବାରିରେ ଅନ୍ୟକୁ ପ୍ଲାବିତ କରିପାରେ। ଦୀପ ସଦୃଶ ନିଜେ ଜଳି ଜଳି ଅନ୍ୟକୁ ଆଲୋକିତ କରିପାରେ। ସମସ୍ତଙ୍କ ହୃଦୟରେ ଆନନ୍ଦର ଫଲଗୁ ପ୍ରବାହିତ କରିବା ପାଇଁ ସତେ ଯେମିତି ସେ ପ୍ରତିଶୃତି ବଦ୍ଧ। ସେ ସ୍ନେହମୟୀ, ପ୍ରେମମୟୀ, ମମତାମୟୀ, କରୁଣାମୟୀ ଜନନୀ, ଭଗିନୀ ଏବଂ ଜାୟାର ଯେଉଁ ଆଦର୍ଶକୁ ପାଳନ କରୁ କରୁ ହଯାଇ ଦିଏ ନିଜର ଅସ୍ତିତ୍ୱକୁ। ଏ ଦିଗରେ ତା'ର ଧୈର୍ଯ୍ୟ ଓ ସମର୍ପଣ ଭାବକୁ ବହୁଭାବରେ ପ୍ରସାହିତ କରିଛି ପୁରୁଷଙ୍କ ପ୍ରପଞ୍ଚପଣ। ଅତୀତରେ ନୀତିକାର ମାନେ କହନ୍ତି -

'ପିତା ରକ୍ଷତି କୌମାରେ,
ଭର୍ତ୍ତା ରକ୍ଷତି ଯୌବନେ
ପୁତ୍ର ରକ୍ଷତି ବାର୍ଦ୍ଧକ୍ୟେ,
ନସ୍ତ୍ରୀ ସ୍ୱତନ୍ତ୍ର୍ୟଂ ନାହତି'

ଅର୍ଥାତ୍ ନାରୀ କସ୍ମିନ୍ କାଳେ ସ୍ୱତନ୍ତ୍ର ହୋଇ ପାରେନା। ପୁରୁଷର ଅହଂ ପ୍ରଭୁପଣିଆ ଜାହିର କରିବାର ଆସ୍ୱର୍ଦ୍ଧା ଆଗରେ ନାରୀ ପାଲଟିଛି ଅବଳା, ଦୁର୍ବଳା। ପୁରୁଷ ପ୍ରାଧାନ୍ୟ ସମାଜ ଭିତରେ ସେ ଖୋଜି ପାଉନି ମୁକ୍ତିର ମାର୍ଗ। ଏହି ଅସହାୟତାର ଅପରିହାର୍ଯ୍ୟ ପରିଣାମ ସ୍ୱରୂପ ତାକୁ ସହିବାକୁ ପଡୁଛି ଅକଥନୀୟ ଅତ୍ୟାଚାର। ମାତ୍ର ସବୁରାତି ଶେଷରେ ଉଇଁ ଆସେ ସକାଳ ସୂର୍ଯ୍ୟ। ସମୟ କ୍ରମେ ସବୁ ଅନ୍ୟାୟ ଓ ଅନୀତି ବିରୁଦ୍ଧରେ ଗର୍ଜ୍ଜୁରି ଉଠେ ପ୍ରତିବାଦର ସ୍ୱର। ସେ ପ୍ରମାଣ କରି ପାରିଛି ସେ ଅବଳା ନୁହେଁ, ଦୁର୍ବଳା ନୁହେଁ। ଶୌର୍ଯ୍ୟା, ବୀର୍ଯ୍ୟ ଧାରିଣୀ, ବିକ୍ତିତ୍ୱମୟୀସ୍ୱତନ୍ତ୍ର ବ୍ୟକ୍ତିତ୍ୱର ଅଧିକାରିଣୀ। ଯେଉଁଠି ଶୋଷଣ, ଅତ୍ୟାଚାର ଓ ଅବିଚାର ବିରୁଦ୍ଧରେ ପୁରୁଷ ବିପ୍ଳବ କରିପାରେ ନାହିଁ, ସେ କ୍ଳାନ୍ତ ଅବସନ୍ନ ହୋଇପଡ଼େ, ସେ କ୍ଷେତ୍ରରେ ନାରୀ ଦେଇପାରେ ରଣହୁଙ୍କାର ପୌରାଣିକ ଯୁଗରୁ ଆଜି ପର୍ଯ୍ୟନ୍ତ। ଯେତେବେଳେ ମହିଷାର ଦୌରାତ୍ମ୍ୟରେ ପ୍ରପୀଡ଼ିତ ଦେବଗଣ ଭୟରେ ଥରହର ହେଉଥିଲେ ସେତେବେଳେ ଜଗତ୍ ଜନନୀ ମା'ଦୁର୍ଗା ମହିଷାକୁ ନିହତ କରିବାରେ ସକ୍ଷମ ହୋଇଥିଲେ। ମହାଭାରତରେ ନାରୀକୁ କ୍ରୀଡ଼ନକ ଭାବିଥିବା ପାଞ୍ଚାଳୀଙ୍କ ପଞ୍ଚପତି ପଶାଖେଳରେ ଦୁର୍ଯ୍ୟୋଧନ ନିକଟରେ ପାଞ୍ଚାଳୀଙ୍କୁ ପଣରଖି ହାରିଗଲା ପରେ ବିବଶ ହୋଇ ଦେଖୁଥିଲେ ଦୁଃଶାସନ ଦ୍ୱାରା ହେଉଥିବା ପାଞ୍ଚାଳୀର ବସ୍ତ୍ରହରଣର ଦୃଶ୍ୟ। ସୁରବୀରଙ୍କ ଦ୍ୱାରା ପରିପୂର୍ଣ୍ଣ ଥିଲା କୌରବଙ୍କ ରାଜସଭା। ମାତ୍ର ସମସ୍ତେ ଥିଲେ ବିବଶ, ସତେ ଯେମିତି ସବୁ ସୌର୍ଯ୍ୟ, ସବୁ ବୀରତାର ପରିସମାପ୍ତି ଘଟିଛି ଗୋଟିଏ ନାରୀର ଲଜ୍ଜା, ସମ୍ମାନ, ସ୍ୱାଭିମାନକୁ ରକ୍ଷା କରିବା ପାଇଁ। ସେତେବେଳେ ସେ ଦୃଢ଼ କରିଛନ୍ତି ନିଜକୁ, ନିଜର ଆତ୍ମବିଶ୍ୱାସକୁ, ନିଜର ଭକ୍ତିକୁ ନିଜର ପ୍ରାର୍ଥନାକୁ। ପରିଣାମ ଦୁଃଶାସନ ଅବସନ୍ନ ହୋଇ ପଡ଼ିଛି ସିନା ବିବସ୍ତ୍ର କରିବାରେ ସକ୍ଷମ ହୋଇପାରି ନାହିଁ। ସେ ଅନ୍ୟାୟକୁ ସେ ମୁଣ୍ଡପାତି ସହିଯାଇ ନାହାନ୍ତି। ସମଗ୍ର ନାରୀଜାତି ପାଇଁ ସେ ଉଦାହରଣ ପାଲଟି ଯାଇଛନ୍ତି। ମୁକୁଳା ରଖିଛନ୍ତି ନିଜର ବେଣୀକୁ, ଅପମାନର ଜ୍ୱାଳାକୁ ସେତେ ପର୍ଯ୍ୟନ୍ତ ପ୍ରଶମିତ କରି ନାହାନ୍ତି ଯେତେ ପର୍ଯ୍ୟନ୍ତ ସେ ନ୍ୟାୟ ପାଇ ନାହାନ୍ତି।

ଆଜି ଭାରତ ପରି ପୂଣ୍ୟମାଟିରେ ଲକ୍ଷ ଲକ୍ଷ ନାରୀ ହେଉଛନ୍ତି ଧର୍ଷିତା, ନିର୍ଯ୍ୟାତିତା, ଅପମାନିତା। କେହି କେହି ନ୍ୟାୟ ପାଇଁ ନ୍ୟାୟାଳୟର ଦ୍ୱାରସ୍ଥ ହେଉଥିବା ବେଳେ କେହି ଲଜ୍ୟାକୁ ଭୟକରି, ଭାଗ୍ୟକୁ ଆଦରି ସବୁ ଲାଞ୍ଛନାକୁ ପାଶାଣି କନ୍ୟା ପରି ସହି ସହି ପାଷାଣ ନୀରବ ରହୁଛି। କିନ୍ତୁ କାହିଁକି ? କ୍ରମ ବର୍ଦ୍ଧିଷ୍ଣୁ ନିର୍ଯ୍ୟାତନା ଭିତରେ ବିଦ୍ରୋହ କରି ଉଠୁଛି ତା'ର ଆତ୍ମା। ପୁରୁଷ ପରମ୍ପରା ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ଗାନ୍ଧୀ, ଯୀଶୁ, ବୁଦ୍ଧ ମହାତ୍ମା ହୋଇ ପାରୁଥିବା ବେଳେ କୁନ୍ତି, ଅହଲ୍ୟା, ଦ୍ରୌପଦୀ ପରି ନାରୀ ଚରିତ୍ର ମାନେ ସାମାଜିକ ରୋଷରୁ ବର୍ତ୍ତି ପାରୁ ନାହାନ୍ତି କାହିଁକି ? ନାରୀ ମନରେ ଦେଖା ଦେଉଛି ଦ୍ୱନ୍ଦ୍ୱ ଓ ସଂଘର୍ଷ। ତା'ର ପ୍ରତିବାଦର ସ୍ୱରରେ ସାରା। ବିଶ୍ୱରେ ତାର ନିଜର ସ୍ଥିତି ଖୋଜୁଛି ଏବଂ ନିଜର ଅସ୍ତିତ୍ୱକୁ ଜାହିର କରିବାକୁ ଚେଷ୍ଟା କରୁଛି। ସେ ଦୟା ଭିକ୍ଷା କରୁନାହିଁ, ନ୍ୟାୟ ଭିକ୍ଷା କରିଛି ସେ ଚାହୁଁଛି ତା'ର ଏକ ସ୍ୱତନ୍ତ୍ର ପରିଚୟ। ଭର୍ଜନିୟା ଉଲ୍‌ଫଙ୍କ ଭାଷାରେ ଆଜି ନାରୀର କାମ୍ୟ (A room of her won) ଆଜି ଅନାଙ୍କ ଭଳି ନାରୀମାନେ ନ୍ୟାୟ ଖୋଜୁ ଖୋଜୁ ସଂଘର୍ଷ, ସଂଘାତ ଭିତରେ କ୍ଷତାକ୍ତ ହୋଇ ଅତିକ୍ରମ କରୁଛନ୍ତି ଦୀର୍ଘପଥ ବେବିନା, ମାଧବିଲତା, ସସ୍ମିତା, ଇତିଶ୍ରୀଙ୍କ ପରି ଅନେକ, ପୁରୁଷଙ୍କ ପୌଷାଚିକ ଆକ୍ରମଣରେ କ୍ଷତାକ୍ତ, ଲହୁଲୁହାଣ ହୋଇ ଜୀବନ ସହ ସଂଗ୍ରାମ କରୁଥିବା ବେଳେ ତଥାକଥିତ ରାଜନୈତିକ ଦଳ ମାନଙ୍କଠାରୁ ଲୋକ ଦେଖାଣିଆ ଦୟା ପାଇ ପାରିଛନ୍ତି ସତ, ନ୍ୟାୟ ପାଇଁ ସେମାନେ ଆପେକ୍ଷା କରିଛନ୍ତି ସେ ପୁରିରେ, ଅତୃପ୍ତ ଆତ୍ମା ତାଙ୍କର ବିଳାପ କରୁଛି ଆମକୁ ଦୟା ନୁହଁନ୍ୟାୟ ଦିଅ। ଅନ୍ଧ ଶାସକ ଧୃତରାଷ୍ଟ୍ର ଆଜି ନିରବ। ଅନ୍ଧ ସହିତ ମୁକ, ବଧିରର ଅଭିନୟ କରିବାକୁ ପଡୁଛି ତାଙ୍କୁ। ତାଙ୍କୁ ସିଂହାସନରେ ବସାଇଥିବା ମନ୍ତ୍ରୀ ଓ ସେନାପତି ମାନେ ସୁରା ସାକିରେ ମଜଗୁଲ ହୋଇ ଶିକାର କରୁଛନ୍ତି ଅନେକ ନିରୀହା ଅବଳାଙ୍କୁ। ତାଙ୍କ ପାଇଁ ନା ଅଛି ନୀତିର ଅଙ୍କୁଶ ନା ନିୟମର ବେଡ଼ି। ସେମାନେ ସ୍ୱେଛାଚାରୀ। ଏହିପରି ଲଗାମ ଛଡ଼ା ସ୍ୱେଛାଚାରୀ ମାନଙ୍କ ପାଇଁ ନାରୀ ଜାତୀକୁ ସଜାଗ ହେବା ପାଇଁ ପଡ଼ିବ। କେବଳଯେ ନାରୀ ସ୍ୱାବଲମ୍ବୀ ହେଲେ, ସ୍ୱାଭିମାନୀ ହେଲେ, ସ୍ୱାଧୀନ ହେଲେ ସମାଜର ଏସବୁ ସମସ୍ୟାରସମାଧାନ ହେବ ତା ଆଦୌନୁହେଁ ଏଥିପାଇଁ ଆବଶ୍ୟକ ନାରୀର ଶୃଙ୍ଖଳିତ ଭାବ, ଦୃଢ଼ତା, ଧୌର୍ଯ୍ୟ ସହିତ ନମ୍ରତା, କମନୀୟତା ଆଦି ନାରୀ ସୁଲଭଗୁଣ। ଏହା ସହିତ ସୃଷ୍ଟିକାରିଣୀ ଜନନୀ ରୂପରେ ସ୍ନେହ, ମମତାର ଶୀତଳ ସ୍ପର୍ଶ ଦେଇ ସନ୍ତାନଠାରେ ସଂସ୍କାରର ବୀଜବପନ କରୁଛି ଭଉଣୀ ଭାବରେ ଭାଇ ହାତରେ ରକ୍ଷାର ବନ୍ଧନ ବାନ୍ଧୁଥିବା ବେଳେ ନେଇ ସମସ୍ତ ନାରୀ ଜାତିର ସୁରକ୍ଷାରେ ଭାଇଙ୍କୁ କରୁ ପ୍ରତିଶୃତି ବଦ୍ଧ। ପତ୍ନୀ ଭାବରେ ପତିବ୍ରତା ନାରୀଟିଏ ପତିର ଅକୁଣ୍ଠ ସେବା ଭିତରେ ଫକୀର ମହୋନଙ୍କ 'ପେଟେଣ୍ଟ ମେଡ଼ିସିନ' ଭଳି ସମସ୍ତ ଦୁର୍ଗୁଣକୁ ଧ୍ୱଂସ କରିବାର ସାହସ ଏବଂ ଧର୍ଯ୍ୟ ମଧ ରଖିବା ଆବଶ୍ୟକ। ଅବାଟକୁ ଯାଉଥିବା ପୁରୁଷମାନଙ୍କୁ ନିୟନ୍ତ୍ରଣକୁ ଆଣିବାର ଶକ୍ତି ଯଦି କାହାର ଥାଏ ସେ ହେଉଛି 'ନାରୀ'। ସେଥିପାଇଁ ତାଙ୍କୁ ଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗା, କାଳୀ ଯେ କୌଣସି ରୂପ ଧାରଣ କରିବା ଆବଶ୍ୟକ। ଆଧୁନିକତା ନା'ରେ ନାରୀ ଜାତିର ଅପମର୍ଯ୍ୟାଦା ନକରି ଶୃଙ୍ଖଳିତ ଭାବରେ ଏ ପୁରୁଷ ପ୍ରାଧାନ୍ୟ ଭ୍ରଷ୍ଟ ସମାଜକୁ ସଜାଡ଼ିବାର ଦାୟିତ୍ୱ ନାରୀର। ସେ ଭୋଗ୍ୟ ନୁହଁ ସେ ଯୋଗ୍ୟ, ଏହାର ପ୍ରମାଣ ଦେବାର ସମୟ ଆସି ଉପନୀତ। ପ୍ରତ୍ୟେକ ନାରୀ ନିଜ ଭିତରେ ଅନ୍ତର୍ନିହିତ ଶକ୍ତିକୁ ଜାଗ୍ରତ କରନ୍ତୁ। ନାରୀ ଯଦି ପଥଭ୍ରଷ୍ଟ ହୁଏ ତାହେଲେ ସମାଜ ପଥଭ୍ରଷ୍ଟ ହେବ। ଯାହାର ପରିଣାମ ଅତିଭୟଙ୍କର। କିଏ କହି ପାରିବ କାମାନ୍ଧ ପିଶାଚଙ୍କ ଶିକାର ନିଜ ଆତ୍ମିୟ ସ୍ୱଜନ ଭିତରୁ କେହି ନହେବ ବୋଲି। ତେଣୁ ସାବଧାନ। ସମସ୍ତ ଆଧୁନିକତା ସତ୍ତ୍ୱେ ତଥା କଥିତ ସଂକୀର୍ଣ୍ଣତାରୁ ଉର୍ଦ୍ଧ୍ୱକୁ ଯାଇ ନିଜର ବ୍ୟକ୍ତିତ୍ୱର ପରିପ୍ରକାଶ କଲେ ଯାଇ ନାରୀର ସମସ୍ୟା ନିଶ୍ଚିତ ଦୂରୀଭୂତ ହେବା ସହିତ ପ୍ରକୃତ ସ୍ୱାଧୀନତା ପାଇ ପାରିବ ଏବଂ ଏକ ସୁସ୍ଥ ସୁନ୍ଦର ସମାଜ ଗଠନ କରିପାରିବ।

+ସଭାପତି, ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ
ମୋ-୯୪୩୮୫୧୮୭୪୯

# ସଂକ୍ଷିପ୍ତ ରାମାୟଣ

**ଶଙ୍କର ଚରଣ ରାଉତ**

ଶ୍ରୀ ଶଙ୍କର ଚରଣ ରାଉତ ଏକାଧାରାରେ ଜଣେ କବି ଓ ଲେଖକ। ଉତ୍କଳ ସମ୍ମିଳନି ଓ ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭ୍ୟ। ଭାଗବତଗୀତାରେ ପତ୍ର ମାଧ୍ୟମରେ ପଢ଼ି ସାର୍ଟିଫିକେଟ୍ ପାଇବାରେ ଯୋଗ୍ୟ ବ୍ୟକ୍ତି। ଧର୍ମ ବିଷୟରେ ସେ ଦଶଖଣ୍ଡ ପୁସ୍ତକ ରଚନା କରି ପରିଚିତ ହୋଇପାରିଛନ୍ତି। ରାମଚରିତ ମାନସ ଓ ଭାଗବତ ପ୍ରବଚନର ସେ ଜଣେ ପ୍ରବକ୍ତା।

ଏହି ସଂକ୍ଷିପ୍ତ ରାମାୟଣକୁ ସେ ବୃହତ୍ ଆକାରରେ ବହୁ ପୂର୍ବରୁ ଲେଖିଥିଲେ। ଯାହାକି ତତ୍‌କାଳିନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମାନ୍ୟବର ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଦ୍ୱାରା ଭୁବନେଶ୍ୱର ଠାରେ ଉଦ୍‌ଘାଟିତ ହୋଇଥିଲା। ବର୍ତ୍ତମାନ ସଂକ୍ଷିପ୍ତ ଆକାରରେ ତାହା ପ୍ରକାଶିତ ହେଉଛି।



ଭାଗ -୭
॥ ବାମନ ଅବତାର ॥
(୫ମ ଅବତାର)

ପିତା କାଶ୍ୟପ, ମାତା ଅଦିତୀ। ବାର ବର୍ଷ ଗର୍ଭରେ ରହି ଜନ୍ମ ହେଲେ। ଦେବତା ମାନେ ତାଙ୍କୁ ରାଜା ବଳିର ଅତ୍ୟାଚାରରୁ ରକ୍ଷା ପାଇଁ ପ୍ରାର୍ଥନା କଲେ। ବଳି ଦ୍ୱାରରେ ଦାନ ନେବା ପାଇଁ ପହଞ୍ଚିଲେ ଭଗବାନ ବାମନ। ସ୍କନ୍ଧରେ ପଇତା କପାଳରେ ହରି ମନ୍ଦିରର ଚିତା। ହସ୍ତରେ କମଣ୍ଡଳୁ ଓ ପୋଥି। ହସ୍ତରେ ତାଳ ପତ୍ରର ଛତାଟିଏ ଧରିଛନ୍ତି। ବେଦର ଓଁକାର ଧ୍ୱନିରେ ବଳିପୁର କମ୍ପିଗଲା। କମ୍ପି ଉଠିଲେ ରାଜା ବଳି। ଆଜିର ଦାନ ଶେଷ ପରେ ସେ ଫେରିଯିବାକୁ ବସିଥିଲେ। କିଏ ସେହି ତପସ୍ୱୀ ? ତାଙ୍କୁ ଘେନି ଆସ। ପ୍ରତିହାରୀ ଯାଇ ବାମନ ରୂପୀ ଭଗବାନଙ୍କୁ ବଳି ରାଜାଙ୍କ ନିକଟକୁ ଘେନି ଆସିଲା। ବାମନକୁ ଦେଖି ବଳି ତାଙ୍କ ଚରଣ ତଳେ ପଡିଗଲେ।

ନିକଟରେ ଦଣ୍ଡୟମାନ ହୋଇଥିଲେ ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟ। ବାମନକୁ ଦେଖି ଚମକି ଉଠିଲେ। ଏ ତ କପଟୀ ବିଷ୍ଣୁ। କାହିଁକି ଆସିଛନ୍ତି ? ବଳି କହିଲେ- ହେ ମହାନ ତପସ୍ୱୀ-ଆଜିର ଦାନ ସମୟ ଶେଷ ହୋଇଛି। ମୋ ପାଖରେ କିଛି ନାହିଁ। ପ୍ରଭୁ କହିଲେ- ତା' ହେଲେ ଦାନୀ ବଳି ରାଜା ନିକଟରୁ କଣ ନିରାଶ ହୋଇ ଫେରିଯିବି ?

ନା ନା ତପସ୍ୱୀ। ଫେରିଯାଇ ବଳି ରାଜାକୁ ବଦନାମ କରନ୍ତୁ ନାହିଁ। ମାଗନ୍ତୁ ! ଏ ଜୀବନ ସୁଦ୍ଧା ଦେବି। ବାମନ କହିଲେ-ଦାନୀ ବଳି ମହାରାଜ ! ଶଙ୍ଖରେ ଜଳ ଭରି ତ୍ରିବାର ସତ୍ୟ କର। ଶଙ୍ଖରେ ଜଳ ଭରିଲେ ବଳି ରାଜା। ମାତ୍ର ସ୍ଥିର ହୋଇ ରହି ପାରିଲେ ନାହିଁ ଗୁରୁ ଶୁକ୍ରାଚାର୍ଯ୍ୟ। ତାଙ୍କ ସମ୍ମୁଖରେ ବଳି ରାଜାର ସବୁ ଶେଷ ହୋଇଯିବ। ଗୋଟିଏ ଛୋଟ ମାଛି ରୂପ ଧରି ଶଙ୍ଖ ମଧ୍ୟରେ ପ୍ରବେଶ କଲେ ଗୁରୁ ଶୁକ୍ରାଚାର୍ଯ୍ୟ। କାହିଁ ! ଶଙ୍ଖରୁ ଜଳ ପଡୁନାହିଁ। ହସ୍ତରେ କୁଶ ଧରି ଦଣ୍ଡାୟମାନ ହୋଇଥିଲେ ପ୍ରଭୁ ବାମନ। ମନେ ମନେ ହସି ଉଠିଲେ। ସେ କହିଲେ ଶଙ୍ଖ ଭିତରେ କଣ ଲାଗିଯାଇଛି। ହସ୍ତରେ ଧରିଥିବା କୁଶଟିକୁ ଖେଞ୍ଚି ଦେଲେ ଶଙ୍ଖ ଭିତରକୁ। ଶୁକ୍ରାଚାର୍ଯ୍ୟଙ୍କର ଗୋଟିଏ ଚକ୍ଷୁ ଫୁଟିଗଲା। ସେ ଭୟରେ ପଳାଇଗଲେ। ଶଙ୍ଖରୁ ଜଳ ଢାଳି ତ୍ରିବାର ସତ୍ୟ କଲେ ମହାଦାନୀ ବଳି। କି ଦାନ ମାଗୁଛ ମାଗ ତପସ୍ୱୀ ! ତିନି ପାଦ ଭୂମି ଦାନ। ଉପହାସ କରୁ ନାହଁ ତ ତପସ୍ୱୀ ? ଶଙ୍ଖରୁ ଜଳ ଢାଳି ତ୍ରିବାର ସତ୍ୟକଲେ ମହାଦାନୀ ବଳି। କି ଦାନ ମାଗୁଛ ମାଗ ତପସ୍ୱୀ ! ତିନି ପାଦ ଭୂମି ଦାନ। ମାତ୍ର ତିନି ପାଦ ଭୂମି। ଉପହାସ କରୁ ନାହଁ ତ ତପସ୍ୱୀ ? ତିନି ପୁରର ରାଜା ବଳିକୁ ମାଗୁଛ ତିନି ପାଦ ଦାନ। ବାଳକ ସ୍ୱଭାବ ଯାଇ ନାହିଁ ! ଦାନ ମାଗି ଜାଣ ନାହିଁ ?

ବାମନ-
ମୋହର ପାଦେ ପାଦ ତିନି
ପ୍ରଥମ ପାଦ ପୃଥ୍ୱୀ ଗଲା
ଦ୍ୱିତୀୟ ସ୍ୱର୍ଗରେ ରହିଲା
ମାଗିଲି ଦିଅ ତୁ ମେଦିନୀ

ବଳି- ତ୍ରିପାଦ ଭୂମି ମାଗୁ ମୋତେ
ଏ ଦାନ ଦେବି ମୁଁ କେମନ୍ତେ
ଯେ ବିପ୍ର ମୋର ଦାନ ନେବ
ସେ ପାଦ କାହାକୁ ମାଗିବ।

ବାମନ- ଏକଇ ମାତ୍ର
ମୋ ଜୀବନ
ଅଧିକେ କିବା ପ୍ରୟୋଜନ।

(କ୍ରମଶଃ)

+ମଣ୍ଡଗାଁ, ବରୁଣସିଂ, ବାଲେଶ୍ୱର

# ଦି ଟଲ ମେନ ଅଫ ଓଡ଼ିଶା

**ସୁବ୍ରତ କର**



ଆମ ଦେଶରେ ନେତା ଅନେକ ଅଛନ୍ତି କିନ୍ତୁ ନେତାଜୀ କହିଲେ ଜଣକୁ ବୁଝାଏ ଏବଂ ସେ ଆଉ କେହି ନୁହଁନ୍ତି ଆମର କଟକର ପିଲା ନେତାଜୀ ସୁବାସ ଚନ୍ଦ୍ର ବୋଷ। ସେହିଭଳି ଏବେକାର ନାମ କରଣରେ ଆମର ଅତି ପ୍ରୀୟ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କୁ ଦି ଟଲ ମେନ ଅଫ ଓଡ଼ିଶାରେ ପ୍ରାୟତଃ ରୂପାନ୍ତରିତ କରାହୋଇଛି। ରାଜ୍ୟରେ ଟଲ ମେନ ଅନେକ ଥାଇପାରନ୍ତି କିନ୍ତୁ ବିଜୁ ବାବୁ ବିଜୁ ବାବୁ ଏବଂ ସେ ମଧ୍ୟ କଟକରେ। ଏହି ଦୁଇ ବରପୁତ୍ରଙ୍କ ବ୍ୟକ୍ତିତ୍ୱ ଅବର୍ଣ୍ଣନୀୟ ଏବଂ ଏମାନଙ୍କ କାର୍ଯ୍ୟକଳାପରେ ମଧ୍ୟ ବହୁତ ସାମଂଜସ୍ୟ ରହିଛି। ଦୁଇଜଣ ଚାହୁଁଥିଲେ ଦେଶର ଉନ୍ନତି, ରାଜ୍ୟର ଉନ୍ନତି ଏବଂ ଜାତିର ଉନ୍ନତି। ଗତକାଲି ବିଜୁ ବାବୁଙ୍କର ଜନ୍ମଦିନ ଗଲା ଏବଂ ବହୁତ ଧୂମଧାମରେ ପାଳନ ମଧ୍ୟ ହେଲା, ଦଳ ସ୍ତରରେ ଏବଂ ସରକାରୀ ସ୍ତରରେ। ଏମିତି ପ୍ରତିବର୍ଷ ଏହି ମହାପୁରୁଷର ଜନ୍ମଦିନ ଆସୁଥିବ ଏବଂ ଯାଉଥିବ କିନ୍ତୁ ଏମାନଙ୍କର ଆଦର୍ଶକୁ କାର୍ଯ୍ୟକଳାପକୁ, ଦେଶ ଜାତି ଧମ ପାଇଁ ବଳିଦାନ, ଏସବୁକୁ ଆମର ଆସନ୍ତାବର୍ଷ ପିଢ଼ିମାନଙ୍କ ଆଗରେ ଥୋଇବା ପାଇଁ ସରକାର ବା ଦଳ କଣ କରିଲେ ? ବିଭିନ୍ନ କାର୍ଯ୍ୟକଳାପକୁ ନେଇ କେତେଖଣ୍ଡ ବହି ଲେଖା ହୋଇପାରିଛି ? ଭବିଷ୍ୟତରେ ଏଭଳି ମହାନ ବ୍ୟକ୍ତିମାନଙ୍କୁ ତିଆରି କରିବାର କ୍ଷମତା ଅଛି କି? ନା, ଏମାନଙ୍କ ବିକି ବିକି ଚଳିବା ଏବଂ ଏହାମଧ୍ୟ କେତେଦିନ ? ମୋର ଅନୁରୋଧ ରହିବ ମୁଖ୍ୟମନ୍ତ୍ରୀଙ୍କୁ ବିଜୁ ବାବୁଙ୍କ ନାମରେ ଏକ ଏକାଡେମି କରାହେଉ ଏବଂ ତାଙ୍କ ଜୀବନରେ ଘଟିଥିବା ସବୁ ଘଟଣାକୁ ଲୋକଙ୍କ ଆଗରେ ବିଶେଷକରି ଛାତ୍ରଛାତୀମାନଙ୍କଠାରେ ଥୁଆ ହେଉ ଏବଂ ସେମାନଙ୍କୁ ସୁଯୋଗ ସୁବିଧା ଦିଆହେଉଁ ବିଜୁବାବୁଙ୍କ ଭଳି ହେବାପାଇଁ। ଏବେ ମୁଁ ନିଜେ ଅଙ୍ଗେ ନିଭାଉଥିବା କିଛି ଘଟଣା ଆପଣମାନଙ୍କ ପାଖରେ ରଖିବି ଏବଂ ତନ୍ମଧ୍ୟରୁ ଆଜି ଯେଉଁ ମହିଳାମାନଙ୍କ ରିଜାରଭେସନ ହୋଇଛି ତାହା ବିଜୁବାବୁଙ୍କ ପାଇଁ ଏବଂ ଏହି କାର୍ଯ୍ୟକ୍ରମଟି ବାଲେଶ୍ୱରରୁ ଆରମ୍ଭ ହୋଇଥିଲା। ମୋର ମନେ ଅଛି ୧୯୯୧ ମସିହାରେ ବାଲେଶ୍ୱରଠାରେ ରାଜ୍ୟ ଅ.ଏ.ଏସ ଏସୋସିଏସନର ବାର୍ଷିକ ସମ୍ମିଳନୀ ହୋଇଥିଲା। ସେତେବେଳେ ବିଜୁ ବାବୁ ମୁଖ୍ୟମନ୍ତ୍ରୀ ଥାଆନ୍ତି ଏବଂ ସଭା କାର୍ଯ୍ୟକୁ ସେ ଦେଖିଲେ ଅଫିସରମାନଙ୍କ ମଧ୍ୟରେ ମହିଳାଙ୍କ ସଂଖ୍ୟା ବହୁତ କମ୍ ଥିଲା। ଅତି ସୁନ୍ଦର ଭାବରେ ଚଷମାଟିକୁ ମୁଣ୍ଡ ଉପରକୁ ଟେକିଦେଇ ସାମନାକୁ ବାରମ୍ବାର ଅନେଇଲା ପରେ କହିଥିଲେ, ମୋତେ କିଛି ଗୋଟାଏ କରିବାକୁ ପଡ଼ିବ। ମୁଁ ଭୁବନେଶ୍ୱର ଫେରିଯାଏ ତାପରେ ନିଷ୍ପତ୍ତି ନେବି। ପୁଣି କହିଲେ କଲର କାହାନ୍ତି ? କଲର ରହିବା ଦରକାର। କେହି କିଛି ବୁଝି ପାରି ନଥିଲେ ସମସ୍ତେ ଆଶ୍ଚର୍ଯ୍ୟ ହେଲେ। ଅରୁଣ ବାବୁ ସଭାରେ ବସିଥାଆନ୍ତି, କଲେକ୍ଟର ଆଉ ଶ୍ରୀନିବାସନ ମଧ୍ୟ। ଆସନ୍ତାବର୍ଷ ମୁଁ ଦେଖିକି ତମର ଏହି ସମ୍ମିଳନୀରେ ଶହେରୁ ତିରିଶ ଭାଗ ମହିଳା ରହିବେ। ଏବଂ ସତକୁ ସତ ଅଳ୍ପଦିନ ମଧ୍ୟରେ ମହିଳାମାନଙ୍କ ପାଇଁ ୩୦ଭାଗ ରିଜାରଭେସନ ବ୍ୟବସ୍ଥା କରିଥିଲେ ଏବଂ ଏହା ପରେ ପରେ ଏହାକୁ ସାରା ଭାରତବର୍ଷ ଅନୁକରଣ କରିଥିଲା।

(କ୍ରମଶଃ)

## କବିତା କୋଣାର୍କ

### ଆମେ ବୋଧେ ଶେଷ ପିଢ଼ି...

**ଉମୟରୁଧର ବେହେରା**

ନଡ଼ା ଛପରରେ ଝାଟି, ମାଟି ଘରେ
ଦୁଃଖେ,ସୁଖେ ଆମେ ବଞ୍ଚିଥିଲୁ
ଅଜା, ଆଉ, ଜେଜେ ,
ଜେଜେ ମାଆଠାରୁ
ପାଖେ ବସି ଗପ ଶୁଣୁଥିଲୁ।

ଗିନା, ଡାଟିଆରେ
ଚା ' ଟିକିଏ ମାଗି
ଫୁଙ୍କି ଫୁଙ୍କି ଓଠେ ପିଉଥିଲୁ
ଗାଆଁ ଦାଣ୍ଡ ସାରା
ନଟୁ, ବୋହୁଚୋରି
କବାଡି, ଦାଣ୍ଡିଆ, ଖେଳୁଥିଲୁ।

ଦାହିକି ମାଙ୍କଡ କଉଡ଼ି, ପଥର
ଖପରା ଟେକାକୁ ଫିଙ୍ଗୁଥିଲୁ
ଗଛରେ ଗଛରେ ଏ ଡାଳୁ ସେ ଡାଳୁ
ଗଛ କହନ୍ତିରେ ମାଡୁଥିଲୁ।

ଡ଼ିବିରି, ଲଣ୍ଠନ ଆଲୁଅରେ ବସି
ସଞ୍ଜବେଳେ ନିତି ପଢୁଥିଲୁ
ଭଙ୍ଗା କାଚ ଖଣ୍ଡ ମୁନିକା ଅଠାରେ
ଟିକି ଟିକି ହାତେ ଯୋଡୁଥିଲୁ।

ଦୂର ଦେଶେ ରହି ମନ କଥା ସବୁ
ସ୍ୟାହି କଲମରେ ଲେଖୁଥିଲୁ
ଇଂଲଣ୍ଡ ଲଫାପା, ପୋଷ୍ଟ କାର୍ଡ ଚିଠି
ମନି ଅର୍ଡର ରେ ପାଉଥିଲୁ।

ବିନା ଫ୍ୟାନ, ଏସି, କୁଲର, ହିଟର
ହାତ ବିଛଣାରେ ଶୋଉଥିଲୁ
ସୋରିଷ, ନଡ଼ିଆ,ଜଡ଼ା ତେଲ ମୁଣ୍ଡେ
ଗାଧୋଇ ପଖାଳ ଖାଉଥିଲୁ।

ବିନା ସାଇକେଲ ଅଟୋ ରିକ୍ସାରେ
ପାଦେ ଚାଲି ସ୍କୁଲ ଯାଉଥିଲୁ
ସେ କାଳେ ନ ଥିଲା ପ୍ୟାକେଟ
ପଇସା ଆଠଣା,
ଚାରଣା ନେଉଥିଲୁ।

ମାଟିଆ ପୋଷାକ ବ୍ୟାଗ ବସ୍ତାନିକୁ
ନ ଥିଲା କା'ରି ୱାସିଂ ମେସିନ
କାଶ, କଫ, ଥଣ୍ଡା,
ଜ୍ୱର, ମୁଣ୍ଡବ୍ୟଥା
ଖାଉ ନ ଥିଲୁ କେହି ମେଡିସିନ।

ପରୀକ୍ଷା ସମୟେ ମାତା, ପିତା, ଗୁରୁ
ମନ୍ଦିରେ ମୁଣ୍ଡିଆ ମାରୁଥିଲୁ
ଦୁଷ୍ଟାମି କରିଲେ ବୟୋଜ୍ୟେଷ୍ଠ ଦେଖି
ଗାଆଁ ଶେଷ ମୁଣ୍ଡେ ଲୁଚୁଥିଲୁ
ଆମେ ବୋଧେ ଶେଷ ପିଢ଼ି।

+ଶିକ୍ଷକ,ନବୋଦୟ ବିଦ୍ୟାଳୟ
ସୁରଳ(ଗଞ୍ଜାମ)
ସମ୍ପର୍କ-୯୪୩୭୬୮୮୪୬୪

### ପ୍ରେମ ନୁହେଁ ବଢିପାଣି...

**ପ୍ରଶାନ୍ତ କୁମାର ନାଥ**

ପ୍ରେମ ନୁହେଁ ସେତ ଅଦିନ କୁହୁଡି
ନିଦାଘେ ହୋଇବ ଲୀନ
ନୁହେଁ ତାହା ପୁଣି ସମୁଦ୍ର ଲହଡି
ତରଙ୍ଗେ କିଣିବ ମନ।

ବଢିପାଣି ପରି ଆସେନାହିଁ ପ୍ରେମ
ସୁଖ ସବୁ ଧୋଇବାକୁ
ମରୁଡି ରୂପରେ ଆସେ ନାହିଁ କେବେ
ଦୁଃଖେ ଖାଲି ଜିଇଁବାକୁ।

ଝର ଝର ଏକ ଝରଣା ନୁହେଁ ସେ
ମନକୁ ଚୋରେଇ ନେବ
ଫଗୁଣର ଫଗୁ ଅବିର ନୁହେଁ ସେ
ଦେହକୁ ରଙ୍ଗେଇ ଦେବ।

ପ୍ରେମ ନୁହେଁ ଫୁଲ ବାସ୍ନା ଭରିଦେଇ
ପୁଣି ଥରେ ଝଡିଯିବ
ନୁହେଁ ସେ କୋଇଲି କୁହୁ କୁହୁ ଗାଇ
ମନ ଖାଲି ମୋହୁଥିବ।

କିଏ ସେ ଜାଣିଛି ପ୍ରେମରୂପ ଏଠି
କେମିତିସେ ହୋଇଥିବ
ଭଲ ପାଇବାର ରୂପ ନାହିଁ ଜମା
ସବୁଠାରେ ସିଏ ଥିବ।

+ସୁନ୍ଦରପୁର, ଉତ୍ତରକୂଳହାଟ୍,
ପ୍ରୀତିପୁର, ଯାଜପୁର
ମୋ-୦୮୮୯୨୩୦୧୧୪୩



## ● ଧାରାବାହିକ ଆତ୍ମଜୀବନୀ ●

ଭାଗ-୭

# ମୋ ସାହିତ୍ୟ ସାଧନା: ତିକ୍ତ ମଧୁର ଅନୁଭବ

### ରମାକାନ୍ତ ବେହେରା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ତଥାପି ଅପମାନର ତୀକ୍ଷ୍ଣ ଶରାଘାତରେ ରକ୍ତାପ୍ଳୁତ ହୋଇଛି, ଯେଉଁମାନେ କିଣିଥିଲେ ସେମାନେ ମୋ ପରବର୍ତ୍ତୀ ଜୀବନର ଦୁର୍ଗତିରେ ତାସଲ୍ୟ କଲେ- ହସିଲେ- ଦେଖ ରମାକାନ୍ତ ବେହେରାର ଅବସ୍ଥା, ସ୍ତ୍ରୀର ପକ୍ଷାଘାତ ହେଲା, ପୁଅ ବୋହୂ ବୁଢ଼ୀକୁ ତ୍ୟାଗ କରି ଘର ଛାଡ଼ିଲେ, ଗୋଟେ ସନ୍ତାନ ବି ଚାକିରୀ ପାଇନି, ଏକମାତ୍ର ପୁଅ ଦୋକାନୀ, ଚାକିରୀରେ ଚରିତ୍ର ହତ୍ୟା ହେଲା- ଓଡ଼ିଆରେ ପାଟି ଫିଟେନା, ସବୁଠୁ ଅଯୋଗ୍ୟ ଘୃଣ୍ୟ ଚରିତ୍ର ଲିପି ଲେଖିଲେ ଅଧକ୍ଷ, ପେନ୍‌ସନ୍ ଲକ୍ଷ ଲକ୍ଷ ଟଙ୍କା ହରାଇଲା ସେ ପାଇଁ, ଆମକୁ ଦେଖ ଆମ ପୁଅଝିଅ ଉଚ୍ଚ ଚାକିରିଆ, ଆମ ନେତା କାଳପୁରୁଷଙ୍କ କି ପ୍ରତିପତ୍ତି ! କୋଟି କୋଟି ଟଙ୍କା, ସମ୍ପତ୍ତିର ସମ୍ରାଟ, ତାଙ୍କ ପୁଅଝିଅ ଗେଜେଟେଡ୍ ଅଫିସର, ଠାକୁରାଣୀଙ୍କ ଆର୍ଶୀବାଦ ଆମେ ପାଇଲୁ, ସେ ହେଲା ଅଭିଶପ୍ତ ।

ଏ ସମସ୍ତ ନୀରବରେ ସହିଛି- ତଥାପି ମୁଁ ସ୍ୱାର୍ଥପର ହୋଇନାହିଁ, ମୋର କର୍ତ୍ତବ୍ୟ କରିଛି, ଏହାହିଁ ମୋର ସାନ୍ତ୍ୱନା ।

**ପରବର୍ତ୍ତୀ ସର୍ଜନା**

ପରବର୍ତ୍ତୀ କାଳରେ ଯେଉଁସବୁ ସର୍ଜନ ସାଧନା ସମ୍ଭବ ହୋଇଛି ଏବଂ ପୁସ୍ତିକାରେ ପ୍ରକାଶ ପାଇଛି ଏବେ ସଂକ୍ଷେପରେ ସେଇ ଇତିବୃତ୍ତ ସ୍ମରଣ କରୁଛି । ମୋର ଗବେଷଣା ଥେସିସ 'ସାହିତ୍ୟ ସାଧକ ମହତାବ' ପ୍ରଜାତନ୍ତ୍ର ପ୍ରଚାର ସମିତି ଦ୍ୱାରା ପ୍ରଥମେ ୧୯୯୨ରେ ପ୍ରକାଶ ପାଇଲା । ଏହାହେଲା ବଞ୍ଚିଥିବା ଲେଖକଙ୍କ ଉପରେ ଓଡ଼ିଆ ସାହିତ୍ୟରେ ପ୍ରଥମ ଗବେଷଣା ଗ୍ରନ୍ଥ । ଏହା ପୂର୍ବରୁ ଗବେଷଣା ନିବନ୍ଧ ଅତୀତଶ୍ରୟୀ ଥିଲା । ମୋ ଦ୍ୱାରା ଏ ପରମ୍ପରା ପ୍ରଥମେ ସୃଷ୍ଟି ହେଲା । ମୋ ଆତ୍ମଜୀବନୀରେ 'ଗବେଷଣା : ଏକ ଏକଲବ୍ୟ ସାଧନା' (୨୪ ଅଧ୍ୟାୟ)ରେ ମୁଁ ସବିଶେଷ ଲେଖିଛି ।

ଗବେଷଣା ପରେ ସର୍ଜନାତ୍ମକ ପ୍ରବନ୍ଧ ରଚନା ୧୯୮୨-୨୦୦୦ ମସିହା ଯାଏଁ ମୋ ପାଇଁ ଏକ ସୁବର୍ଣ୍ଣ ବେଳା । ଏସବୁ ପ୍ରାୟ ପ୍ରତିଟି ପ୍ରବନ୍ଧ ପ୍ରଜାତନ୍ତ୍ର ବା ଝଙ୍କାର ଏବଂ ଅନ୍ୟ ପତ୍ରିକାରେ ପ୍ରକାଶ ପାଇଲା । ତାହାଥିଲା ପତ୍ରାଳାପର ଯୁଗ । ପ୍ରତି ପ୍ରବନ୍ଧ ପ୍ରକାଶ ପାଇଲା ପରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଖ୍ୟାତ ଅଖ୍ୟାତ ଲେଖକ ପାଠକଙ୍କଠାରୁ ପ୍ରଶଂସାସୂଚକ ପତ୍ର ପାଉଥିଲି । ସେସବୁ ପତ୍ର ଏଯାଏଁ ବି ସାଇତା ରହିଛି । ବିଭିନ୍ନ ପତ୍ରାବଳୀର କିଛି ନିର୍ବାଚିତ ଅଂଶ ମୋ ଅବସର ପରେ ମୋ ଉଦ୍ଦେଶ୍ୟରେ ସଂକଳିତ 'ସାଧନାଳୟର ସାଧକ' ସମ୍ବର୍ଦ୍ଧନା ପୁସ୍ତକରେ ସ୍ଥାନିତ ହୋଇଛି । ନିର୍ବାଚିତ ପ୍ରବନ୍ଧର ଏକ ସଂକଳନ 'ଜ୍ୱଳନ୍ତ ଯୌବନ : ଏକ ଆଗ୍ନେୟ ଆବାହନ' ନାମରେ ୨୦୦୦ ମସିହାରେ ସାଲେପୁର ରୂପାମ୍ବରା ପ୍ରକାଶନୀ ବଟେଶ୍ୱର, କଟକ ଦ୍ୱାରା ପ୍ରଥମେ ପ୍ରକାଶ ପାଇଲା । ସେଥିରେ ସ୍ଥାନିତ ପ୍ରାୟ ସମସ୍ତ ପ୍ରବନ୍ଧ ମୋର ସାରସ୍ୱତ ସାଧନାର ଶ୍ରେଷ୍ଠ ସ୍ୱାକ୍ଷର । ଏ ସମ୍ବନ୍ଧରେ ଅନେକ ସ୍ମରଣୀୟ ଘଟନା ରହିଛି । ସେ ସବୁର ମାତ୍ର ୨/୩ଟି ପ୍ରସଙ୍ଗତଃ ଉଲ୍ଲେଖ କରୁଛି ।

ସେଥିରେ ସ୍ଥାନିତ ଗୋଟିଏ ପ୍ରବନ୍ଧ ଥିଲା 'ଦେଶର ସେବା ଅନ୍ତରାଳେ' । ଏହା ଗାନ୍ଧିଜୀଙ୍କ ୧୨୫ ତମ ଜୟନ୍ତୀ ଉପଲକ୍ଷେ ତାଙ୍କୁ ଉତ୍ସର୍ଗ କରି ଲେଖିଥିଲି । ୨୯-୧୦-୯୪ରେ ପ୍ରଜାତନ୍ତ୍ରରେ ତାହା ପ୍ରକାଶ ପାଇଥିଲା । ଯୋଗକୁ ତା ୩୧-୧୦-୯୪ରେ ଭଦ୍ରକ ଗାନ୍ଧି ଓଡ଼ିଶା ବାଳାଶ୍ରମରେ ଅନ୍ନପୂର୍ଣ୍ଣା ମହାରଣାଙ୍କ ଉପସ୍ଥିତିରେ ଶତାଧିକ ଅଶୀତିପର ବୃଦ୍ଧ ସ୍ୱାଧୀନତା ସଂଗ୍ରାମୀ ଗାନ୍ଧି ଜୟନ୍ତୀ ପାଳନ ପାଇଁ ସମବେତ ହୋଇଥିଲେ । ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପରେ ମୋର ଏଇ ପ୍ରବନ୍ଧ ସମ୍ବନ୍ଧରେ ଆଲୋଚନା ହେବାରୁ ସଭିଙ୍କ ଆଗ୍ରହ ବଢ଼ିଲା, ଫଳରେ ପ୍ରବନ୍ଧଟି ସମସ୍ତଙ୍କ ଆଗରେ ପାଠ କରାଗଲା । ସେମାନେ ଅନୁଭବ କଲେ ଯେମିତି ସେମାନଙ୍କ ଯୌବନର ସ୍ୱପ୍ନ ସାଧନା ଏବଂ ପରବର୍ତ୍ତୀ ବାର୍ଦ୍ଧକ୍ୟର ବ୍ୟଥିତ ବେଦନାର ମର୍ମବାଣୀ ଲେଖାଟିର ପ୍ରତିଛତ୍ରରେ ପ୍ରତିଧ୍ୱନିତ ହୋଇଛି । ଏତେ ପ୍ରୀତ, ଭାବବିହ୍ୱଳ ହେଲେ ଯେ ସର୍ବସିଦ୍ଧାନ୍ତ କ୍ରମେ ସଙ୍ଗେ ସଙ୍ଗେ ମୋ ପାଖକୁ ଏକ ପୋଷ୍ଟକାର୍ଡରେ ଆଶୀର୍ବାଣୀ ସହ ହୃଦୟଭରା ଅଭିନନ୍ଦନ ଜଣାଇଲେ । ପତ୍ରର ଲେଖକ ଆଇନଜୀବୀ ଗୟାଧର ବାରିକଙ୍କ ସହ ପ୍ରାୟ ପ୍ରମୁଖ ଅଧିକାଂଶ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ୱାକ୍ଷର ଥିଲା । ପତ୍ରଟିରେ ଯେମିତି ସ୍ୱର୍ଗରୁ ଭଗବାନଙ୍କ ଆଶିଷର ପୁଷ୍ପକଳା ମୋ ଉପରେ ବର୍ଷିତ ହୋଇଛି । ସେସବୁ ଉତ୍ତୀର୍ଣ୍ଣ ବୟସର ସ୍ୱାଧୀନତା ସଂଗ୍ରାମୀଙ୍କ ହାତଥରା ସ୍ୱାକ୍ଷର ହେଲା ଏ ଅଭାଗା ଜୀବନର ଏ ଏକ ସ୍ୱର୍ଣ୍ଣସ୍ମୃତି । ପତ୍ରଟି ସାଇତି ରଖିଛି ।

ଦ୍ୱିତୀୟ ଘଟନା ଭୁବନେଶ୍ୱର ରାମକୃଷ୍ଣ ଆଶ୍ରମର ମଠାଧୀଶଙ୍କ ଅପ୍ରତ୍ୟାଶିତ ଆଶୀର୍ବାଦ ।

ମୁଁ ଖଲ୍ଲିକୋଟରୁ ଘରକୁ ଯିବାଆସିବା ସମୟରେ ରାତିଟିଏ ଭୋଗରାଇର ବାଇତପୁର ଗ୍ରାମର ପ୍ରଭାତ ଜେନାଙ୍କ ବସାରେ ଭୁବନେଶ୍ୱରରେ ରହୁଥାଏଁ । ସେ ସଚିବାଳୟରେ ଚାକିରୀ କରିଥାନ୍ତି । ତାଙ୍କ ବସା ରାମକୃଷ୍ଣ ମଠ ପାଖରେ । ଦିନେ ତାଙ୍କ ସହ ରାମକୃଷ୍ଣ, ବିବେକାନନ୍ଦଙ୍କ ଉପରେ ଲିଖିତ କିଛି ପୁସ୍ତକ କିଣିବା ପାଇଁ ଗଲି । ରାତି ଆଠ ଅତିକ୍ରମ କରିଥାଏ । ଗେଟ୍‌ରେ ଚାବି ପଡ଼ିଥାଏ । ସକାଳେ ଭୋରରୁ ବାଲେଶ୍ୱର ବସ୍ ଧରିବି, ସମୟ ହେବ ନାହିଁ । ତେଣୁ ଗେଟ୍ ପାଖରେ ଶବ୍ଦକଲି । ଜଣେ ଭକ୍ତ ଆସି କହିଲେ ମହନ୍ତଙ୍କ ଅନୁମତି ନହେଲେ ଖୋଲାଯିବନି । ଆପଣଙ୍କ ନାମ ଠିକଣା ଲେଖିଦିଅନ୍ତୁ । ମୁଁ ତାହା କଲି ।

ଆଶ୍ଚର୍ଯ୍ୟ ଏକ ଅବିଶ୍ୱାସୀ ଅଭାବିତ ଘଟନା ଘଟିଲା । ଦଶ ମିନିଟ୍ ଭିତରେ ଭକ୍ତଟି ଦୌଡ଼ିଆସି ଗେଟ୍ ଖୋଲିଦେଲା, ଦେଖିଲି ତାଙ୍କ ପଛରେ ଜଣେ ବୃଦ୍ଧ ସନ୍ନ୍ୟାସୀ । ସେ ହସ୍ତ ପ୍ରସାରଣ କରି ମୋତେ ଆଶୀର୍ବାଦ ଦେବା ଭଙ୍ଗୀରେ ଆଗେଇ ଆସୁଛନ୍ତି । ମୁଁ ତାଙ୍କ ପାଦ ଛୁଇଁଲି । ସେ ଆକୁଳ ଉତ୍କଣ୍ଠାରେ କହିଲେ- 'ବାବା ତୋମାକେ କତଦିନ ଧରେ ଚେୟେଛି ଏକବାର ଦେଖବ୍ ତୁମି ହଠାତ୍ ଏଲେ, ଆମି ଧ୍ୟାନ ଥେକେ ଉଠେ ଦୌଡ଼େ ଏଲାମ୍ ।'

ମୁଁ ଆଶ୍ଚର୍ଯ୍ୟ, ମୋ ପାଇଁଏ ଅଶୀତିପର ବୃଦ୍ଧ ସନ୍ନ୍ୟାସୀ ମୋତେ ଅପେକ୍ଷାରେ ଥିଲେ ? ମୁଁ କହିଲି- ଆମାକେ ? ଆମାକେ କି କରେ ଜାନ୍‌ଲେନ୍ ?

-କିଛୁ ବର୍ଷ ପୂର୍ବେ ତୋମାର ଲେଖା 'ମହାକାଳର ମହାନାୟକ ବିବେକାନନ୍ଦ' ପଡ଼େଛିଲାମ୍ ।

- ସେତ ଓଡ଼ିଆତେ ଲେଖା-ମୁଁ କହିଲି ।

- ଆମି ଓଡ଼ିଆ ଭଲଭାବେ ଜାନି, ଓଡ଼ିଶାତେ ଏତବଛର ଥାକଲାମ୍, ଓଡ଼ିଆ ଜାନବ ନା ? ବାବା ଭିତରେ ଏସ, ସେ ଆଗେଇଲେ ।

ମୁଁ ଓଡ଼ିଆରେ କହିଲି- ଆପଣ ଓଡ଼ିଆ ଜାଣନ୍ତି ଦୟାକରି ଓଡ଼ିଆରେ କଥା ହୁଅନ୍ତୁ ।

ସେ କହିଲେ, ଠିକ୍ ଅଛି, ଚାଲ ଆଗେ ମା'କାଳୀଙ୍କୁ ଦର୍ଶନ କର ।

ମୁଁ ଅଭିଭୂତ, ମୁଗ୍ଧ, ମା'କାଳୀ, ଶ୍ରୀରାମକୃଷ୍ଣ, ବିବେକାନନ୍ଦ, ଭଗିନୀ ନିବେଦିତା ସମସ୍ତଙ୍କୁ ପ୍ରଣାମ କଲି । ପ୍ରସାଦ ସେବନ ମଧ୍ୟ କଲୁଁ ।

ମଠାଧୀଶ ସନ୍ନ୍ୟାସୀ କହିଲେ - ମୁଁ ଆଜି ବହୁତ ଖୁସି, ତମ ମନ ମୁତାବକ ବହି ନିଅ, ମୁଁ କିଛି ଉପହାର ବି ଦେଉଛି । ତୁମର ଲେଖା ପ୍ରଜାତନ୍ତ୍ରରୁ ପଢ଼େଁ, ବିଶେଷତଃ ସ୍ୱାମୀ ବିବେକାନନ୍ଦଙ୍କ ଉପରେ ତୁମର ଲେଖାଟି କି ଚମତ୍କାର, ଅଭିନବ ଶୀର୍ଷକ, ଦେଶ ବିଦେଶର ବହୁ ପ୍ରସିଦ୍ଧ ଲେଖକ ସ୍ୱାମୀଜୀଙ୍କ ଉପରେ ବିଭିନ୍ନ ଭାଷାରେ ହଜାର ହଜାର ବହି ଲେଖିଛନ୍ତି, ମାତ୍ର ଏଭଳି ଶୀର୍ଷକ 'ମହାକାଳର ମହାନାୟକ' କେହି ଦେଇନାହାନ୍ତି । ଏତେ ସଂକ୍ଷେପରେ ଏଭଳି ଓଜସ୍ୱିନୀ ଭାଷାରେ ସ୍ୱାମୀଜୀଙ୍କୁ କେହି ଆକଳନ କରିଥିବାର ମୁଁ ଜାଣେନା । ଏଭଳିକି ବଙ୍ଗଳାରେ ମଧ ଏଭଳି ଲେଖାନାହିଁ । କାଗଜଟି ମୁଁ ସାଇତି ରଖିଛି, ମଧେ ମଧେ ପଢ଼େଁ । ମୋର ଆଶୀର୍ବାଦ ବାବା ତୁମେ ଯଶସ୍ୱୀ ହୁଅ ।

ତା'ପରେ ସ୍ୱାମୀଜୀ ମଠ ବୁଲାଇଲେ, ପୁସ୍ତକାଳୟରୁ କିଛି ବହି ସଂଗ୍ରହ କଲି । ସେ ପୁଣି କହିଲେ - 'ନେତାଜୀ ସୁଭାଷ : ତାରୁଣ୍ୟର ଆଗ୍ନେୟ ଅଙ୍ଗୀକାର'ଟି ମଧ ଚମତ୍କାର, ଏଭଳି ଶୀର୍ଷକ କେହି ଦେଇନାହାନ୍ତି ନେତାଜୀଙ୍କୁ, ଲେଖାଟିର ଚେତନାର ଅଗ୍ନି ଉତ୍ତାପ ଭରି ରହିଛି । ପାଦଛୁଇଁ ବିଦାୟ ନେଲି, ସେ ପୁଣି କୋଳାଗ୍ରତ କରି ଆଶୀର୍ବାଦ କଲେ । ଏ ସ୍ମୃତିକୁ ଭୁଲି ହୁଏ ?

ମୁଁ ନିଜକୁ ପ୍ରଶ୍ନକରେଁ ଏ ଚେତନା, ଏ ଉଦ୍ଦୀପନା, ରାଷ୍ଟ୍ରୀୟ ଭାବନାର ଅଗ୍ନିଗର୍ଭ ଭାଷା କିଏ ମୋ ଲେଖନୀରେ ଦେଲା ? ଗୀତା ମର୍ମରେ ମୁଁ ନିମିତ୍ତ ମାତ୍ର, ସବୁ ବିଭୁକୃପା, ହୁଏତ ପ୍ରାରବ୍ଧ ପୁଣ୍ୟ ।

ସେଇ ବହିଟି ନେଇ ଆଉ ଏକ ଦୁଲର୍ଭ ସ୍ମୃତି ସ୍ମରଣ କରୁଛି ।

ଏହା ଆହୁରି ଅବିଶ୍ୱାସକର । କିନ୍ତୁ ମୋର ଅନୁଜ ପ୍ରତିମ ଲେଖକ ତଥା ପ୍ରକାଶକ କାଳୀପଦ ପଣ୍ଡାଙ୍କ ଉପସ୍ଥିତିରେ ଘଟନାଟି ଘଟିଥିଲା, ଏତିକି ସାନ୍ତ୍ୱନା, ନହେଲେ କିଏ ବିଶ୍ୱାସ କରନ୍ତା ? ମନଗଢ଼ା ଆତ୍ମପ୍ରଶସ୍ତି ବୋଲି ଅନେକେ କହନ୍ତେ ।

୨୦୧୦ ମସିହାର ଭୁବନେଶ୍ୱର ପୁସ୍ତକ ମେଳାର ସ୍ମୃତି । ମୁଁ ଏକ କାମରେ ଯାଇଥାଏଁ । ଦିନ ୩ଟା, ଉପରଓଳି ଷ୍ଟଲ ଖୋଲା ଯାଇଥାଏ । କାଳୀପଦ ବାବୁ ପୁସ୍ତକ ଥାକମାନ ସଜାଡୁଥାନ୍ତି । ମୁଁ ଏକ ବହି ଉପରେ ଆଖି ବୁଲାଉଥାଏଁ ।

ପ୍ରଚଣ୍ଡ ଖରା, ଝାଳନାଳ ଅବସ୍ଥା, ଜଣେ ଯୁବକ ବିଭିନ୍ନ ଷ୍ଟଲରୁ ବୁଲି ବୁଲି ଆସି ସେଠି ପହଞ୍ଚିଲା, ଭାବିଲା ମୁଁ ଦୋକାନୀ, କାଳୀପଦ ବାବୁ କର୍ମଚାରୀ, ମୋତେ ପଚାରିଲା- ଆଜ୍ଞା ଆପଣଙ୍କ ଷ୍ଟଲରେ 'ଜ୍ୱଳନ୍ତ ଯୌବନ: ଏକ ଆଗ୍ନେୟ ଆବାହନ' ବହିଟି ଅଛି ?

ମୁଁ ହଠାତ୍ ଚମକି ପଡ଼ିଲି, ବହିରୁ ଆଖି ହଟାଇ ଯୁବକକୁ ପଚାରିଲି - ତୁମେ ସେ ବହି କାହିଁକି ଖୋଜୁଛ ? ତାଠୁଁ ଆହୁରି ଭଲବହି ଅଛି, ବଡ଼ବଡ଼ ଲେଖକଙ୍କର ଅଛି, ବାଛୁନ ସେଥିରୁ କିଛି ।

- ଆଜ୍ଞା ଏବହିଟି ପାଇଁ ମୁଁ ସୁଦୂର ଫୁଲବାଣୀରୁ ଆସିଛି, ଅନ୍ୟ କାମ ବିଶେଷ ନଥିଲା, ପରେ ଆସିଥିଲେ ଚଳିଥାନ୍ତା, ମାତ୍ର ପୁସ୍ତକ ମେଳାର ଆଜି ଶେଷଦିନ, ତେଣୁ ଏ ଖରାରେ ଦୌଡ଼ିଛି, ବହିଟି କିଣି ଫେରିବି ଅନ୍ୟ କେହି ଷ୍ଟଲରେ ନପାଇ ଏଠି ଖୋଜୁଛି ।

- ବହିଟିର ଲେଖକଙ୍କୁ ଜାଣ ?

- ଆଜ୍ଞା ଡ. ରମାକାନ୍ତ ବେହେରା, ବାଲେଶ୍ୱର ଆଡ଼େ ଘର ।

- ତାଙ୍କୁ ବା ତାଙ୍କ ବହିକୁ ଜାଣିଲ କିମିତି ?

ସେ ପରା ଗତବର୍ଷ ଫୁଲବାଣୀ ପୁସ୍ତକ ମେଳାରେ ଅତିଥି ହୋଇଥିଲେ । ଆୟୋଜକ ଥିଲେ ବ୍ୟଙ୍ଗ କବି ବାଇଡ଼ଙ୍କ ଦାସ, ତାଙ୍କୁ ଏ ବହିଟି ଉପହାର ଦେଇଥିଲେ । ତାଙ୍କ ପାଇଁ ଫୁଲବାଣୀ କଲେଜରେ ମଧ ଏକ ସ୍ୱତନ୍ତ୍ର ସଭା ହୋଇଥିଲା । ମୋର ଦୁର୍ଭାଗ୍ୟ ମୁଁ ସେ ସମୟରେ ଫୁଲବାଣୀରେ ନଥିଲି । ପରେ ଆସି ତାଙ୍କ ବହିଟି ପଢ଼ିଲି । ମାତ୍ର ହାତକୁ ହାତ ହୋଇ ଛିଣ୍ଡି ଗଲାଣି, ଅନେକ ଛାହୁଁଛନ୍ତି ବହିଟି ପାଖରେ ରଖିବେ । ମୁଁ ଆସିଛି କିଛି କିଣି ନେଇଯିବି ।

ମନେ ପଡ଼ିଲା ସେ ସ୍ମୃତି, ମୋ ସହ ଅନ୍ୟତମ ଅତିଥି ଥିଲେ ପ୍ରଖ୍ୟାତ ଔପନ୍ୟାସିକା ପ୍ରତିଭା ରାୟ, ଯୁବକଟିକୁ ମଜାରେ କହିଲି-

- ନା, ସେ ବହି ନାହିଁ, ତୁମେ ଅନ୍ୟ ଭଲ ବହିନିଅ । ବିଖ୍ୟାତ ଲେଖକଙ୍କ ଉପନ୍ୟାସ, ଗଳ୍ପ ଆଦି ଅଛି । ମୁଁ ମନେ ମନେ ହସୁଥାଏଁ, କାଳୀପଦ ବାବୁ ବି ।

(କ୍ରମଶଃ)

+ସାଧନାଳୟ, ବିକାଶନଗର,
ବାଲେଶ୍ୱର, ମୋ: ୯୪୩୭୭୫୪୭୯୬

## ● ଆଜିର ଗଳ୍ପ ●

# ପ୍ରଣୟ ଓ ପ୍ରେରଣା

### ଶ୍ରୀକୃଷ୍ଣ ସାମଲ



ପ୍ରଣୟ ଓ ପ୍ରେରଣା ଗୋଟିଏ କଲେଜରେ ପଢୁଥାନ୍ତି । ଏମତି କଲେଜ କ୍ୟାମ୍ପସରେ ତାଙ୍କର ଅନେକ ସମୟରେ ଦେଖା ସାକ୍ଷାତ ହୁଏ । ପ୍ରାୟ ଏହି ଦେଖା ସାକ୍ଷାତ ଭିତରେ ଉଭୟେ ଉଭୟଙ୍କୁ ଅତି ନିଜର ଓ ଆଦର୍ଶ ବୋଲି ଧରି ନେଇ ସାରିଥାନ୍ତି । କଲେଜ କ୍ୟାମ୍ପସରେ ବିଭିନ୍ନ କାର୍ଯ୍ୟକ୍ରମ ବେଳେ ସୁଗୋଲ, ସୁଠାମ, ଭଦ୍ର ଓ ନମ୍ର ପ୍ରଣୟର ସ୍ୱଭାବ ବ୍ୟବହାର ପ୍ରେରଣାକୁ ଅତି ଭଲ ଲାଗୁଥାଏ । ଏମିତି ବି ପ୍ରଣୟ ପ୍ରେରଣାର ଗତିବିଧି ଲକ୍ଷ୍ୟ କରି ତାହା ତାକୁ ଅତି ଭଲ ଲାଗୁ ଥିଲେ ମଧ୍ୟ ପ୍ରେରଣା ଜଣେ ସମ୍ଭ୍ରାନ୍ତ ଓ ଧନୀକ ଲଳନା ବୋଲି ଭାବି ନେଇ ତାହା ନିକଟରୁ ମନ ଓ ନୟନକୁ ଫେରାଇ ଆଣୁଥାଏ । ସମୟ ବିତି ଚ୍ୱଲିଥାଏ ।

ସେଦିନ ଥାଏ ଛୁଟିଦିନ । କିଛି ଅନ୍ତର୍ବାସ କିଣିବାକୁ ଏକ ସଫିଂ ମଲ୍‌କୁ ଯାଇଥାଏ ପ୍ରଣୟ । ସେ ସେହି ସଫିଂ ମଲ୍‌ରେ ଅନ୍ତର୍ବାସ କିଣୁଥାଏ । କେଜାଣି କେମିତି ସଫିଂ ମହଲକୁ ପ୍ରେରଣା ବି ଆସିଥାଏ ଓ ସେ ପ୍ରଣୟକୁ ଦେଖି ସେହି କାଉଣ୍ଟରକୁ ଆସି ପ୍ରଣୟ ସହିତ ଲଗାଲଗି ହୋଇ ସେ ବି ଅନ୍ତର୍ବାସ କିଣିବାକୁ ଲାଗିଗଲା । ପ୍ରଣୟ ପ୍ରେରଣାକୁ ଦେଖି ଦବିଗଲା । ଅଗତ୍ୟା ପ୍ରେରଣା ନିକଟରୁ ଦୂରେଇ ଯିବାକୁ ବି ସମୟ ପାଇଲାନି । ପ୍ରାୟ ଦୁଇ ଜଣଙ୍କର ନିଶ୍ୱାସ ପ୍ରଶ୍ୱାସ ଉଭୟଙ୍କ ଉପରେ ପଡୁଥାଏ ଓ ଦୁଇ ଜଣ ଅତି ନିକଟରେ ଲଗାଲଗି ହୋଇ ଜିନିଷ କିଣାକିଣି କରୁଥାନ୍ତି । ହଠାତ୍ ବେହୋସ ହୋଇ ପ୍ରେରଣା ପ୍ରଣୟର କାନ୍ଧ ଉପରେ ମୁଣ୍ଡ ରଖିଦେଲା । ଆଉ ଜିନିଷ କିଣିବ କ'ଣ ପ୍ରଣୟ ହଡବଡେଇ ଯାଇ ପ୍ରେରଣାକୁ ଟେକି ନେଇ ସଫିଂ ମଲ୍ କଡରେ ଥିବା ଏକ ବେଞ୍ଚରେ ବସି ତା' କୋଳରେ ତାକୁ ଶୁଆଇ ଧରି ନିଜ ରୁମାଲରେ ତାକୁ ପଙ୍ଖା କରିବାକୁ ଲାଗିଲା । ମଲ୍ ବୟକୁ କହିଲା ଭାଇ- ଗ୍ଲାସରେ କିଛି ଥଣ୍ଡା ପାଣି ଆଣ । ବେହୋସ ହୋଇଯାଇଥିବା ଏହି ଦିଦିଙ୍କ ମୁହଁରେ ସିଞ୍ଚିବା । ମହଲ ବୟ କାଳ ବିଳମ୍ବ ନ କରି ପାଣି ଆଣି ଦେବାରୁ ପ୍ରାୟ ଆସ୍ତେ ଆସ୍ତେ ତାହା ପ୍ରେରଣା ମୁହଁରେ ସିଞ୍ଚିବାକୁ ଲାଗିଲା ପ୍ରଣୟ । ପ୍ରେରଣା ଧୀରେ ଧୀରେ ଆଖି ଖୋଲିବାରୁ ପ୍ରଣୟ କହିଲା ମୁଁ ପ୍ରଣୟ, କଲେଜ କ୍ୟାମ୍ପସରେ ଆପଣଙ୍କୁ ବହୁବାର ଦେଖିଛି, ହଠାତ୍ ଆପଣ ବେହୋସ ହୋଇ ପଡିବାରୁ ଆପଣଙ୍କୁ ଏଠାରେ ଧରି ବସିଛି । ପ୍ରେରଣା କହିଲା ଧନ୍ୟବାଦ । ମୁଁ ପ୍ରେରଣା । ଆପଣଙ୍କୁ ବି କଲେଜ କ୍ୟାମ୍ପସରେ ବହୁବାର ଦେଖିଛି । ହେଲେ କଥା ହେବାର ସୁଯୋଗ ପାଇ ନ ଥିଲି । ଏହା କହି ପୁଣି ଆଖି ବୁଜିଦେଲା । ପୁଣି ଥରେ ପ୍ରେରଣା ବେହୋସ ହେବାର ଦେଖି ଗଭୀର ଭାବେ ଭାଙ୍ଗି ପଡିଲା ପ୍ରଣୟ । ମଲ୍ ବୟକୁ ଡାକି କହିଲା- ଭାଇ ଅଟୋ ଟିକେ ଡାକି ଦିଅ । ପୁଣି ଇଏ ବେହୋସ ହୋଇଗଲେ । ତାଙ୍କୁ ଡାକ୍ତରଖାନାକୁ ନେବାକୁ ପଡିବ । ଏହା କହି ଗଭୀର ଭାବରେ ଚିନ୍ତାମଗ୍ନ ରହି ପ୍ରେରଣାକୁ କୋଳରେ ଧରି ବସି ରହିଲା । ମଲ ବୟ ଅଟୋଟିଏ ଡାକି ଦେବାରୁ ତାକୁ କହିଲା ଭାଇ ଦିଦିଙ୍କର ସ୍କୁଟିଟି ତୁମ ମହଲ ହେପାଜତରେ ରହିଲା ଓ ମୋ ସାଇକେଲଟି ବି ତୁମ ହେପାଜତରେ ରହିଲା । ଦିଦି ଭଲ ହୋଇଗଲେ ଆସି ତାଙ୍କର ସ୍କୁଟିଟି ନେଇ ଯିବେ ଓ ମୁଁ କେତେବେଳେ ଆସି ମୋ ସାଇକେଲଟି ନେଇଯିବି । ଏହା କହି ପ୍ରେରଣାକୁ କୋଳରୁ ଟେକି ନେଇ ଅଟୋରେ ବସାଇବାକୁ ଉଦ୍ୟମ କଲାବେଳେ ପୁଣି ଥରେ ଆଖି ଖୋଲି ପ୍ରେରଣା କହିଲା - ପ୍ରଣୟ ମୋତେ ଭଲ ଲାଗୁଛି ମୁଁ ତୁମ ବେକରେ ହାତ ରଖି ଧିରେ ଧିରେ ଚ୍ୱଲିଯାଇ ଅଟୋରେ ବସି ପାରିବି । ତାହା ହିଁ ହେଲା । ଭଗବାନକୁ ଗଭୀର କୃତଜ୍ଞତା ଜଣାଇଲା ପ୍ରଣୟ । ମୋର କର୍ତ୍ତୃପକ୍ଷ ଏମାନେ ପରସ୍ପରର ଅତି ନିଜର ଭାବି ଏହା ଉପରେ ଗୁରୁତ୍ୱ ଦେଲେ ନାହିଁ । ଅଟୋ ହସ୍ପିଟାଲ ଅଭିମୁଖେ ଛୁଟି ଚ୍ୱଲିଲା । ଅଟୋରେ ଦୁହେଁ ଲଗାଲଗି ହୋଇ ବସିଥାନ୍ତି । ପ୍ରେରଣାର ସେନ୍ସ ଠିକ୍ ଥାଏ । ସେ ଲାଗି ଆସି ପ୍ରଣୟ କାନରେ କହିଲା- ପ୍ରଣୟ ମୁଁ ତୁମକୁ ଭଲ ପାଏ । କାହିଁ କେଉଁ ଦିନରୁ ତୁମେ ମୋ ହୃଦୟ ସିଂହାସନରେ ବସି ସାରିଛ । କାଳେ ଝରାଫୁଲ ଭଳି ଅବସ୍ଥା ହେବ ବୋଲି ଭାବି ମୁଁ ଛଳନା କରୁଥିଲି । ତୁମର ବାହାରର ସ୍ୱଭାବ ଯେମିତି , ଭିତରର ସ୍ୱଭାବ ମଧ ସେମିତି । ଭାବୁଥିଲି ତୁମେ ମୋତେ ଅନ୍ୟତ୍ର ଟେକି ନେଇ ଆଶାଳୀନ ବ୍ୟବହାର କରିବା ପୂର୍ବରୁ ମୁଁ ନିଜକୁ ମୁକୁଳାଇ ନେଇଥାନ୍ତି । କିନ୍ତୁ ତାହା ହେଲା ନାହିଁ । ତୁମ ମଣିଷ ପଣିଆଁକୁ ଶତ ଧନ୍ୟବାଦ । ହେଲେ ଗଭୀରଭାବେ ଭାଙ୍ଗି ପଡି ପ୍ରଣୟ କହିଲା ତୁମେ ମୋତେ ତମ ହୃଦୟର ସିଂହାସନରେ ବସାଇ ବଡ ଭୁଲ କରିଛ ପ୍ରେରଣା । କାରଣ ପରସ୍ପରର ଭଲ ପାଇବା ସାକାର ହେବାକୁ ହେଲେ ଜାତି, କୂଳ ଓ ଆର୍ଥିକ ସ୍ୱଚ୍ଛଳତାର ଆବଶ୍ୟକତାକୁ ଆଦୌ ଆଡେଇ ଯାଇହେବ ନାହିଁ । ଓଃ ଏଇ କଥା । ହେଲେ ତୁମେ କୁହ ତ ମୋତେ ଭଲ ପାଅ କି ନା କହିଥିଲା ପ୍ରେରଣା । ଗମ୍ଭୀର ହୋଇ ଯାଇଥିଲା ପ୍ରଣୟ । କହିଥିଲା- ମୁଁ ବି ବହୁ ଆଗରୁ ତୁମ ଚ୍ୱଲି ଚଳନ ଓ ମାର୍ଜିତ ବ୍ୟବହାରରେ ଆକୃଷ୍ଟ ହୋଇଥିଲେ ମଧ ତୁମେ ସମ୍ଭ୍ରାନ୍ତ ଧନୀକ ଲଳନା ଭାବି ସେଥିରୁ ଦୂରେଇ ରହୁଥିଲି । ଭାବୁଥିଲି ମୁଁ ସବର୍ଣ୍ଣ ହୋଇଥିଲେ ମଧ ସମଜାତିର ହୋଇ ନଥିବି ତଥା ଆମ ପାରିବାରିକ ଜୀବନ ଗ୍ରାମ୍ୟ ଜୀବନ ସହିତ ସମ୍ପୂର୍ଣ୍ଣ ଜଡିତ । ଏଣୁ ମୁଁ ବାମନ ହୋଇ ଚ୍ନ୍ଦ୍ରକୁ ହାତ ବଢାଇବି କାହିଁକି ? ଭୁଲ କହିଲ ପ୍ରଣୟ, କହିଲା ପ୍ରେରଣା । ମୁଁ ଚ୍ନ୍ଦ୍ର ନୁହେଁ କି ତୁମେ ବାମନ ନୁହଁ । ମୁଁ ତୁମ ହାତ ପାଆନ୍ତାରେ ଅଛି । ଏହା କେବଳ କଳ୍ପନା । ଏମାନଙ୍କର ଫିସଫିସ୍ କଥା, ଅଟୋର ଘର୍ଘର ନାଦରେ ମିଳାଇ ଯାଇ ବୟସ୍କ ଅଟୋ ଡ୍ରାଇଭରର କର୍ଣ୍ଣଗୋଚର ହେଉ ନ ଥାଏ । ଯାହାହେଉ ପ୍ରେରଣା କହିଲା ହଉ ଛାଡ ସେକଥା । ଭଲ ପାଇବା ନିକଟରେ ତାହା ଗୌଣ ହୋଇଯିବ । କିଛି ଅନ୍ତରାୟ ସୃଷ୍ଟି କରି ପାରିବ ନାହିଁ । ସେତେବେଳକୁ ଅଟୋ ପ୍ରେରଣା ଘରେ ପହଞ୍ଚି ସାରିଥିଲା ଓ ପ୍ରେରଣା ଭ୍ୟାନିଟି ବ୍ୟାଗରୁ ପଇସା କାଢି ଅଟୋବାଲାକୁ ଦେଇ ସାରିଥିଲା ପ୍ରଣୟଠାରୁ ଗଭୀର ଆନ୍ତରିକତା ସହ ବିଦାୟ ନେଇ ଘର ଭିତରକୁ ଯାଇଥିଲା । ପ୍ରଣୟ ଅଟୋବାଲା ସହିତ ସଫିଂ ମଲ୍‌ରେ ପହଞ୍ଚି ନିଜ ସାଇକେଲ ଧରି ମେସକୁ ଯାଇଥିଲା । ମହଲ ପରିଚ୍ୱଳକଙ୍କ ନିକଟକୁ ଯାଇ କହିଲା ଯୁବତୀ ଜଣକ ସୁସ୍ଥ ହୋଇଗଲା ପରେ ଆସି ତାଙ୍କ ସ୍କୁଟିଟି ନେଇଯିବେ । ଟିକେ ଧ୍ୟାନ ରଖିଥିବେ । ଏହା କହି ନିଜ ସାଇକେଲେ ଯୋଗେ ମେସକୁ ଚ୍ୱଲିଆସିଥିଲା ।

ପ୍ରେରଣା ଘର ଭିତରକୁ ପଶିଆସି କହିଲା ବୋଉ ମୁଁ ଆଜି ସଫିଂ ମଲ୍‌ରେ ବେହସ ହୋଇଯିବାରୁ ଆମ କଲେଜର ଗୋଟିଏ ପିଲା ମୋ ମୁହଁରେ ଥଣ୍ଡା ପାଣି ସିଞ୍ଚିବା ପରେ ମୋର ହୋସ ଆସିବାରୁ ଅଟୋରେ ଆଣି ଛାଡି ଦେଇ ଗଲା । ମୁଁ ସ୍କୁଟିଟି ମଲ୍‌ରେ ଛାଡିଦେଇ ଆସିଛି । ପରେ ଯାଇ ନେଇ ଆସିବି । ଏହା ଶୁଣି ବୋଉ ତାର କହିଲେ ମୁଁ କହେଁ ପରା, ଯେଉଁଆଡେ ଯିବୁ ପେଟ ଖାଲିକରି ଯିବୁନି । କିଛି ନା କିଛି ପାଟିରେ ଦେଇଯିବୁ । ନ ହେଲେ ପେଟ ଖାଲି ହୋଇଗଲେ ଏସିଡ ହୋଇ ମୁଣ୍ଡ ବୁଲାଇଦେବ । ମୋ କଥା ଶୁଣିଲେ ତ ? ହଉ ଗୋଡ ହାତ ଧୋଇ ବସ୍ । ମୁଁ କ'ଣ ଟିକେ ତୋତେ ଖାଇବାକୁ ଦିଏ । ଏହା କହି ବୋଉ ତାର ଭୁରିଭୋଜନର ବ୍ୟବସ୍ଥା କରିଦେଲେ । ଭୋଜନ ସମାପନ ପରେ ପ୍ରେରଣା ଯାଇ ନିଜ ରୁମରେ ବିଶ୍ରାମ ନେଲା । ବିଶ୍ରାମ ନେବ କ'ଣ ତା' ମନ ଭିତରେ ପ୍ରଣୟକୁ ନେଇ କେତେ କ'ଣ ସୁନେଲି ସ୍ୱପ୍ନ ସବୁ ଉଙ୍କି ମାରିଲା । କିପରି ତାହା ପ୍ରେମକୁ ସାକାର କରି ପାରିବ ? କିପରି ତାର ବାପାକୁ ରାଜି କରାଇ ପାରିବ ? ଏଥିପାଇଁ ଗଭୀର ଚିନ୍ତାରେ ବୁଡି ରହିଲା । ବାପା ତାର ଜଣେ ସଫଳ ବ୍ୟବସାୟୀ ସବୁବେଳେ ବ୍ୟସ୍ତତା ଭିତରେ ବୁଡି ରହନ୍ତି । ଏପରିକି ଦିନବେଳେ ଘରକୁ ଖାଇବାକୁ ବି ଆସି ପାରନ୍ତିନି । ବାହାରେ ଖାଇ ନିଅନ୍ତି । ପରିବାର କହିଲେ ସେ ଆଉ ତାର ବାପା ବୋଉ । ପ୍ରେରଣା ତା ବାପା ବୋଉଙ୍କ ଏକମାତ୍ର ଅଲିଅଳି କନ୍ୟା । ବାପାବୋଉଙ୍କ ଗଭୀର ସ୍ନେହ ଭିତରେ ତା ଜୀବନ ଗଢା । ଯଥେଷ୍ଟ ସମ୍ପତ୍ତି ମଧ ରହିଛି । ଏଣୁ ଦୁଃଖ କ'ଣ ଜାଣିନି ପ୍ରେରଣା । ବାପା ତାର ରାତିରେ ଆସିଲେ ବୋଉ ରାନ୍ଧଣା ଖାଆନ୍ତି । ସିଏ ବି ରାତ୍ରି ଭୋଜନ ବେଳେ ସାମିଲ ହୁଏ । ବୋଉ ତାର ପରଷି ଦିଅନ୍ତି । ବୋଉ ତା'ର ତାଙ୍କ ପାଇଁ ବାଢି ରଖନ୍ତି ଓ ସମସ୍ତେ ଏକାଠି ବସି ଖାଆନ୍ତି । ଭାବୁଥାଏ ଏହା ହିଁ ପ୍ରକୃଷ୍ଟ ସମୟ ବାପାଙ୍କୁ ରାଜି କରାଇବାକୁ ।

ଏଣୁ ପ୍ରେରଣା ଦିନଯାକ ଲସରପସର ହୋଇ ବିଛଣାରେ ଗଡିଗଡି ସମୟ ବିତାଇ ଦେଲା । ସନ୍ଧ୍ୟା ନଇଁ ଆସିବାରୁ ଗୋଡହାତ ଧୋଇ ଠାକୁର ଘରେ ଯାଇ ଗଭୀର ମୁଦ୍ରାରେ ତାର ପ୍ରେମ କିପରି ସାକାର ହେବ ସେଥିପାଇଁ ଠାକୁରଙ୍କ ନିକଟରେ ତାର ଭକ୍ତିଅର୍ଘ୍ୟ ନିବେଦନ କଲା । ସନ୍ଧ୍ୟା ଯାଇ ରାତି ହେଲା ସେ ବାପାଙ୍କୁ ହିଁ ଅପେକ୍ଷା କରି ଥାଏ । ବାପା ତାର ଆସି ଧୁଆଧୋଇ ହୋଇ ସାରିଲା ବେଳକୁ ବୋଉ ତା'ର ରନ୍ଧନ ପ୍ରସ୍ତୁତ କରି ସାରିଥାଏ ଓ ଡାଇନିଂ ଟେବୁଲ ପାଖକୁ ଖାଇବା ନେଇ ସାରିଥାଏ । ବାପା ସବୁଦିନ ଡାଇନିଂ ଟେବୁଲ ପାଖକୁ ଆସିଲା ବେଳକୁ ପ୍ରେରଣା ତାଙ୍କ ବେକରେ ଝୁଲି ପଡି ଗେଲ ହୁଏ । ଆଜି ବି ସେ ଏହା ହାତଛଡା କଲା ନାହିଁ । ବାପାଙ୍କ ବେକରେ ଝୁଲି ପଡି ଗେଲେଇ ହୋଇ କହିଲା ବାପା ଗୋଟେ କଥା କହିବି ଶୁଣିବ ? ହଉ ବସ, ଖାଇ ଖାଇ ସବୁ ତୋ କଥା ଶୁଣିବି । ପ୍ରେରଣା ଆରମ୍ଭ କଲା ବାପା ସବୁ ସନ୍ତାନସନ୍ତତିଙ୍କ ଉପରେ ବାପାବୋଉଙ୍କ ଅନାବିଳ ସ୍ନେହ ଓ ଭଲ ପାଇବା ଅପରିସୀମ । ପ୍ରତି ବଦଳରେ ନିଜର ସନ୍ତାନ ସନ୍ତତି ମଧ ନିଜ ନିଜ ବାପାବୋଉଙ୍କୁ ଗଭୀର ଭାବେ ସ୍ନେହ ଓ ଭକ୍ତି କରନ୍ତି । ହେଲେ ସେମାନଙ୍କ ବୟସ ବଢିଲେ ସେମାନେ ନିଜ ନିଜ ଜୀବନସାଥିଙ୍କ ପାଇଁ ବି ଗଭୀର ସ୍ନେହଶ୍ରଦ୍ଧା ଓ ଭଲ ପାଇବା ଅଜାଡି ଦେଇ ସାରା ଜୀବନ କଟାଇ ଦିଅନ୍ତି । ଯେପରି ଆପଣ ବୋଉଙ୍କ ସହିତ ଜୀବନ ଅତିବାହିତ କରୁଛନ୍ତି ।

ଏହା ଶୁଣି ବାପା ତାର କହିଲେ- ଆଜି ଝିଅ ମୋର କ'ଣ ଅତି ଭାବପ୍ରବଣ ହୋଇ ଉଠିଛି ? କଥା କ'ଣ ? ଖୋଲିକି କହ । ଏହା ଶୁଣି ପ୍ରେରଣା କହିଲା ମୁଁ ଜଣେ ପିଲାକୁ ଜୀବନସାଥି କରିବି ବୋଲି ମନେ କରିଛି । ଏହା ଆପଣଙ୍କ ସମ୍ମତି ବିନା କେବେ ବି କରି ପାରିବିନି । ଏଣୁ ମନ କଥା ଖୋଲିକରି କହିଲେ । ଆରେ ନା ନା ସେକଥା ଛାଡ୍ । ଏହି ଦେଖୁନୁ ଝରାଫୁଲର ଅବସ୍ଥା କ'ଣ ହେଲା । ମୁଁ ତୋତେ ତୋ ମନଲାଖି ରାଜକୁମାର ସହିତ ବାହା କରାଇବି । ତୁ ସେଥିପାଇଁ ବ୍ୟସ୍ତ ହୋ' ନା ।

ଏହା ଶୁଣି ପ୍ରେରଣା କହିଲା ନାହିଁ ବାପା ସେ ସେପରି ପିଲା ନୁହଁନ୍ତି । ସେ ଆମ କଲେଜରେ ପଢନ୍ତି । ମୁଁ ତାଙ୍କୁ ବହୁବାର ପରଖି ସାରିଛି । ଶୁଣିବ ବାପା । ସବୁଠୁ ବଡ କଥା ହେଲା ଆଜି ସଫିଂ ମଲ୍‌ରେ ମୁଁ ବେହୋସ ହୋଇ ଯାଇଥବା ବେଳେ ସେ ମୋତେ ବଞ୍ଚାଇଛନ୍ତି । ଏହା ଶୁଣି ବୋଉ ତାର ମନେ ମନେ ଭାବୁଥାନ୍ତି । ସମ୍ପତ୍ତିର ତ ଆମର ଅଭାବ ନାହିଁ । ଗୋଟିଏ ମାତ୍ର ଝିଅ । ପିଲାଟି ଗରିବ ହୋଇଥିଲେ କିଛି କଥା ନାହଁ । ହେଲେ ଯଦି ଜାତି କୁଳର ହୋଇଥାଏ ଝିଅ ଜ୍ୱାଇଁଙ୍କୁ ଆଣି ଘରେ ରଖିବା । କ୍ଷତି କ'ଣ ? ନୀରବ ରହି ଦୀର୍ଘ ଶ୍ୱାସ ଛାଡିଲେ ପ୍ରେରଣାର ବୋଉ । ବାପା ତାର କିଛି ସମୟ ନୀରବତା ପରେ କହିଲେ- ହଉ ଦିନେ ସେ ପିଲାକୁ ଘରକୁ ଡାକ । ତାପରେ ବୁଝିବା । ତା' ହିଁ ହେଲା । ପ୍ରଣୟର ଭଦ୍ର ନମ୍ର ଓ ମାର୍ଜିତ ସ୍ୱଭାବରେ ଅତ୍ୟନ୍ତ ପ୍ରୀତ ହୋଇ ଗଲେ ପ୍ରେରଣାର ବାପାବୋଉ । କିଛି ସନ୍ତୋଷଜନକ ଉତ୍ତର ପାଇ ପ୍ରେରଣା ସହିତ ତାର ବାହାଘର ଠିକ୍ କରିଦେଲେ ।

+ଶ୍ରୀକୃଷ୍ଣ ନିବାସ, କରଂଜିଆ,
ମୟୂରଭଂଜ, ମୋ-୯୪୩୭୩୨୦୬୭୯

# ଜିଲ୍ଲାସ୍ତରୀୟ ପଂଚାୟତିରାଜ ଓ ଲୋକସେବା ଦିବସ ୨୦୨୧ ଦିବସ ପାଳିତ

ବାରିପଦା,୭।୩ (ନି.ପ୍ର): ମୟୂରଭଂଜ ଜିଲ୍ଲା ମହକୁମା ବାରିପଦାରେ ଜିଲ୍ଲାସ୍ତରୀୟ ପଂଚାୟତିରାଜ ଓ ଲୋକ ସେବା ଦିବସ - ୨୦୨୧ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଆନୁକୂଲ୍ୟରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବାରିପଦା ମୁର୍ଗାବାଡି ସ୍ଥିତ ଆଦିବାସୀ କୌଶଳ ଅଭିବୃଦ୍ଧି ସାଧନ କେନ୍ଦ୍ର ପ୍ରାୟସ ସମ୍ମଳନୀ କକ୍ଷରେ ଜିଲ୍ଲାଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଭବେଶ କୁମାର ନାୟକ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ପଂଚାୟତିରାଜ ଓ ଲୋକ ସେବା ଦିବସ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ, ବିନୀତ ଭରଦ୍ୱାଜ୍, ସମ୍ମାନିତ ଅତିଥି ବାରିପଦା ଉପଜିଲ୍ଲାପାଳ, ପି. ଅନ୍ୱେଷା ରେଡ୍ଡି ଓ ମୁଖ୍ୟ ବକ୍ତା ଭାବେ ଆଂଚଳିକ ମହାବିଦ୍ୟାଳୟ ଗଡିଆ, ମୋରଡାର ରାଜନୀତି ବିଜ୍ଞାନ ପ୍ରାଧାପକ ସନ୍ଦିପ କୁମାର ଚାନ୍ଦ ପ୍ରମୁଖ ଯୋଗଦେଇ ପ୍ରାରମ୍ଭରେ ମହାନ ଜନନାୟକ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫୋଟ ଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି ଦିବସର ପଂଚାୟତି ରାଜ ସମାରୋହକୁ ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ୍ ପଂଚାୟତିରାଜ୍ ବ୍ୟବସ୍ଥାରେ ବିଶେଷ କରି ମହିଳା ମାନେ ଆଗକୁ ଆସି ନିଜର କାର୍ଯ୍ୟଦକ୍ଷତା ପ୍ରତିପାଦନ କରିପାରିଥିବା ଉଲ୍ଲେଖ କରି କହିଲେ ଯେ ପଂଚାୟତିରାଜ ବ୍ୟବସ୍ଥାରେ ସରକାରଙ୍କ ଦ୍ୱାରା କାର୍ଯ୍ୟାକରୀ ବିଭିନ୍ନ ଯୋଜନା ପ୍ରଣୟନ କ୍ଷେତ୍ରରେ ନିଷ୍ପତି ନେଇ କାର୍ଯ୍ୟକ୍ରମ ରୂପାୟାନ କରିପାରିଛନ୍ତି । ଏ ଦିଗରେ ମୟୂରଭ ଜିଲ୍ଲାରେ ତ୍ରୀସ୍ତରୀୟ ପଂଚାୟତିରାଜ ଅନୁଷ୍ଠାନର ସ୍ୱାୟତ ଶାସନ ବ୍ୟବସ୍ଥାରେ ପ୍ରତ୍ୟେକ କ୍ଷେତ୍ରରେ ମହିଳା ମାନେ ଦୃଢତାର ସହ ମତ ଉପସ୍ଥାପନ କରୁଥିବାରୁ ସାଧୁବାଦ ଜଣାଇ ନିଜ ଅଂଚଳର ସାମଗ୍ରୀକ ବିକାଶ ନିମନ୍ତେ ଜିଲ୍ଲାକୁ ଆଗେଇ ନେବାକୁ ଜିଲ୍ଲାପାଳ ବ୍ୟକ୍ତବ୍ୟରେ କହିଥିଲେ । ଏହି ଦିବସ ପାଳନ ଶୁଭ ଅବସରରେ ଲୋକ ସେବା ଅଧିକାର ନିୟମ ଅନୁସାରେ ଲୋକ ମାନଙ୍କୁ ସରକାରୀ ସେବା ନିର୍ଦ୍ଧାରିତ ସମୟରେ ଯୋଗାଇ ଦେବା ଆଭିମୂଖ୍ୟ ନେଇ ମୋ ସେବା କେନ୍ଦ୍ର କାର୍ଯ୍ୟକ୍ରମକୁ ଆଜିଠାରୁ ଜିଲ୍ଲାରେ ତରାନ୍ୱିତ କରାଯାଉଥିବା ସୂଚାଇଥିଲେ । ସମ୍ମାନିତ ଅତିଥି ଭାବେ ବାରିପଦା ଉପଜିଲ୍ଲାପାଳ ପି. ଅନେଷ୍ୱା ରେଡ୍ଡୀ ଓଡିଶାର ମୋଟ ଜନ ସଂଖ୍ୟାର ୮୦ ଭାଗ ଲୋକ ଗ୍ରାମାଂଚଳରେ ରହିଛନ୍ତି । ଗ୍ରାମାଂଚଳର ବିକାଶରେ ମହିଳା ମାନଙ୍କୁ ଯେପରି ଗୁରୁତ୍ୱ ଦିଆଯାଇଛି ସେହିପରି ସହରାଂଚଳ ବିକାଶ ପାଇଁ ମଧ ଗୁରୁତ୍ୱ ଦେଇ ତ୍ରୀସ୍ତରୀୟ ପଂଚାୟତିରାଜ ଓ ସହରାଂଚଳ ସ୍ୱାୟାତ ଶାସନ ବ୍ୟବସ୍ଥାରେ ମଧ ଗୁରୁତ୍ୱ ଦିଆଯାଇଥିବା ଉଲ୍ଲେଖ କରି ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକ୍ରମର ରୂପାୟନ ସଂପର୍କରେ ମତବ୍ୟକ୍ତ କରିଥିଲେ । ମୁଖ୍ୟ ବକ୍ତ ପ୍ରଧାପକ ଶ୍ରୀ ସନ୍ଦିପ ଚାନ୍ଦ ପଂଚାୟତିରାଜ ଦିବସ ପାଳନର ଓ ଲୋକ ସେବା ଦିବସ ପାଳନର ଆବିମୁଖ୍ୟ ଉପରେ ଆଲୋକପାତ ପୂର୍ବକ ସମଗ୍ର ଭାରତ ବର୍ଷରେ ଓଡିଶାର ପଂଚାୟତିରାଜ ବ୍ୟବସ୍ଥାରେ ମହାନ୍ ପ୍ରବାଦ ପୁରୁଷ ଜନନାୟକ ବିଜୁବାବୁ ଙ୍କ କର୍ମମୟ ଜୀବନ ଧର୍ସନର ପରାକାଷ୍ଠା ସଂପର୍କରେ ସ୍ମୃତିଚାରଣ କରିବା ସହିତ ଗଣତାନ୍ତ୍ରୀକ ଶାସନ ବ୍ୟବସ୍ଥାରେ ତ୍ରସ୍ତରୀୟ ପଂଚାୟତିରାଜ ଅନୁଷ୍ଠାନରେ ବିଶେଷ କରି ମହିଳା ମାନଙ୍କ ପ୍ରତିନିଧିତଃ କିପରି ଗୁରୁତ୍ୱ ଦେଇ ପ୍ରତିନିଧିତ୍ୱ ପାଇଁ ଗୁରୁତ୍ୱ ଦେଇ କାର୍ଯ୍ୟକ୍ରମ ରୂପାୟନ କରିଥିଲେ ସେ ସଂପର୍କରେ ବକ୍ତବ୍ୟରେ ବିସ୍ତୃତ ଭାବେ ଅବତାରଣ ପୂର୍ବକ ବର୍ତମାନ ତାର ସଫଳ ରୂପାୟନ ସ୍ୱରୂପ ତ୍ରୀସ୍ତରୀୟ ପଂଚାୟତ ରାଜ ସ୍ୱାୟତ ଶାସନ ବ୍ୟବସ୍ଥା ସମାଜର ସାମଗ୍ରୀକ ବିକାଶ ସାଧନ ତଥା ସୁସମନ୍ୱୟ ରକ୍ଷା ଦିଗରେ ଜନ ପ୍ରତିନିଧି ମାନଙ୍କ ଦ୍ୱାୟତ୍ୱ ଓ କର୍ତବ୍ୟ ସଂପର୍କରେ ଉଲ୍ଲେଖ କରିଥିଲେ । ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ନାୟକ ସମାରୋହରେ ଅଧକ୍ଷତା କରି ପ୍ରାରମ୍ଭରେ ସମସ୍ତଙ୍କୁ ସ୍ୱାଗତ ଜଣାଇ ତ୍ରୀସ୍ତରୀୟ ପଂଚାୟତିରାଜ ବ୍ୟବସ୍ଥାରେ ସରକାରଙ୍କ ନିତି ନିୟମନୁସାରେ ବିଭିନ୍ନ ଯୋଜନା ପ୍ରଣୟନ କ୍ଷେତ୍ରରେ ପଂଚାୟତିରାଜ ଅନୁଷ୍ଠାନର ଭୂମିକା ଏବଂ ବିଶେଷ କରି ତୃଣମୂଳ ସ୍ତରରେ ସାମାଜିକ ଓ ଅର୍ଥନୈତିକ ବିକାଶ ନିମନ୍ତେ ସାମାଜିକ ସୁରକ୍ଷା, ଜୀବନ ଜୀବିକା ନିର୍ବାହ ମାନଉନ୍ନତି ସକାଶେ ଜୀବିକା ମିଶନ୍ (ଓ.ଏଲ୍.ମ୍ / ଏଲ୍.ଏମ୍.ଏନ୍) ମିଶନ ଶକ୍ତି, ଫାଇଭ୍-ଟି ସଫଳ ରୂପାୟନ ଦିଗରେ ଜିଲ୍ଲା ପ୍ରଶାସନ ତତ୍ୱାବଧାନରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଏବଂ ବିଭିନ୍ନ ସଂପୃକ୍ତ ସରକାରୀ ବିଭାଗ ଯୋଜନା କାର୍ଯ୍ୟକ୍ରମର ରୂପାୟନ ସଂପର୍କରେ ଆଲୋକପାତ କରିଥିଲେ ।

## କୃଷକ ଆନ୍ଦୋଳନର ୧୦୦ଦିନ ପୂର୍ତ୍ତି ଅବସରରେ ଜାତୀୟ କଳା ଦିବସ ପାଳିତ

କେନ୍ଦ୍ରାପଡ଼ା,୭।୩ (ନି.ପ୍ର): ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ଅଖିଳ ଭାରତ କୃଷକ ସଂଘର୍ଷ ସମନ୍ୱୟ ସମିତି ଆହ୍ୱାନରେ ଦେଶବ୍ୟାପି ୧୦୦ ଦିନର କୃଷକ ଆନ୍ଦୋଳନ ପରିପ୍ରେକ୍ଷୀରେ ଜାତୀୟ କଳା ଦିବସ ପାଳନ କରାଯାଇଛି । ୩ଟି କୃଷି ତଥା କୃଷକ ବିରୋଧୀ କଳା ଆଇନ ବାତିଲ କରିବା, କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ଦର ପ୍ରଦାନରେ ଆଇନଗତ ଗ୍ୟାରେଣ୍ଟି ପ୍ରଦାନ ଓ ବିଦ୍ୟୁତ୍ ବିଲ ପ୍ରତ୍ୟାହାର ଦାବିରେ ଦିଲ୍ଲୀର ଚାରିପଟେ ଦୀର୍ଘ ୧୦୦ ଦିନହେବ ଚାଷୀମାନେ ଆନ୍ଦୋଳନରେ ବସିଛନ୍ତି । ଏହି ସମୟ ମଧରେ ୩୦୭ ଚାଷୀ ମୃତ୍ୟୁ ବରଣ କରି ସହିଦ୍ ହୋଇ ସାରିଲେଣି । ମାତ୍ର ମୋଦୀ ସରକାର ଏହି ଆନ୍ଦୋଳନ ପ୍ରତି କର୍ଣ୍ଣପାତ ନକରି କୋଟି କୋଟି ଚାଷୀଙ୍କର ସୁରକ୍ଷା ପରିବର୍ତେ ଆମ୍ବାନି ଓ ଆଦାନିର ସୁରକ୍ଷା ପାଇଁ ପ୍ରତି ମୁହୂର୍ତରେ କାମ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ସାରା ଦେଶରେ ଜାତୀୟ କଳା ଦିବସ ପାଳନ ର ଆହ୍ୱାନ ପରିପ୍ରେକ୍ଷୀରେ କେନ୍ଦ୍ରାପଡାର ପୁରୁଣା ବସଷ୍ଟାଣ୍ଡସ୍ଥିତ ଗାନ୍ଧିମୂର୍ତି ନିକଟରେ କୃଷକ ସଂଗଠନ ମାନେ ଜାତୀୟ କଳା ଦିବସ ପାଳନ କରିଛନ୍ତି । ସମନ୍ୱୟ ସମିତିର ଜିଲ୍ଲା ଆବାହକ ଗୟାଧର ଧଳ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା ରମଣୀ ରଞ୍ଜନ ରାଉତରାୟ, ପ୍ରଫଲ ଦାସ, ଉମେଶ ଚନ୍ଦ୍ର ସିଂହ, ଦାସରଥୀ ସାହୁ, ଫକିର ଚରଣ ଖଟୁଆ, ଜଗତ ଜୀବନ ଦାସ, ପଦ୍ମନାଭ ଦାସ, ଅକ୍ଷୁର ପଲାଇ, ମୁକ୍ତାର ଖାନ, ମାଧବ ଦାସ, ଦୋଳ ଗୋବିନ୍ଦ ସାହୁ, ଏଲିନା ସାମନ୍ତରାୟ, ବସନ୍ତ ସେଠୀ ପ୍ରମୁଖ ନେତୃତ୍ୱ ନେଇଥିଲେ ।

## ପୂର୍ବ ଶତ୍ରୁତାକୁ ନେଇ ବାଇକ ପୋଡି: ଥାନାରେ ଅଭିଯୋଗ

ଧର୍ମଶାଳା,୭।୩ (ନି.ପ୍ର): ପୂର୍ବ ଶତ୍ରୁତାକୁ ନେଇ ବାଇକ ପୋଡି ଅଭିଯୋଗ ହୋଇଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଧିନସ୍ଥ ଅଂଜିରା ପଂଚାୟତ ମୁରାରୀପୁର ଗ୍ରାମରେ । ଦୃବୃର୍ତମାନେ ଗତ କାଲି ବିଳମ୍ବିତ ରାତିରେ ଏହି ଗ୍ରାମର ଲକ୍ଷ୍ମୀଧର ଜେନାଙ୍କ ଘର ସମ୍ମୁଖରେ ୩ଟି ବାଇକ ଓ ୨ଟି ସ୍କୁଟିକୁ ନିଆଁ ଲଗାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଫଳରେ ୫ଟି ଗାଡି ସମ୍ପୁର୍ଣ୍ଣଭାବେ ପୋଡି ପାଉଁଶ ହୋଇଯାଇଛି । ଏନେଇ ଲକ୍ଷ୍ମୀଧର ଜେନାପୁର ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପଂହଚି ତଦନ୍ତ ଚଳାଇଛି । ତେବେ ଏହି ଘଟଣା ପୂର୍ବ ଶତ୍ରୁତାକୁ ନେଇ ଘଟିଥିବା ପୋଲିସ ଅନୁମାନ କରୁଛି ।

## ଆନ୍ତଃକ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ପାରାଦୀପ କ୍ରିକେଟ ଏକାଡେମୀ ବିଜୟୀ




ପାରାଦୀପ ,୭।୩ (ନି.ପ୍ର):ଓଡିଶା କ୍ରିକେଟ ଆସୋସିଏସନ ପକ୍ଷରୁ ଗୋପବନ୍ଧୁ କ୍ରିଡା ସଂସଦ ଦ୍ୱାରା ଆୟୋଜିତ ଆନ୍ତଃକ୍ଲବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ର ଫାଇନାଲ ମ୍ୟାଚରେ ପାରାଦୀପ କ୍ରିକେଟ ଏକାଡେମୀ ବିଜୟୀ ଲାଭ କରିଛି । ଏହି ଫାଇନାଲ ମ୍ୟାଚ ପାରାଦୀପ କ୍ରିକେଟ ଏକାଡେମୀ ଓ ପାରାଦୀପ ପୋର୍ଟ କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା । ପାରାଦୀପ ପୋର୍ଟ କ୍ଲବ ଟସ୍ ଜିତି ନିର୍ଦ୍ଧାରିତ ୫୦ଓଭରରେ ୯ଉଇକେଟ୍ ହରାଇ ୨୧୧ ରନ୍ କରିଥିବା ବେଳେ ପୋର୍ଟ କ୍ଲବର ଦିବ୍ୟସିଂହ ସାହୁ ୧୪୪ ବଲ୍‌ରେ ୮୮ରନ୍ କରି ଅପରାଜିତ ରହିଥିଲେ । ଏହାର ଜବାବରେ ପାରାଦୀପ କ୍ରିକେଟ ଏକାଡେମୀ ୩୪.୫ଓଭରରେ ୬ ଉଇକେଟ୍ ହରାଇ ୨୧୨ ରନ୍ କରି ବଜୟ ଲାଭ କରିଛି । ତେବେ ପାରାଦୀପ କ୍ରିକେଟ ଏକାଡେମୀ ପକ୍ଷରୁ ଅଧିନାୟକ ଅର୍ପିତ ସତ୍ୟମ ମହାନ୍ତି ୭୦ରନ୍ କରିଥିଲେ । ଦୀର୍ଘ ୪ଦିନ ଧରି ଏହି ଟୁର୍ଣ୍ଣାମେଣ୍ଟରେ ବେଷ୍ଟ ବ୍ୟାଟସ୍‌ମ୍ୟାନ ଭାବରେ ଅର୍ପିତ ସତ୍ୟମ ମହାନ୍ତି, ବେଷ୍ଟ ବୋଲର ଭାବେ ଜୟ ପ୍ରକାଶ ନାୟକ, ମ୍ୟାନ ଅଫ୍ ଦି ସିରିଜ୍ ଭାବେ ଦିବ୍ୟସିଂହ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା ।

## ମାର୍ଥାପୁରରେ ୨୫୦ କୋଟି ବ୍ୟୟରେ ମେଗା ୱାଟର ସପ୍ଲାଇ ପ୍ରୋଜେକ୍ଟକୁ କ୍ୟାବିନେଟ ଅନୁମତି

ଭୁବନ,୭।୩ (ନି.ପ୍ର): ଭୁବନ ବ୍ଲକର ମାର୍ଥାପୁରରେ ୨୫୦ କୋଟି ଟଙ୍କା ବ୍ୟୟରେ ମେଗା ୱାଟର ସପ୍ଲାଇ ପ୍ରୋଜେକ୍ଟ କୁ କ୍ୟାବିନେଟ ଅନୁମତି ପ୍ରଦାନ କରିଥିବାରୁ ସ୍ଥାନୀୟ ଅଂଚଳରେ ଆନନ୍ଦ ପ୍ରକାଶ ପାଇଛି । ଏହି ପ୍ରୋଜେକ୍ଟ ଦ୍ୱାରା ଭୁବନ ବ୍ଲକର ୧୮ ଟି ପଂଚାୟତ ସମେତ କାମାକ୍ଷାନଗର ବ୍ଲକର ୧୦ ଟି ପଂଚାୟତ ବାସୀ ଉପକୃତ ହେବେ । ଏଥି ସକାଶେ ଆଜି ମାର୍ଥାପୁର ବଜାର ରେ ସରପଂଚ ସଂଜୟ କୁମାର ଦାଶ ଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳଙ୍କ ସମେତ ପୂର୍ବତନ ଉପାଧକ୍ଷ ଅଭିମନ୍ୟୁ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟ ପ୍ରବୋଧ ଦାଶ,ମହିଳା ବିଜେଡି ସଭାନେତ୍ରୀ ସଂଧାରାଣୀ ନାୟକ, ଭାଗିରଥି ସାହୁ, ବଂଶୀଧର ସାହୁ,ବାବୁଲି ସାମଲ, ବାଙ୍କନିଧି ରାଉତ ପ୍ରମୁଖ ଶତାଧିକ ବିଜେଡି କର୍ମୀ ଏକତ୍ରିତ ହୋଇ କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି, ଇସ୍ପାତ ଓ ପୂର୍ତ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ଅନୁରୂପ ଭାବେ ମହୁଲପାଳ ହାଟଛକଠାରେ ବାଲିବୋ ସରପଂଚ ସନ୍ତୋଷ ଖୁଣ୍ଟିଆ, ଏକତାଳି ସରପଂଚ ଭାରତୀ ବେହେରା, ସମିତିସଭ୍ୟ ଅମୂଲ୍ୟ ଦ୍ୱିବେଦୀ,ଭୂଷଳ ସରପଂଚ ଚିତ ରଂଜନ ମଲ୍ଲିକ,ରବି ନାରାୟଣ ଓଝା, ବିଜୟ ଆଏଚ, ରାକେଶ ଆଏଚ ପ୍ରମୁଖ ଏକତ୍ରିତ ହୋଇ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ ।

## ଗ୍ରାମବାସୀଙ୍କ ଦ୍ୱାରା ହରିଣ ଉଦ୍ଧାର: ବନ ବିଭାଗକୁ ହସ୍ତାନ୍ତର

ଜଗତସିଂହପୁର,୭।୩ (ନି.ପ୍ର): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଅନ୍ତର୍ଗତ କଳିଙ୍ଗା ଗାଁରୁ ଏକ ହରିଣକୁ ଉଦ୍ଧାର କରିଛନ୍ତି ଗ୍ରାମବାସୀ । ହରିଣଟିକୁ ଉଦ୍ଧାର ପରେ ତାକୁ ବନ ବିଭାଗକୁ ହସ୍ତାନ୍ତର କରାଯାଇଛି । ହରିଣଟି ଏବେ ସୁସ୍ଥ ଥିବା ଜଣାପଡିଛି ।

## ଜଙ୍ଗଲ ମଧ୍ୟରୁ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର

ଭବାନୀପାଟଣା,୭।୩ (ନି.ପ୍ର): କଳାହାଣ୍ଡି ଜିଲ୍ଲା କେ. ଗାଁ ଥାନା ଅନ୍ତର୍ଗତ କନକପୁର ଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରୁ ଆଜି ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଉଦ୍ଧାର ହୋଇଛି । ଖବର ପାଇ କେ.ଗାଁ ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ମହିଳା ଜଣକ କନକପୁର ଗ୍ରାମର ହୋଇଥିବା ସନ୍ଦେହ କରାଯାଉଛି । ପାରିବାରିକ କଳହକୁ କେନ୍ଦ୍ର କରି ଏହି ବିବାହିତ ମହିଳା ଜଣକ ସ୍ଥାନୀୟ ଜଙ୍ଗଲରେ ପେଟ୍ରୋଲ ଢ଼ାଳି ହୋଇ ଆତ୍ମାହୁତି କରିଥିବା ପାରିପାର୍ଶ୍ୱିକ ସ୍ଥିତିରୁ ସନ୍ଦେହ କରାଯାଉଛି । ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଛି । ତଦନ୍ତ ପରେ ମହିଳାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡିବ ବୋଲି ପୋଲିସ ସୂଚନା ଦେଇଛି ।

## ମଧୁରକୂଳ ସନ୍ଥ ସୁରଜିତ ଯୋଗଶିକ୍ଷା କେନ୍ଦ୍ରର ୨୧ତମ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୭।୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ ଆୟବା ପଂଚାୟତ ସ୍ଥିତ ମଧୁରକୂଳ ଦିବ୍ୟ ଚେତନା ସନ୍ଥ ସୁରଜିତ ଯୋଗଶିକ୍ଷା କେନ୍ଦ୍ରର ୨୧ତମ ଆଧାତ୍ମିକ ଓ ସାଂସ୍କୃତିକ ବାର୍ଷିକ ଉତ୍ସବ ପାଳନ କରାଯାଇଛି । ଯୋଗଗୁରୁ ସନ୍ଥ ସୁରାଜିତ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମାଜସେବୀ ଅଭୟ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ । ସମ୍ମାନିତ ଅତିଥି ଭାବେ ମନୋଜ କୁମାର ମଲିକ ଓ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସଂଜୟ କୁମାର ଦାସ । କରୋନା କଟକଣା ପାଳନ କରାଯାଇ ଏହି ଶିବିରରେ ବହୁ ଛାତ୍ରଛାତ୍ରୀ, ଗ୍ରାମବାସୀ ଓ ଅବିଭାବକ ଯୋଗାଭ୍ୟାସ କରିଥିଲେ ।

## ସରକାରୀ ଅନୁଦାନ ହଡପ ଅଭିଯୋଗ ମାମଲା

### ଦୁଇ ଶିକ୍ଷକଙ୍କୁ ୪ ବର୍ଷ ଲେଖାଏଁ ଜେଲ୍ ଦଣ୍ଡାଦେଶ

କନ୍ଧମାଳ,୭।୩ (ନି.ପ୍ର): ସରକାରୀ ଅର୍ଥ ହଡପ ଅଭିଯୋଗରେ ଆଜି ଫୁଲାବଣୀ ସ୍ୱତନ୍ତ୍ର ଭିଜିଲାନସ କୋର୍ଟ ଦୁଇ ଜଣ ଶିକ୍ଷକଙ୍କୁ ଚାରି ବର୍ଷ ଲେଖାଏଁ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି ।

ସୂଚନା ମୁତାବକ ୨୦୧୪ ମସିହାରେ କନ୍ଧମାଳ ଜିଲା ବାଲିଗୁଡା ବ୍ଲକର ଗୁମାକିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଶିକ୍ଷକ ସୀମାଂଚଳ ନାୟକଙ୍କ ବିରୋଧରେ ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଆସିଥିବା ୬ ଲକ୍ଷ ଟଙ୍କାର ସରାକାରୀ ଅନୁଦାନ ଖର୍ଚ୍ଚ ନ କରି ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା । ଅଭିଯୋଗ ପ୍ରକାରେ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ କେସ ନଂ ୪୯।୦୦୪ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା । ତଦନ୍ତରେ ସୀମାଂଚଳ ଅର୍ଥ ହଡପ କରିଥିବା ସ୍ପଷ୍ଟ ହେବାରେ ତାଙ୍କ ବିରୋଧରେ ଫୁଲବାଣୀ ଭିଜିଲାନସ୍ ଅଦାଲତରେ ମାମଲା ଚାଲିଥିଲା । ଆଜି ଏହି ମାମଲାର ଶୁଣାଣି କରି ଭିଜିଲାନ୍ସ ବିଚାରପତି ସତ୍ୟପୀର ମିଶ୍ର ଅଭିଯୁକ୍ତ ସୀମାଂଚଳଙ୍କୁ ୪ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଏଥିସହ ତାଙ୍କୁ ୬ ଲକ୍ଷ ଟଙ୍କା ଜରିମାନା ଆଦେଶ ଦେଇଛନ୍ତି ଅଦାଲତ । ଜରିମାନା ଅନାଦେୟ ତାଙ୍କୁ ଆଉ ଏକ ବର୍ଷ ଜେଲ ଭୋଗିବାକୁ ପଡିବ ବୋଲି ଅଦାଲତଙ୍କ ରାୟରେ ଉଲ୍ଲେଖ ରହିଛି ।

ସେହିଭଳି ଅନ୍ୟ ଏକ ମାମଲାରେ ଆଉ ଜଣେ ଶିକ୍ଷକ ଉମେଶ ଚନ୍ଦ୍ର ପ୍ରଧାନଙ୍କୁ ମଧ୍ୟ ଅଦାଲତ ୪ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ଘଟଣା ପ୍ରକାରେ, ଶ୍ରୀ ପ୍ରଧାନ କି ଉଦୟଗିରି ବ୍ଲକ ଦଡପଡା ସେବାଶ୍ରମରେ ଶିକ୍ଷକ ଥିବା ବେଳେ ସ୍କୁଲ ଗୃହ ନିର୍ମାଣ ପାଇଁ ଆସିଥିବା ଏକ ଲକ୍ଷ ୫୫ ହଜାର ଟଙ୍କାର ସରକାରି ଅର୍ଥକୁ ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା । ଏ ନେଇ ବ୍ରହ୍ମପୁର ଭିଜିଲାନ୍ସ ଥାନାରେ କେସ ନଂ ୧୧।୨୦୧୪ରେ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିଲା । ଆଜି ଏହି ଅଭିଯୋଗର ଶୁଣାଣୀ କରି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଅଭିଯୁକ୍ତ ଉମେଶଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ତାଙ୍କୁ ୪ ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି । ଏଥିସହ ତାଙ୍କୁ ଏକ ଲକ୍ଷ ୫୫ ହଜାର ଟଙ୍କା ଜରିମାନା କରାଯାଇଛି । ଜରିମାନା ଅନାଦେୟ ତାଙ୍କୁ ଆଉ ଏକ ବର୍ଷ ଜେଲ ଭୋଗିବାକୁ ପଡିବ ବୋଲି ଅଦାଲତ ସ୍ପଷ୍ଟ କରିଛନ୍ତି । ଉଭୟ ମାମଲାକୁ ସରକାରି ଅଧିବକ୍ତା ପ୍ରଦୀପ କୁମାର ଦୋରା ପରିଚାଳନା କରୁଥିଲେ ।

## ଜୀବେ ନିଷ୍ଠୁରତା ନିରୋଧ ସମିତି ପୁନର୍ଗଠିତ

ପୁରୀ,୭।୩ (ନି.ପ୍ର): ଗୋରୁ ଚାଲାଣ ବନ୍ଦ ଓ ସ୍ୱାସ୍ଥ୍ୟକର ପରିବେଶରେ ମାଂସ ବିକ୍ରି ପାଇଁ ଜିବେ ନିଷ୍ଠୁରତା ନିରୋଧ ସମିତି ପୁନର୍ଗଠିତ ହୋଇଛି । ସମିତିରେ ଜିଲ୍ଲାପାଳ ଅଧକ୍ଷ ରହିଥିବା ବେଳେ ଆରକ୍ଷୀ ଅଧୀକ୍ଷକ ଉପାଧକ୍ଷ, ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ସଂପାଦକ ଓ ସଦସ୍ୟଭାବେ ପୁରୀ ପୌରସଂସ୍ଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିବହନ ଅଧିକାରୀ, ଜିଲ୍ଲା ଶିକ୍ଷାଧିକାରୀ ରହିଛନ୍ତି । ସେହିପରି ସକ୍ଷୀଗୋପଳ ବରାଳ ବାଲୁଙ୍କେଶ୍ୱର ଚାରିଟେବୁଲ ଟ୍ରଷ୍ଟର ଜଣେ ସଦସ୍ୟ ଓ ଗୋବିନ୍ଦ ଗୋଧାମ ଗୋଶାଳର ଜଣେ ସଦସ୍ୟ ସଭ୍ୟଭାବେ ରହିଛନ୍ତି । ରାଜ୍ୟ ପଶୁ ମଙ୍ଗଳ ବୋର୍ଡର ଜିଲ୍ଲାରେ ଥିବା ଜଣେ ସଦସ୍ୟ, ଭାରତୀୟ ଆନିମଲ ବୋର୍ଡର ଦୁଇଜଣ ଜିଲ୍ଲା ସଦସ୍ୟ, ଏସପିସିଏର ପ୍ରତିନିଧି ଡାକ୍ତର କୈଳାସଚନ୍ଦ୍ର ଦାଶ, ବିଶିଷ୍ଟ ସ୍ୱେଚ୍ଛାସେବୀ ସମୀର ପ୍ରଧାନ ଓ ସଂଜୟ କୁମାର ପ୍ରଧାନ ସଦସ୍ୟଭାବେ ରହିଛନ୍ତି । ଏ ସଂପର୍କରେ ସର୍କିଟ ହାଉସଠାରେ ଏଡିଏମ ପ୍ରଦୀପ କୁମାର ସାହୁଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲାର ଗୋରୁ ଚାଲାଣ ବନ୍ଦ କରିବା, ରାସ୍ତାକଡରେ ମାଂସ କଟାଳି ଓ ବିକ୍ରେତାମାନେ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିବା ଓ ପଶୁମାନଙ୍କ ପ୍ରତି ନିଷ୍ଠୁରତା ବ୍ୟବହାର ନକରିବା ପାଇଁ ଆଲୋଚନା ହୋଇଥିଲା ।

## ସର୍ଭିସ୍ ରିଭଲଭରରୁ ଗୁଳି ଫୁଟାଇ ଯବାନଙ୍କ ଆତ୍ମହତ୍ୟା

କୋରାପୁଟ,୭।୩ (ନି.ପ୍ର): କୋରାପୁଟ ଜିଲ୍ଲା ମାଛକୁଣ୍ଡ ଥାନା ଅନ୍ତର୍ଗତ ଜଲାପୁଟ ଠାରେ ମାଓ ଦମନ ନିମନ୍ତେ ସୀମାସୁରକ୍ଷା ବଳର-୧୫ ନଂ ବାଟାଲିୟନ ନିୟୋଜିତ ହୋଇଛନ୍ତି । ଆଜି ସକାଳୁ ଏହି ବାଟାଲିୟନର ଇନ୍ଦର ସିଂହ ନାମକ ଜଣେ ଯବାନ ଡ୍ୟୁଟିରେ ଥିବା ସମୟରେ ନିଜ ସର୍ଭିସ୍ ରିଭଲଭରରୁ ଗୁଳି ଫୁଟାଇ ଆତ୍ମହତ୍ୟା କରିଥିବା ଜଣାପଡିଛି । ତେବେ ସେ କାହିଁକି ଓ କେଉଁ ପରିସ୍ଥିତିରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତି ନେଲେ ସେନେଇ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି ।

ପ୍ରକାଶ ଥାଉ କି, ସେ ଗତକାଲି ସେ ନିଜ ବାସସ୍ଥାନ ରାଜସ୍ଥାନରୁ ଫେରି କାର୍ଯ୍ୟରେ ଯୋଗ ଦେଇଥିଲେ ।

## ଜିଲ୍ଲା ସ୍ତରୀୟ ପଂଚାୟତରାଜ ଓ ଲୋକସେବା ଦିବସ ପାଳନ

କେନ୍ଦ୍ରାପଡ଼ା,୭।୩ (ନି.ପ୍ର): ଜିଲ୍ଲା ସ୍ତରୀୟ ପଂଚାୟତରାଜ ଓ ଲୋକସେବା ଦିବସ ୨୦୨୧ ପାଳିତ ହୋଇଯାଇଛି । ଜିଲକ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଅଧକ୍ଷତା କରିଥିଲେ । ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଶ୍ରୀ ପରିଡା ନିଜ ବକ୍ତବ୍ୟରେ ବିଜୁ ପଟ୍ଟନାୟକଙ୍କୁ ଅଦ୍ୱିତୀୟ ନେତା ଭାବେ ସମ୍ବୋଧନ କରି ତାଙ୍କର ନୀତି ଆଦର୍ଶ, ଦେଶପ୍ରେମ, ସାହସିକତା ତଥା ପଂଚାୟତରାଜ ବ୍ୟବସ୍ଥାର ପ୍ରବର୍ତନ ତାଙ୍କୁ ସ୍ମରଣୀୟ କରିଛି ବୋଲି କହିଥିଲେ । ରାଜ୍ୟ ସରକାର କେନ୍ଦ୍ରାପଡା ଜିଲ୍ଲାରେ ୫୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଇସ୍ପାତ କାରଖାନା ସ୍ଥାପନା ପାଇଁ ରାଜିନାମା ସ୍ୱାକ୍ଷର କରିଥିବା ବେଳେ ଏଥିପାଇଁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଇଥିଲେ । ସଭାପତି ଶ୍ରୀ ଋତୁରାଜ ଓଡିଶାର ଇତିହାସ ଓ କେନ୍ଦ୍ରାପଡାର ଇତିହାସକୁ ଦୃଷ୍ଟିରେ ରଖି ଆଜିର ଦିବସ ଏକ ଗୌରବମୟ ଦିବସ ବୋଲି ସ୍ମରଣ କରି ବିଜୁବାବୁଙ୍କ ଅବଦାନ ବିଶ୍ୱ ଇତିହାସ ରେ ଓଡିଶାକୁ ଉର୍ଦ୍ଧ୍ୱସ୍ଥାନରେ ରଖିଥିବା କହିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ ଦିଲିପ କୁମାର ପରିଡା, ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ରବିନ୍ଦ୍ର ସେଠୀ, ଗଣେଶ ଚନ୍ଦ୍ର ସାମଲ ପ୍ରମୁଖ ଜିଲ୍ଲା ପରିଷଦ ସଭ୍ୟମାନେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧରେ ସୂଚନା ଓ ଲୋକ ସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଏପିଡି ପୁଷ୍ପଲତା ରାଉଳ, ମାନସୀ ଗୁପ୍ତା, ମନେରେଗା ସଂଯୋଜକ ଦେବାଶିଷ ଦାସ, ଏଆର ରହେମାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଲିଙ୍ଗ ନିରୂପଣ ଅଧିନିୟମ ଉପଦେଷ୍ଟା କମିଟି ବୈଠକ

ବାଲେଶ୍ୱର,୭।୩ (ନି.ପ୍ର): ଗର୍ଭସ୍ଥ ଭୃଣର ଲିଙ୍ଗ ନିରୂପଣ ଅଧିନିୟମ ଅନ୍ତର୍ଗତ ଗଠିତ ଜିଲ୍ଲା ଉପଦେଷ୍ଟା କମିଟିର ବୈଠକ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏଥିରେ ଅଧ୍ୟକ୍ଷତା କରିବା ଲିଙ୍ଗ ନିରୂପଣ ଅଧିନିୟମ କାର୍ଯ୍ୟକାରିତାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ବିଶେଷ କରି ଗତ ଜାନୁଆରୀ ମାସରୁ ସମସ୍ତ ଅଲଟ୍ରାସାଉଣ୍ଡ ମେସିନ ଏବଂ କ୍ଲିନିକର ପଞ୍ଜୀକରଣ ପାଇଁ ଅନଲାଇନ ବ୍ୟବସ୍ଥା ଆରମ୍ଭ ହୋଇଥିବା ବୈଠକରେ ସୂଚନା ଦିଆଯାଇଥିଲା । ଏଣିକି ଅଫଲାଇନରେ ଆଉ କୌଣସି ଆବେଦନ ଗ୍ରହଣ କରାଯିବ ନାହିଁ ବୋଲି ସ୍ପଷ୍ଟ ଜିଲାପାଳ ସ୍ପଷ୍ଟ କରିଥିଲେ । ୨୦୨୧ ମସିହା ଜାନୁଆରୀ ମାସ ପୂର୍ବରୁ ଅଫଲାଇନରେ ହୋଇଥିବା ଆବେଦନଗୁଡିକ ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇ କ୍ଲିନିକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆବଶ୍ୟକୀୟ କାଗଜପତ୍ର ଦାଖଲ ପରେ ସେମାନଙ୍କ ପଞ୍ଜୀକରଣ ନବୀକରଣ କରାଯିବାକୁ ଏହି ବୈଠକରେ ନିଷ୍ପତି ନିଆଯାଇଥିଲା । ଅଲଟ୍ରାସାଉଣ୍ଡ ମେସିନ୍ ପାଇଁ ଏଣିକି ନୈଦାନିକ ସ୍ଥାପନ ଅଧିନିୟମ ପ୍ରମାଣପତ୍ର (କ୍ଲିନିକାଲ ଏଷ୍ଟାବ୍ଲିସମେଂଟ ଆକ୍ଟ ସାର୍ଟିଫିକେଟ) ପ୍ରଦାନ କରିବା ଜରୁରୀ ଅଟେ । ଏଣୁ ଜିଲ୍ଲାର ସମସ୍ତ ଅଲଟ୍ରାସାଉଣ୍ଡ କ୍ଲିନିକ୍ ସମେତ ଅନ୍ୟାନ୍ୟ କ୍ଲିନିକ୍ ମାନଙ୍କୁ ଏହି ପ୍ରମାଣପତ୍ର ପ୍ରଦାନ କରିବାକୁ ହେବ । ଅନ୍ୟଥା ସେମାନଙ୍କ ପଞ୍ଜୀକରଣ ଅଥବା ନବୀକରଣ ହୋଇପାରିବ ନାହିଁ । ଏଣୁ ଜିଲାର ସମସ୍ତ କ୍ଲିନିକ ଏହା ଯେପରି ଠିକ୍ ସମୟରେ ପ୍ରଦାନ କରିବେ ସେ ନେଇ ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି ପାଇଁ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ କୁହାଯାଇଥିଲା । ସେହିପରି ଅନଲାଇନରେ ପଞ୍ଜୀକରଣ ସମୟରେ ଆବଶ୍ୟକତା ମୁତାବକ ସମସ୍ତ କାଗଜପତ୍ରର କପି ଅପଲୋଡ କରିବାକୁ ହେବ । ଅଲଟ୍ରାସାଉଣ୍ଡ କ୍ଲିନିକମାନଙ୍କ ପାଇଁ ଅନଲାଇନରେ ଫର୍ମ-ଏଫ ରେ ରିପୋର୍ଟିଂକୁ ବାଧ୍ୟତାମୂଳକ କରାଯାଇଛି । ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନର ସଫଳତା ପାଇଁ ଅଲଟ୍ରାସାଉଣ୍ଡ ମେସିନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ କିଭିଳି ଅଧିକରୁ ଅଧିକ ଗର୍ଭବତୀଙ୍କର ପରୀକ୍ଷଣ କରାଯାଇପାରିବ ସେ ଦିଗରେ ପଦକ୍ଷେପ ନେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଘରୋଇ କ୍ଲିନିକ୍‌ଗୁଡିକରେ ପ୍ରତିମାସରେ ଆର୍ଥିକ ଦୃଷ୍ଟିରୁ ଅସ୍ୱଚ୍ଛଳ ବର୍ଗଙ୍କ ପାଇଁ ମାଗଣାରେ ଅଲଟ୍ରାସାଉଣ୍ଡ ପରୀକ୍ଷଣର ଯେଉଁ ପ୍ରାବଧାନ ରହିଛି ତାହାକୁ ସେମାନେ ଯେପରି ପାଳନ କରିବେ ତାହା ସୁନିଶ୍ଚିତ କରିବାକୁ ବୈଠକରେ ବିଭାଗୀୟ ଅଧିକାରୀଙ୍କୁ କୁହାଯାଇଥିଲା । ଅନ୍ୟଥା ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଏବଂ ଜଳେଶ୍ୱରର ଜି.କେ.ଭଞ୍ଜ ହସପିଟାଲରେ ଅଲଟ୍ରାସାଉଣ୍ଡ ମେସିନ୍ ସ୍ଥାପନା ପାଇଁ ପ୍ରୋଭିଜନାଲ ରେଜିଷ୍ଟ୍ରେସନ ପ୍ରଦାନ କରାଯାଇଛି । ସେଠାରେ ଖୁବଶୀଘ୍ର ଅଲଟ୍ରାସାଉଣ୍ଡ ପରୀକ୍ଷଣର ସୁବିଧା ଉପଲବଧ ହେବା ନେଇ ସୂଚନା ଦିଆଯାଇଥିଲା । ଜିଲା ଖଣିଜ ପାଣ୍ଠିରୁ ସୋର ହସପିଟାଲରେ ଗୋଟିଏ ଅଲଟ୍ରାସାଉଣ୍ଡ ମେସିନର ସ୍ଥାପନା କରାଯାଇଛି । ତେବେ କୌଣସି କ୍ଷେତ୍ରରେ ଯେପରି ଗର୍ଭସ୍ଥ ଭୃଣର ଲିଙ୍ଗ ନିରୂପଣ କରା ନ ଯାଏ ତାହା ସୁନିଶ୍ଚିତ କରିବାକୁ ଆଇନ୍‌କୁ କଡାକଡି କାର୍ଯ୍ୟକାରୀ କରିବା ଉପରେ ଉପଦେଷ୍ଟା କମିଟିର ସଦସ୍ୟ-ସଦସ୍ୟାମାନେ ମତ ରଖିଥିଲେ । ପ୍ରତି ଅଲଟ୍ରାସାଉଣ୍ଡ କ୍ଲିନିକ ଓ ପରୀକ୍ଷା କେନ୍ଦ୍ରରେ ଲିଙ୍ଗ ନିରୂପଣ ଅଧିନିୟମ ସଂକ୍ରାନ୍ତରେ ପୋଷ୍ଟର ଓ ହୋର୍ଡିଂ ମାଧ୍ୟମରେ ସଚେତନତା ସୃଷ୍ଟି ପାଇଁ ଗୁରୁତ୍ୱ ଦିଆଯାଇଥିଲା । ଯେଉଁ କ୍ଲିନିକ କର୍ତ୍ତୃପକ୍ଷ ନିୟମରେ ଖିଲାପ କରିଛନ୍ତି ସେମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଏବଂ ଜୋରିମାନା ଲାଗି ଜିଲ୍ଲାପାଳ ଶ୍ରୀ ଚକ୍ରବର୍ତ୍ତୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲାମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳ ସେନ ଜଗଦ୍ଦେବ ଉପଦେଷ୍ଟା କମିଟିର କାର୍ଯ୍ୟଧାରା ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ବୈଠକର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏଡିପିଏଚଓ ଡା. ପରେଶ ଚନ୍ଦ୍ର ନନ୍ଦୀ, ଏଡିଏମଓ(ମେଡିକାଲ) ଡା. ସୁଶାନ୍ତ ନାୟକ, ଭେଷଜ ବିଶେଷଜ୍ଞ ଡା ମୃତ୍ୟୁଞ୍ଜୟ ମିଶ୍ର, ସମାଜସେବୀ ଡା. ମୀରା ପତି, ଲୀନା ପାଣିଗ୍ରାହୀ, ଡା. ଓମ୍ ଅଭିଷେକ ଦାସ, ଡା. ବି. ଦାଶ, ହସପିଟାଲ ମ୍ୟାନେଜର ସଚ୍ଚିଦାନନ୍ଦ ପାଢୀ, ଡିଏମଆରସିଏଚ ଏଲିନା ସାମଲ, ସୂଚନା ଓ ଲୋକସଂପର୍କ ଅଧିକାରୀ ଦୀପକ ସାହୁ ପ୍ରମୁଖ ବୈଠକରେ ଉପସ୍ଥିତ ଥିବା ବେଳେ ଆସିଷ୍ଟାଂଟ ମ୍ୟାନେଜର (ଆଇ.ଇ.ସି) ସନ୍ତୋଷ କୁମାର ବେହେରା ଅଧିନିୟମର କାର୍ଯ୍ୟକାରିତା ସମ୍ପର୍କରେ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଥିଲେ ।

## ସ୍ୱର୍ଣ୍ଣ ପକ୍ଷରୁ ସଡକ ସଚେତନତା କାର୍ଯ୍ୟକ୍ରମ

ଜଳେଶ୍ୱର, ୭/୩ (ନିପ୍ର) : ଜଳେଶ୍ୱର ହସ୍ପିଟାଲ ନିକଟସ୍ଥ ୬୦ନଂ ଜାତୀୟ ରାଜପଥ ଓ ୫୭ନଂ ଜାତୀୟ ରାଜ୍ୟ ରାଜପଥର ମିଳିତ ସ୍ଥାନରେ ଏନ୍‌ଜିଓ ସ୍ୱର୍ଣ୍ଣ ପକ୍ଷରୁ ଏକ ସଡକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାଇକ୍‌ରେ ବିନା ହେଲମେଣ୍ଟରେ ଯା ଆସ କରୁଥିବା, ଚାରି ଚକିଆ ଯାନରେ ସିଟବେଲ୍ଟ ଲଗାଇବା, ମଦ୍ୟପାନ କରି ଗାଡି ଚଳାଇବା, ସଡକ ନିୟମ ପାଳନ କରିବା ସଂପର୍କରେ ସେମାନେ ସଚେତନ କରାଇଥିଲେ । ସ୍ୱର୍ଣ୍ଣର ମୁଖ୍ୟ ଅଶୋକ ଭୂୟାଁ, ସରୋଜ ପାତ୍ର, ସରୋଜ ପ୍ରଧାନ, ରମାକାନ୍ତ ସି, ଅନୀଲ ସାମଲ, ସତ୍ୟଜିତ୍ ବ୍ରହ୍ମ, ପ୍ରିୟବ୍ରତ ପାଳ, ସଂଜିବ ପ୍ରଧାନ ପ୍ରମୁଖ ଏଥିରେ ସାମିଲ ଥିଲେ । ଜଳେଶ୍ୱର ପୋଲିସ୍ ସହାୟତା କରିଥିଲେ ।

## ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ

ଭୁବନେଶ୍ୱର,୦୭/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ୧୪୮୫ କୋଟି ଟଙ୍କାର ପାନୀୟ ଜଳ ପ୍ରକଳ୍ପକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ଢେଙ୍କାନାଳ, ଯାଜପୁର, କଳାହାଣ୍ଡି, ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ବ୍ଲକ୍ ପାଇଁ ହୋଇଥିବା ଏହି ପ୍ରକଳ୍ପ ଦ୍ୱାରା ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୦ ଗିରଫ, ୬୮୦ ବାହନ ଜବତ

ଭୁବନେଶ୍ୱର,୦୭/୦୩ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୦ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୮୦ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୧,୧୫,୫୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

## ଦୁଇ ବାଇକ୍ ମଧ୍ୟରେ ଧକ୍କା : ଜଣେ ମୃତ, ଦୁଇ ଗୁରୁତର

ବଲାଙ୍ଗିର,୦୭/୦୩ (ନି.ପ୍ର): ବଲାଙ୍ଗିର ଜିଲ୍ଲା କଂଟାବାଞ୍ଜି ବ୍ଲକ୍ ଅନ୍ତର୍ଗତ ମୁରିବାହାଲ ଥାନା ଗ୍ରୀଡ଼୍ ନିକଟରେ ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣକର ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଦ୍ୱୟଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

## ଦୁଇଟି ବେଆଇନ କରତ କଳ ଉପରେ ଚଢ଼ଉ

ପୁରୀ,୦୭/୦୩ (ନି.ପ୍ର): ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ଚାଲିଥିବା ଦୁଇଟି ବେଆଇନ କରତ କଳ ଉପରେ ବନ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି । ଚଢ଼ଉ ବେଳେ ସେଠାରୁ ଲକ୍ଷାଧିକ ଟଙ୍କା ମୂଲ୍ୟର କାଠ ଓ ଯନ୍ତ୍ରାଂଶ ଜବତ ହୋଇଛି । ବନ ବିଭାଗ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

# ରୋଟାରୀ କ୍ଲବ ବାଲେଶ୍ୱର ସେଣ୍ଟ୍ରାଲ ପକ୍ଷରୁ ରକ୍ତଦାନ ଶିବିର



ବାଲେଶ୍ୱର,୦୭/୦୩ (ନି.ପ୍ର): ରୋଟାରୀ କ୍ଲବ ବାଲେଶ୍ୱର ସେଣ୍ଟ୍ରାଲ ଓ ଓଡ଼ିଶା ମୋ ପରିବାର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ରକ୍ତଭଣ୍ଡାର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ମୋ ପରିବାରର ଜିଲ୍ଲା ସଂଯୋଜକ ସାହିରୁଲ ହକ ଏହି ଶିବିରକୁ ଉଦଘାଟନ କରିବା ସହିତ ରୋଟାରୀ କ୍ଲବ ବାଲେଶ୍ୱର ସେଣ୍ଟ୍ରାଲର ସଦସ୍ୟମାନଙ୍କ ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଜିଲାରେ ରକ୍ତର ଅଭାବକୁ ପୂରଣ ପାଇଁ ଆୟୋଜିତ ହେଉଥିବା ଏହି ରକ୍ତଦାନ ଶିବିର ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି ସେ କହିଥିଲେ । ରୋଟାରୀ କ୍ଲବ ବାଲେଶ୍ୱର ସେଣ୍ଟ୍ରାଲର ସଭାପତି ସତ୍ୟମ କୁମାର ମିଶ୍ର, ସମ୍ପାଦକ ନିରଞ୍ଜନ ମହାନ୍ତି, ପୂର୍ବତନ ସଭାପତି ଲକ୍ଷ୍ମୀକାନ୍ତ ସ୍ୱାଇଁ, ଅସିତ ଦାସ, ବାବୁ ପାତ୍ର ପ୍ରମୁଖ ଏହି ଶିବିରରେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ବିଭିନ୍ନ ସଂଗଠନ ଓ ଅନୁଷ୍ଠାନଙ୍କ ନିଷ୍ଠାପର ଉଦ୍ୟମ ଯୋଗୁଁ ସାମ୍ପ୍ରତିକ ସମାଜରେ ରକ୍ତର ଅଭାବ ପୂରଣ ହୋଇ ପାରିଛି । ଏନେଇ ଯୁବଗୋଷ୍ଠୀ ସର୍ବଦା ପ୍ରଶଂସାର ପାତ୍ର ବୋଲି ସେମାନେ କହିଥିଲେ । ଡାକ୍ତର ବସନ୍ତ କୁମାର ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜିତ ହୋଇଥିଲା । ଜିଲାର ରକ୍ତଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ । ଗୌରହରି ମଲିକ, ମନୋରଞ୍ଜନ ରାଉତ, ନିର୍ମଳ ମୁଖାର୍ଜୀ, ଜୟନ୍ତ ରଣା, ଦେବାଶିଷ ମିଶ୍ର, ମୃତ୍ୟୁଞ୍ଜୟ ରାଉତ, ଜୟନ୍ତ ତ୍ରିପାଠୀ, ସିମିତ ମିଶ୍ର ପ୍ରମୁଖ ରୋଟାରୀ କ୍ଲବ ବାଲେଶ୍ୱର ସେଂଟ୍ରାଲର ସଦସ୍ୟମାନେ ଏହି ଶିବରରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ । ଶିବିର ଶେଷ ସୁଦ୍ଧା ୮୦ରୁ ଊର୍ଦ୍ଧ୍ୱ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।

## ବରିଷ୍ଠ ନାଗରିକଙ୍କ ସେବା ଏକ ରାଷ୍ଟ୍ରୀୟ କର୍ତ୍ତବ୍ୟ ହେଉ

ଭୁବନେଶ୍ୱର,୦୭/୦୩ (ନି.ପ୍ର): ଓଡ଼ିଶା ଇଂଟରନ୍ୟାସନାଲ ସେଂଟର ପକ୍ଷରୁ ଆଜି ସକାଳୁ ସ୍ଥାନୀୟ ଜୟଦେବ ଭବନଠାରେ ବରିଷ୍ଠ ନାଗରିକ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏଥିରେ ୨୫ଜଣ ବରିଷ୍ଠ ନାଗରିକ ଯେଉଁମାନଙ୍କର ବୟସ ୭୦ ବର୍ଷରୁ ଅଧିକ, ସେମାନଙ୍କୁ ମାନପତ୍ର, ପୁଷ୍ପମାଲ୍ୟ ଓ ସାଲ୍ ଦେଇ ସମ୍ବର୍ଦ୍ଧନା କରାଯାଇଛି । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ତଥା ଉଦଘାଟକ ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବରିଷ୍ଠ ଅବସରପ୍ରାପ୍ତ ଆଇ.ପି.ଏସ୍. ଅଫିସର ଶ୍ରୀ ଅରୂପ ପଟ୍ଟନାୟକ, ଡକ୍ଟର ଗିରିଶ ଚନ୍ଦ୍ର ଶତପଥି, ସମାଜସେବୀ ରୁଦ୍ର ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଓଡ଼ିଶା ଇଂଟରନ୍ୟାସନାଲ ସେଂଟର ପକ୍ଷରୁ ପ୍ରତିବର୍ଷ ୧୦୦ ଜଣ ବରିଷ୍ଠ ନାଗରିକଙ୍କୁ ଭୁବନେଶ୍ୱର, କଟକ ଓ ପୁରୀଠାରେ ସମ୍ବର୍ଦ୍ଧିତ କରାଯାଏ । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ସୂର୍ଯ୍ୟ ନାରାୟଣ ପାତ୍ର ବରିଷ୍ଠ ନାଗରିକଙ୍କ ସେବା ଏକ ରାଷ୍ଟ୍ରୀୟ କର୍ତ୍ତବ୍ୟ ବୋଲି ମତ ଦେଇଥିଲେ । ବରିଷ୍ଠ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମର ନାମକରଣ ଆନନ୍ଦ ମହୋତ୍ସବ ହୋଇଥିବାରୁ ସେ ଖୁସି ପ୍ରକାଶ କରିଥିଲେ । ବରିଷ୍ଠ ନାଗରିକଙ୍କର ସେବା କଲେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଈଶ୍ୱରଙ୍କ ଆଶୀର୍ବାଦ ମିଳିବ ବୋଲି ସେ କହିଥିଲେ । ଆଜିର କାର୍ଯ୍ୟକ୍ରମରେ ରୋଟାରିଆନ ଓ ବିଶିଷ୍ଟ ଉଦ୍ୟୋଗପତି ତାରିଣୀ ପ୍ରତାପ ମହାନ୍ତିଙ୍କୁ "ଜାତୀୟ ସଂହତି" ସମ୍ମାନରେ ସମ୍ମାନିତ କରାଯାଇଥିଲା । ଶ୍ରୀ ଅରୂପ ପଟ୍ଟନାୟକ ଓଡ଼ିଶା ଇଂଟରନ୍ୟାସନାଲ ସେଂଟରର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରି କହିଥିଲେ ବରିଷ୍ଠ ନାଗରିକ ସେବା ସର୍ବାଗ୍ରେ । ଲୋକମାନେ ଆମର ବରିଷ୍ଠ ନାଗରିକମାନଙ୍କୁ ଯଥୋଚିତ ସମ୍ମାନ ଓ ସହାୟତା କରିବା ଆବଶ୍ୟକ । ଡକ୍ଟର ଗିରିଶ ଚନ୍ଦ୍ର ଶତପଥି ମତ ଦେଇଥିଲେ ବରିଷ୍ଠ ନାଗରିକମାନଙ୍କ ପାଇଁ ହସ୍ପିଟାଲ୍, ବସଷ୍ଟାଣ୍ଡ, ବଡ଼ ବଡ଼ ମଲ ଓ ଜନସମାଗମ ସ୍ଥାନରେ ସ୍ୱତନ୍ତ୍ର ସୁବିଧା ମିଳିବା ଆବଶ୍ୟକ । ଆମର ନାଗରିକମାନେ ବରିଷ୍ଠ ନାଗିରିକଙ୍କୁ ଶ୍ରଦ୍ଧା ଓ ସମ୍ମାନ ସ୍ୱତଃପ୍ରବୃତ୍ତ ଭାବେ କରିବା ଆବଶ୍ୟକ । ଅନ୍ୟତମ ଅତିଥି ସମାଜସେବୀ ରୁଦ୍ର ସାମନ୍ତରାୟ ବରିଷ୍ଠ ନାଗରିକଙ୍କ ପାଇଁ ବହୁବିଧ କାର୍ଯ୍ୟକ୍ରମ କରିବା ପାଇଁ ମତ ଦେଇଥିଲେ । ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଥିଲେ ବିଶିଷ୍ଟ ସଂଗୀତ ଗୁରୁ ଡଃ ଦାମୋଦର ହୋତା, ବିଶିଷ୍ଟ ସାହିତ୍ୟିକ ଶ୍ରୀଯୁକ୍ତ ପ୍ରଫୁଲ୍ଲ ରଥ, ବିଶିଷ୍ଟ ବ୍ୟବସାୟୀ ଶ୍ରୀ ବିନୟ ଚୌଧୁରୀ ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ରବି ନାରାୟଣ ଦାସ ଚୌଧୁରୀ ପ୍ରଭୃତିଙ୍କୁ ସମ୍ମାନିତ କରାଯାଇଥିଲା ।

## ଅଗ୍ନିକାଣ୍ଡରେ ୫ ବଖରା ଭସ୍ମୀଭୂତ

ଭଦ୍ରକ,୦୭/୦୩ (ନି.ପ୍ର): ଧାମନଗର ବ୍ଲକ ଗୋବିନ୍ଦପୁର ପଂଚାୟତ ଖଦାଳସାହି ଗ୍ରାମର ରତ୍ନାକର ରାଉତଙ୍କ ଘରେ ଗତକାଲି ରାତିରେ ଅଗ୍ନିକାଣ୍ଡ ଘଟି ତାଙ୍କର ୫ ବଖରା ଘର ନିଆଁରେ ପୋଡି ଭସ୍ମୀଭୂତ ହୋଇଯାଇଛି । ଏଥିରେ ରତ୍ନାକରଙ୍କ ସମସ୍ତ ଗୃହ ଆସବାପତ୍ର ନିଆଁରେ ପୋଡି ପାଉଁଶ ହୋଇଯାଇଛି । ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡିନଥିବା କୁହାଯାଇଛି । ଖବରପାଇ ଧାମନଗର ଦମକଳ ବାହିନୀ ଘଟଣାସ୍ଥଳେ ପହଂଚି ନିଆଁକୁ ଆୟତ କରିଥିଲେ । ଆଜି ସକାଳେ ବ୍ଲକ ଅଧକ୍ଷ ଅଶୋକ କୁମାର ନାୟକ, ସ୍ଥାନୀୟ ସରପଂଚ ଜୟନ୍ତୀ ନାୟକ, ପୂର୍ବତନ ସମିତିସଭ୍ୟ ଶ୍ରୀକାନ୍ତ ନାୟକ, ପୂର୍ବତନ ସରପଂଚ ସୁବାସ ମହାକୁଡ ପ୍ରମୁଖ ପହଂଚି ଅଗ୍ନି ବିପନ୍ନଙ୍କୁ ସମବେଦନା ଜଣାଇଥିଲେ । ପରେ ଅସୁରାଳି ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳେ ପହଂଚି ବିପନ୍ନ ପରିବାରକୁ ପଲିଥିନ ଯୋଗାଇଦେଇଛନ୍ତି । ତୁରନ୍ତ ବିପନ୍ନ ପରିବାରଙ୍କୁ ସରକାରୀ ସହାୟତା ଓ ଘର ଯୋଗାଇଦେବାକୁ ସ୍ଥାନୀୟ ଅଂଚଳବାସୀ ଦାବି କରିଛନ୍ତି ।

## ହାତୀଗଡ ବିଦ୍ୟାଳୟର ପୂର୍ବତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ

ଜଳେଶ୍ୱର, ୭/୩ (ନିପ୍ର) : ୧୯୬୩୫ ମସିହାରେ ସରକାରୀକରଣ ହୋଇଥିବା ଏବଂ ମିଶନାରୀ ପକ୍ଷରୁ ଖୋଲାଯାଇଥିବା ଏହି ବିଦ୍ୟାଳୟର ୧୯୯୧-୧୯୯୫ ବେଚ୍‌ର ଛାତ୍ରଛାତ୍ରୀଙ୍କ ବଂଧୁମିଳନ ଉତ୍ସବ ଓ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବା ଅବସରରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର, ମାନସ କୁମାର ମହାନ୍ତି ପୌରହିତ୍ୱ କରିଥିବା ବେଳେ ସନ୍ଦିପ କୁମାର ଘୋଷ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଶିବ ଶଂକର ପଟ୍ଟନାୟକ କାର୍ଯ୍ୟକ୍ରମର ସୂଚନା ଓ ବନ୍ଧୁମିଳନର ଆବଶ୍ୟକତା ସଂପର୍କରେ କହିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଭାଗବତ ଚନ୍ଦ୍ର ଦିନ୍ଦା, ବଂଶୀଧର ଗାନ୍ଧି, ଧରଣୀକାନ୍ତ ପଟ୍ଟନାୟକ, ରାମଚନ୍ଦ୍ର ଜେନା, କୁନ୍ତଳା ଦାସ, ସେଲିନା ମହାନ୍ତି, କଳାକଳ୍ପନା ମହାପାତ୍ର, ରାମଚନ୍ଦ୍ର ପ୍ରଧାନ, ନମିତା ସୁନ୍ଦରୀ ଦାସ, ଗଂଗାଧର ପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । ଶିକ୍ଷକମାନେ ସେଦିନର ଛାତ୍ରଛାତ୍ରୀଙ୍କ ମାନସିକତା ଓ ଆଜିର ସୁସମ୍ପର୍କରେ ବହୁ ପାର୍ଥକ୍ୟ ପରିଲକ୍ଷିତ ହେଉଥିବା କହିଥିଲେ । ବନ୍ଧୁତାର ଗୁରୁତ୍ୱ ଓ ବନ୍ଧୁଭାବାପନ୍ନ ମନୋଭାବ ମଣିଷକୁ ସୁମାର୍ଗରେ ପରିଚାଳିତ କରିଥାଏ ବୋଲି କହିଥିଲେ । ଏଥିରେ ବହୁ ପୁରାତନ ଛାତ୍ରଛାତ୍ରୀ ସେମାନଙ୍କ ଅନୁଭୂତି, ଅଭିଜ୍ଞତା ସଂପର୍କରେ ଭାବବିନିମୟ ବେଳେ ଭାବବିହ୍ୱଳ ହୋଇ ଉଠିଥିଲେ ।

# ଚୋରା ବାଲି ବୋଝେଇ ଟ୍ରାକ୍ଟର ପୋଖରୀ ମଧ୍ୟକୁ ପଶିଲା



ଜଳେଶ୍ୱର, ୭/୩ (ନିପ୍ର) : ସୁବର୍ଣ୍ଣରେଖା ନଦୀର ବାଲି ଚୋରାଚାଲାଣକୁ ବନ୍ଦ କରିବାଲାଗି ପ୍ରଶାସନ ଯେତେ ଚେଷ୍ଟା କଲେ ମଧ୍ୟ ତାହା ରୋକାଯାଇପାରୁ ନାହିଁ । ଏନ୍‌ଜିଟିର ଚାପ ପରେ ଜିଲା ପ୍ରଶାସନର କଡା ନିର୍ଦ୍ଦେଶଯୋଗୁଁ ଜଳେଶ୍ୱର ତହସିଲ ପକ୍ଷରୁ ବେଶ୍ ଧରପଗଡ ଆରମ୍ଭ କରାଯାଇଛି । ଫଳରେ ବାଲି ମାଫିଆମାନେ ତହସିଲ କର୍ମଚାରୀ ମାନଙ୍କୁ ଚପାଇ ମାରି ଦେବାକୁ ମଧ୍ୟ ଉଦ୍ୟମ କରୁଥିବା ଜଳେଶ୍ୱର ଥାନାରେ ଅଭିଯୋଗ ହୋଇଛି । ଆଜି ରବିବାର ଥିବାରୁ ତହସିଲ କର୍ମଚାରୀମାନେ ଛୁଟିରେ ରହିଥିବା ଜାଣି କେତେକ ବାଲି ମାଫିଆ ଦକ୍ଷିଣ ପ୍ରହରାଜପୁର ଅଂଚଳରୁ ବେଆଇନ୍‌ଭାବେ ନଦୀରୁ ବାଲି ଉତ୍ତୋଳନ କରି ଦେଉଳା ଅଂଚଳକୁ ପରିବହନ କରୁଥିବା ବେଳେ ଜଳେଶ୍ୱର ତହସିଲର ଏନ୍‌ଫୋର୍ସମେଣ୍ଟ ଟିମ୍ ଗୋଡାଇଥିଲେ । ଡ୍ରାଇଭର ଜାଣିପାରି ଦ୍ରୁତଗତିରେ ଟ୍ରାକ୍ଟରଟିକୁ ନେଇ ଖସିପଳାଇବାକୁ ଚେଷ୍ଟାକଲାବେଳେ ଦୁର୍ଘଟଣାର ଶୀକାର ହୋଇଥିଲେ । ଲକ୍ଷ୍ମଣନାଥ ଷ୍ଟେସନ ନିକଟ ଦେଉଳା ଗ୍ରାମର ଏକ ପୋଖରୀ ମଧ୍ୟରେ ଟ୍ରାକ୍ଟରଟି ପଶିଯାଇଥିବା ବେଳେ ଡ୍ରାଇଭର ଡେଇଁ ଖସି ପଳାଇ ଯାଇଥିଲା । ଏହି ନମ୍ବର ବିହିନ ଟ୍ରାକ୍ଟରଟି ମାଳିପାଳ ଗ୍ରାମର ସୁଜିତ୍ ଘୋଷଙ୍କର ବୋଲି ଜଣାପଡିଛି ।

# ଆଇଟି ଆସୋସିଏସନର କ୍ରିକେଟ ମିଟ : ଫ୍ରଣ୍ଟେକ ଟିମ ଚମ୍ପିୟାନ




ବାଲେଶ୍ୱର,୦୭/୦୩ (ନି.ପ୍ର): ବାଲେଶ୍ୱର ଆଇଟି ଆସୋସିଏସନର ଦଶମ କ୍ରିକେଟ ମିଟ ସ୍ଥାନୀୟ ଜିଲାସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଆଇଟି ଆସୋସିଏସନ ସଭାପତି ଅଶ୍ୱିନୀ ଦାସ ଏହି ଟୁର୍ଣ୍ଣାମେଣ୍ଟକୁ ଉଦଘାଟନସହ ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ସଦସ୍ୟ ଓ ପ୍ରାୟୋଜକମାନଙ୍କୁ ଭୂୟସୀ ପ୍ରଶଂସା କରିଥିଲେ । କମ୍ପ୍ୟୁଟର ଜ୍ଞାନକୌଶଳ ସହ ଜଡ଼ିତ ସମସ୍ତ ବ୍ୟବସାୟୀ ଓ ସେମାନଙ୍କ କର୍ମଚାରୀମାନେ କାର୍ଯ୍ୟବ୍ୟସ୍ତତାରୁ ସମୟ କାଢ଼ି ପରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ଓ ବନ୍ଧୁତା ବୃଦ୍ଧି କରିବାରେ ଏହା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ ମତ ପ୍ରକାଶ କରିଥିଲେ । ଏହି ଅବସରରେ ବାଲେଶ୍ୱରର ସମସ୍ତ କମ୍ପ୍ୟୁଟର ଡିଲର ଓ ସେଠାରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ନେଇ ଜେବ୍ରୋନିକ୍ସ, ଫ୍ରଣ୍ଟେକ, ମାଇକ୍ରୋଟେକ ଓ ଲେନୋଭୋ ପ୍ରଭୃତି ଚାରି ଗୋଟି ଟିମ ଗଠିତ ହୋଇଥିଲା । ୧୦ ଓଭର ବିଶିଷ୍ଟ ଫାଇନାଲ ମ୍ୟାଚ ଜେବ୍ରୋନିକ୍ସ ଓ ଫ୍ରଣ୍ଟେକ ମଧ୍ୟରେ ଅନୁଷ୍ଠିତ ହୋଇଥଲା । ଶେଷରେ ଫ୍ରଣ୍ଟେକ ଟିମ ଚମ୍ପିୟାନ ଘୋଷିତ ହୋଇଥିଲା । ଫାଇନାଲ ମ୍ୟାଚ ପରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଆଇଟି ଆସୋସିଏସନ ଅଫ ଓଡିଶାର ଉପ-ସଭାପତି ପ୍ରଶାନ୍ତ କୁମାର ସ୍ୱାଇଁ ଓ ସମ୍ପାଦକ ରାଜେଶ ମହାପାତ୍ର ଅତିଥିଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଅତିଥିମାନେ ବିଜୟୀ ଦଳ ଓ ରନର୍ସ-ଅପ ଦଳକୁ ଟ୍ରଫି, ମ୍ୟାନ ଅଫ ଦି ସିରିଜ, ମ୍ୟାନ ଅଫ ଦି ମ୍ୟାଚ, ବେଷ୍ଟ ବ୍ୟାଟସ ମ୍ୟାନ, ବେଷ୍ଟ ବୋଲର ଓ ସମସ୍ତ ଖେଳାଳଙ୍କୁ ମୋମେଣ୍ଟୋ ପ୍ରଦାନ କରିଥିଲେ । ଏହି ଅବସରରେ କ୍ୟାନନ, ଏଚପି, ଲେନୋଭୋ, ଏନପି ଟେକ ପ୍ରଭୃତି କମ୍ପ୍ୟୁଟର ସାମଗ୍ରୀ ନିର୍ମାତା କମ୍ପାନିମାନଙ୍କର ପ୍ରତିନିଧିମାନେ ଯୋଗଦେଇଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଗୋଟିଏ ଦିନରେ ୭୦....

ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରେ ୧୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବାଲେଶ୍ୱର ଜିଲ୍ଲାରେ ୦୬ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ଼ରୁ ୦୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକ, ବଲାଙ୍ଗୀର ତଥା ବୌଦ୍ଧ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକ ଜିଲ୍ଲାରୁ ୩ ଓ ଦେବଗଡ ଜିଲ୍ଲାର ୨ ତଥା ଢେଙ୍କାନାଳ ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି, ଗଂଜାମ, ଜଗତସିଂହପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଯାଜପୁରରୁ ୪ ଜଣ, ଝାରସୁଗୁଡ଼ାରୁ ୨ ଜଣ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କନ୍ଧମାଳ, କେନ୍ଦ୍ରାପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦୁଝର ଜିଲ୍ଲାରୁ ୦୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୬ ଜଣ ଚିହ୍ନଟ ହୋଇଥିବା ବେଳେ କୋରାପୁଟ ଓ ମାଲକାନଗିରି. ମୟୁରଭଂଜ ରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନବରଙ୍ଗପୁର , ନୟାଗଡ ଓ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡା ଜିଲ୍ଲାରେ ୨ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି । ସମ୍ବଲପୁରରୁ ୩ ଜଣ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରେ ଜଣେ ହେଲେ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୧୨ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଷ୍ଟେଟ୍‌ପୁଲ୍‌ରୁ ୪ ସଂକ୍ରମିତ ଚିହ୍ନଟ ହୋଇ ଛନ୍ତି ।

## ବିଜେପିରେ ସାମିଲ ହେଲେ ....

ଆକର୍ଷିତ କରିଛି । ଏକଦା 'ସିପିଆଇ (ଏମ୍)'ର ଘନିଷ୍ଠ ଥିବା ମିଥୁନ ଚକ୍ରବର୍ତ୍ତୀ କିଛି ବର୍ଷ ନିମନ୍ତେ 'ତୃଣମୂଳ କଂଗ୍ରେସ' ପକ୍ଷରୁ ରାଜ୍ୟସଭାରେ ସାଂସଦ ଥିଲେ । ତେବେ ଆଜି ସେ 'ବ୍ରିଗେଡ୍ ପରେଡ୍ ଗ୍ରାଉଣ୍ଡ'ରେ ପହଞ୍ଚିବା ପରେ ପଶ୍ଚିମବଙ୍ଗ ବିଜେପି ସଭାପତି ଦିଲୀପ ଘୋଷ ତାଙ୍କୁ ମଞ୍ଚ ଉପରକୁ ପାଛୋଟି ନେଇଥିଲେ । ବିଜେପିର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କୈଳାସ ବିଜୟବର୍ଗୀୟ ଏବଂ ଦଳର ଉପସଭାପତି ମୁକୁଲ ରାୟ ମଧ ସେଠାରେ ଉପସ୍ଥିତ ଥିଲେ । ଏହାପରେ ସେ ବିଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି । ନିକଟ ଅତୀତରେ 'ଆର୍‌ଏସ୍‌ଏସ୍'ର ମୁଖ୍ୟ ମୋହନ ଭାଗବତ ଏବଂ କୈଳାସ ବିଜୟବର୍ଗୀୟଙ୍କ ସହ ମିଥୁନ ଚକ୍ରବର୍ତ୍ତୀଙ୍କ ସାକ୍ଷାତ୍ ଯୋଗୁଁ ସେ ବିଜେପିରେ ଯୋଗ ଦେଇ ପାରନ୍ତି ବୋଲି କଳ୍ପନାଜଳ୍ପନା ଚାଲିଥିଲା । ବିଜେପିରେ ମିଥୁନ ସାମିଲ ହେବା ଦ୍ୱାରା ଦଳ ସେଠାରେ ଅଧିକ ଲୋକପ୍ରିୟ ହୋଇପାରିବ ବୋଲି କୁହାଯାଉଛି ।

## ଶିମିଳିପାଳରେ ବଢୁଛି ସଂକଟ....

ଜୀବନ ଧାରଣ ମଧ ପ୍ରଭାବିତ ହୋଇଛି । ଆଉ ଏହି ଭୟଙ୍କର ପରିସ୍ଥିତି ଭିତରେ ସ୍ଥାନୀୟ କିଛି ଗାଁର ଲୋକ ଏକତ୍ରିତ ହୋଇ ବୈଠକ କରିଛନ୍ତି । କାରଣ, ଧୂଆଁର ପ୍ରକୋପ ଭିତରେ ନିଶ୍ୱାସ ନେବା କଷ୍ଟ ହେବା ସହ ଆଖି ପୋଡୁଥିବା ଲୋକ ଅଭିଯୋଗ କରିଛନ୍ତି । ଆଉ ଏସବୁ ଭିତରେ ନିଆଁକୁ ଆୟତ କରିବା ପାଇଁ ଆପ୍ରାଣ ଉଦ୍ୟମ କରୁଛନ୍ତି ବନ ବିଭାଗର କର୍ମଚାରୀ । ବିଭାଗର ହଜାରେରୁ ଅଧିକ ବନ କର୍ମଚାରୀ ଏବଂ ୨ଶହରୁ ଅଧିକ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାରେ ନିୟୋଜିତ ହୋଇଛନ୍ତି । ଶନିବାର ରାତିରେ ଭଞ୍ଜବସା ଏବଂ ପୋଡ଼ାଡିହା ରେଞ୍ଜରେ ପ୍ରାୟ ୫ କିଲୋମିଟର ବ୍ୟାପି ନିଆଁ ଲାଗିଛି । ବନ ବିଭାଗର ଉଦ୍ୟମ ଭିତରେ କିନ୍ତୁ ନିଆଁର ଆଁ ଭିତରକୁ ଚାଲିଯାଉଛି ଗୋଟିଏ ପରେ ଗୋଟିଏ ଜଙ୍ଗଲ । ଯାହା ଶିମିଳିପାଳ ଅଭୟାରଣ୍ୟ ପାଇଁ ଆହୁରୀ ବିପଦ ଆଣୁଛି । ନିଆଁର ଭୟାବହତାକୁ ନେଇ ବରିଷ୍ଠ ଅଧିକାରୀ, ଯାହା ସ୍ପଷ୍ଟକରଣ ଦିଅନ୍ତୁ ନାଁ କାହିଁକି, ଯଦି ଯୁଦ୍ଧକାଳିନ ଭିତିରେ ନିଆଁକୁ ଆୟତ କରାନଯାଏ, ତେବେ ଏହା ଶିମିଳିପାଳ ଅଭ୍ୟାୟରଣ୍ୟର ଜୈବ ବିବିଧତାକୁ ପ୍ରଭାବିତ କରିବ, ଏଥିରେ ସନ୍ଦେହ ନାହିଁ ।

## ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ ମିଶନରେ ....

ବରଂ ପ୍ରଧାନମନ୍ତ୍ରୀ ମୋଦିଙ୍କ ନାଁରେ ସକରାତ୍ମକ ଭୋଟର ଏକ ବିରାଟ ବଡ଼ ଯୋଗଦାନ ରହିବ । ଆଗାମୀ ଦିନରେ ମୋଦି ସରକାରଙ୍କ କଲ୍ୟାଣକାରୀ ଯୋଜନାକୁ ଘରେ ଘରେ ପହଁଚାଇବା ପାଇଁ ପଡ଼ିବ । ଏକବିଂଶ ଶତାବ୍ଦୀରେ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ନୂଆ ଓ ଆତ୍ମନିର୍ଭର ଓଡ଼ିଶାର ଲକ୍ଷ୍ୟକୁ ପୂରଣ କରିବା ପାଇଁ ପୂର୍ବାପେକ୍ଷା ଆମକୁ ଦୁଇଗୁଣା ପରିଶ୍ରମ କରିବାକୁ ପଡ଼ିବ । ଆମର ଉଦ୍ୟମ ଓ ଜନଆନ୍ଦୋଳନ ଜରିଆରେ ପ୍ରଧାନମନ୍ତ୍ରୀ ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ବିଜେପି ରାଷ୍ଟ୍ରୀୟ ଅଧକ୍ଷ ଜେ.ପି ନଡ୍ଡାଙ୍କ ନେତୃତ୍ୱରେ ମୋଦି ସରକାରଙ୍କର ପୂର୍ବ ଭାରତର ବିକାଶ ଓ ଗରିବ କଲ୍ୟାଣ ଯୋଜନା ତଥା ସବକା ସାଥ୍ -ସବକା ବିକାଶ-ସବକା ବିଶ୍ୱାସର ନାରାରେ ଦଳ ବିଜୟୀ ହୋଇପାରିବ ବୋଲି ଦଳୀୟ କାର୍ଯ୍ୟକର୍ତାଙ୍କୁ ଉଦବୋଧନ ଦେଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## ମୋଦିଙ୍କ ମହାସମାବେଶକୁ ....

ଆଗକୁ ସେଠାରେ ବିଧାନସଭା ନିର୍ବାଚନ ହେବାକୁ ଥିବାରୁ ବିଜେପି-ତୃଣମୂଳ କଂଗ୍ରେସ ଭିତରେ ଶକ୍ତି ପ୍ରଦର୍ଶନ ଜାରି ରହିଛି । ଅନ୍ୟପଟେ ଆଜି କୋଲକାତା ବ୍ରିଗେଡ ଗ୍ରାଉଣ୍ଡରେ ଲୋକଙ୍କୁ ସମ୍ବୋଧନ କରି ଦିଦିଙ୍କ ଉପରେ ବର୍ଷିଛନ୍ତି ମୋଦି । ଜନତାଙ୍କୁ ସମ୍ବୋଧିତ କରି ମୋଦି କହିଛନ୍ତି, ପରିବର୍ତନ ପାଇଁ ମମତା ସରକାରଙ୍କୁ ବାଛିଥିଲେ ବଙ୍ଗଳା ଜନତା । ହେଲେ ଲୋକଙ୍କ ସ୍ୱପ୍ନକୁ ଭାଙ୍ଗି ଚୁରମାର କରିଦେଲେ ଦିଦି । ଏହି ଲଢେଇ ସରକାର ପରିବର୍ତନ ପାଇଁ ନୁହେଁ ବଂର ପଶ୍ଚିମବଙ୍ଗର ବିକାଶ ପାଇଁ ଲଢେଇ ଚାଲିଛି । ପଶ୍ଚିମବଙ୍ଗରେ ବାମ ଦଳ, ଟିଏମସି ଶାସନର ବିକାଶ ଠାରୁ ବହୁତ ଦୂରରେ ରହିଛି ରାଜ୍ୟ । ତେଣୁ ଲୋକେ ପରିବର୍ତନ ଚାହୁଁଛନ୍ତି । ଲୋକଙ୍କ ସ୍ୱପ୍ନ ଓ ଭବିଷ୍ୟତ ପାଇଁ ପରିଶ୍ରମ କରି ବିକାଶ କରିବାକୁ ବିଜେପି ସଦା ସର୍ବଦା ପ୍ରସ୍ତୁତ ଅଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ସେପଟେ ସୁପର-ସଣ୍ଡେରେ ଆଜି ବିଜେପିରେ ସାମିଲ ହୋଇଛନ୍ତି ବଲିଉଡ ଷ୍ଟାର ମିଥୁନ ଚକ୍ରବର୍ତି । ବିଜେପିର ବରିଷ୍ଠ ନେତା ମୁକୁଲ ଘୋଷ, କୈଳାସ ବିଜୟବର୍ଗୀୟଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ତାରିଖ ଘୋଷଣା ହେବା ପରେ ପ୍ରଥମ ଥର ପାଇଁ କୋଲକାତାର ବ୍ରିଗେଡ୍ ଗ୍ରାଉଣ୍ଡରେ ପ୍ରଧାନମନ୍ତ୍ରୀ ମୋଦି କରିଛନ୍ତି ବିଶାଳ ଜନ ସମାବେଶ । ଏହି ସମାବେଶରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଶଙ୍ଖନାଦ କରିଛନ୍ତି ପ୍ରଧାନମନ୍ତ୍ରୀ । ବ୍ରିଗେଡ ପରେଡ ଗ୍ରାଉଣ୍ଡରେ ବିଶାଳ ରାଲି କରି ମମତା ବାନାର୍ଜୀଙ୍କ ବିରୋଧରେ, ବିଜେପି ରଣହୁଙ୍କାର ଦେଇଛି ।

# ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ : ବାହାଦୂର ମହିଳା ଯୋଦ୍ଧାଙ୍କୁ ରେଲୱେ ଦୁଇଟି ଇଂଜିନ ସମର୍ପିତ କଲା

ନୂଆଦିଲ୍ଲୀ,୦୭/୦୩ (ନି.ପ୍ର): ଆନ୍ତର୍ଜାତୀୟ ମହିଳା ଦିବସ ମହିଳା ମାନଙ୍କର ସାମାଜିକ, ଆର୍ଥିକ, ସାଂସ୍କୃତିକ ଏବଂ ରାଜନୈତିକ ସଫଳତାକୁ ପାଳନ କରିଥାଏ । ମହିଳା ମାନଙ୍କୁ ସମାନ ଅଧିକାରର ଅନୁଦାନକୁ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ମଧ୍ୟ ଆହ୍ୱାନ କରାଯାଇଛି । ଆମ ଇତିହାସର ସାହସୀ ମହିଳା ମାନଙ୍କୁ ସ୍ମରଣ କରିବା ପାଇଁ ତୋଗଲକବାଦ ଲୋକୋ ରୋଡ଼ ପାଂଚ ଦଶନ୍ଧି ଧରି ଚମତ୍କାର ପ୍ରଦର୍ଶନ କରିଆସୁଛି, ଯେଉଁମାନେ ନିଜ ହାତରେ ଖଣ୍ଡା ଧରି ନିଜ ଲୋକଙ୍କ ସ୍ୱାଧୀନତା ପାଇଁ ଲଢ଼ିଥିଲେ । ଶ୍ରଦ୍ଧାଞ୍ଜଳି ଏବଂ ସମ୍ମାନର ଏକ ଟୋକନ୍ ଭାବରେ ଉତର ରେଳବାଇ ତୁଗଲଗବାଦ ଲୋକୋ ରୋଡ଼ର ଇଂଜିନ୍ ଗୁଡ଼ିକୁ ଡବ୍ଲୁଡିପି୪ବି ଏବଂ ଡବ୍ଲୁଡିପି୪ଡି ବର୍ଗର ଇଂଜିନ ଲକ୍ଷ୍ମୀବାଇ ଏବଂ ରାଣୀ ଚେନ୍ନମାଙ୍କୁ ଉତ୍ସର୍ଗ କରିଛି । ଉତର ରେଳ ମୁଖପାତ୍ର ଦୀପକ କୁମାର ରବିବାର କହିଛନ୍ତି ଯେ, ରାନୀ ଅହଲ୍ୟାବାଇ, ରାନୀ ଅବନ୍ତିବାଇ, ରାନୀ ଭେଲୁ ନାଚିୟାର, ରାଣୀ ଚନ୍ନେମା, ରାଣୀ ଲକ୍ଷ୍ମୀବାଇ ଏବଂ ଝଲକରବାଇ ସହିତ ଉଦୟ ଦେବୀ ଏବଂ ଅନ୍ୟମାନେ ଖୁବ୍ ଶୀଘ୍ର ଇତିହାର ଅଂଶହେବେ । ଅମର ମହିଳାମାନେ ଯୋଦ୍ଧା ମାନଙ୍କ ସ୍ମୃତିକୁ ଜୀବନ୍ତ ରଖିବେ ।

# ଆନ୍ତଃ ଜିଲ୍ଲା କ୍ଲବ ଟୁର୍ଣ୍ଣାମେଂଟ : ଚରମ୍ପା କ୍ରିକେଟ ଏକାଡେମୀ ବିଜୟୀ

ଭଦ୍ରକ,୦୭/୦୩ (ନି.ପ୍ର): ଚରମ୍ପା ରେଲୱେ ପଡ଼ିଆରେ ଚାଲିଥିବା ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ 'ଭିଜନ - ୨୦୨୪' ପରିପ୍ରେକ୍ଷୀରେ ଆନ୍ତଃ ଜିଲ୍ଲା କ୍ଲବ କ୍ରିକେଟ ଟୁର୍ଣ୍ଣାମେଂଟର ଆଜିର ମ୍ୟାଚରେ ଚରମ୍ପା କ୍ରିକେଟ ଏକାଡେମୀ ବିଜୟୀ ହୋଇଛି । ଆଜି ଜଗନ୍ନାଥ କ୍ରିକେଟ କ୍ଲବ (ଜେସିସି) ଓ ଚରମ୍ପା କ୍ରିକେଟ ଏକାଡେମୀ (ସିସିଏ) ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଜେସିସି ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା । ଦଳ ୩୦.୫ ଓଭରରେ ମାତ୍ର ୧୩୧ ରନ କରି ଅଲ୍ ଆଉଟ ହୋଇଥିଲା । ତେବେ ଦଳ ପକ୍ଷରୁ ଆଶୁତୋଷ ବେହେରା ୨୭ରନ ଓ ଆଶିଷ କୁମାର ସାହୁ ୨୦ ରନ କରିଥିଲେ । ସିସିଏ ପକ୍ଷରୁ ସତ୍ୟମ୍ କୁମାର ଓ କରୁଣାକର ବିନ୍ଧାଣୀ ୩ଟି ଲେଖାଏଁ ଉଇକେଟ ନେଇଥିଲେ । ପରେ ବ୍ୟାଟିଂ କରି ସିସିଏ ମାତ୍ର ୨ ଉଇକେଟ ହରାଇ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ସିସିଏ ପକ୍ଷରୁ ଜୀବନ ଜ୍ୟୋତି ବେହେରା ୪୪, କୁମାର ମଙ୍ଗଳମ୍ ଖେମ୍‌କା ୩୫ ଓ ଆୟୁଷ୍ମାନ ଦାସ ୨୧ ରନ କରିଥିଲେ । ଜେସିସି ପକ୍ଷରୁ ଅମିତାଂଶୁ ମଲ୍ଲିକ ଗୋଟିଏ ଉଇକେଟ ନେଇଥିଲେ । ଜୀବନ ଜ୍ୟୋତି ବେହେରାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା । ମ୍ୟାଚକୁ ଲଲାଟ କେଶରୀ ନନ୍ଦ, ସାର୍ଥକ ବିଶ୍ୱାଳ, ପ୍ରଦିପ୍ତ କୁମାର ନାୟକ, ସସ୍ମିତା ସାହୁ ପରିଚାଳନା କରିଥିଲେ ।

# ଦୀନକୃଷ୍ଣ ସ୍ମୃତି ପରିଷଦର ୪୨ତମ ବସନ୍ତ ଉତ୍ସବ

ଜଳେଶ୍ୱର, ୭/୩ (ନିପ୍ର) : ଉତ୍ତର ପାନ୍ତରେ ଭାଷା, ସାହିତ୍ୟ, ସଂସ୍କୃତି ଓ ପରମ୍ପରାକୁ ରକ୍ଷା କରିବାଲାଗି ଆବଶ୍ୟକ ମାନବିକ ଚେତନା ଲାଗି ଦୀନକୃଷ୍ଣ ସ୍ମୃତି ପରିଦେ ପ୍ରୟାସ କରି ଆସୁଛି । ବେଦ, ଉପନିଷଦ ଓ ଭାଗବତ ଗୀତାରେ ମଧ୍ୟ ବସନ୍ତ ମାଧୁର୍ଯ୍ୟର ବର୍ଣ୍ଣନା ରହିଛି । ଯୁଗେ ଯୁଗେ ସେ ଋତୁରାଜ, ମଧୁରତୁର ପରିପୂର୍ଣ୍ଣ ବିଗ୍ରହ ବୋଲି ଆଜି ୪୨ତମ ବସନ୍ତ ଉତ୍ସବରେ ମତପ୍ରକାଶ ପାଇଛି । ଆଜି ପୂର୍ବାହ୍ନରେ ଆୟୋଜିତ ବସନ୍ତ ଉତ୍ସବରେ ଡ. ରମାକାନ୍ତ ଭଂଜ ପୌରହିତ୍ୱ କରିଥିଲେ । ଓଡିଆ ସାହିତ୍ୟ ଏକାଡେମୀର ସଦସ୍ୟ ଭରତ ଚନ୍ଦ୍ର ଦାସ ଓ ଫକୀରମୋହନ ସାହିତ୍ୟ ସଂସଦର ସହସମ୍ପାଦିକା କଲ୍ୟାଣୀ ନନ୍ଦ ମିଳିତଭାବେ ଏହାକୁ ଉଦ୍‌ଘାଟନ କରିଥିଲେ । ପ୍ରକୃତିର ସୁନିର୍ଦ୍ଦିଷ୍ଟ କାହାଣୀକୁ ନେଇ ବସନ୍ତ ପରିପ୍ରକାଶ କରେ କବି ଚେତନା । ପ୍ରକୃତିର ପ୍ରଭାବ, ସୁଗଭୀର, ସୁପ୍ରତିମ ମଧ୍ୟରେ ଋତୁରାଜ ବସନ୍ତ ପରିପୂର୍ଣ୍ଣ ସୌନ୍ଦର୍ଯ୍ୟ ଉପଚର୍ଯ୍ୟାର ଏକ ବିଗ୍ରହ ଯାହା କାଳେକାଳେ ସମାଜରେ ପ୍ରତ୍ୟେକଙ୍କ ଠାରେ ପରିପ୍ରକାଶ ହୋଇଥାଏ ବୋଲି ସେମାନେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିଜୟ ମିଶ୍ର, ଆଇଆଇସି ମାନସ ଦେଓ, କବି ତଥା ସାହିତ୍ୟକାର ସୁକୁମାର ଦାସ ଯୋଗ ଦେଇ ବସନ୍ତର ଚେତନା ହିଁ ପ୍ରଣୟର ପ୍ରତୀକ ଓ ଅନ୍ତରର ମାଧୁର୍ଯ୍ୟ ସୃଷ୍ଟି କରିଥାଏ ବୋଲି କହିଥିଲେ । ପ୍ରତିଷ୍ଠାତା ସଂପାଦକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଏଥିରେ ଯୋଗ ଦେଇ ଦୀର୍ଘ ୪୨ବର୍ଷଧରି ଦୀନକୃଷ୍ଣ ସ୍ମୃତି ପରିଷଦ ପଶ୍ଚିମବଂଗ, ଓଡିଶାର ବହୁ ସାରସ୍ୱତ ସାଧକ, ସାହିତ୍ୟକାର, କବି ଓ ଲେଖକଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମ କରି ଆସିଥିବାର ସୂଚନା ଦେଇଥିଲେ । ୨ୟ ଅଧିବେସନରେ କବି ବ୍ରଜେନ୍ଦ୍ର ଗିରି ଅଧ୍ୟକ୍ଷତା କରିଥିବା ବେଳେ ବହୁ କବି କବିତାପାଠ କରିଥିଲେ । ଶ୍ରୀକୁମାର ଓ ତନଶ୍ରୀ ମହାପାତ୍ରଙ୍କ ସଂଯୋଜନାରେ ବାସନ୍ତି ଦେ, ତୃପ୍ତିରାଣୀ ପାତ୍ର, ଇନ୍ଦୁମତି ଗିରି, ଶାନ୍ତି ପ୍ରଧାରନ, ପ୍ରଭାକର ସାହୁ, ନିକୁଞ୍ଜ ଘୋଷ, କାର୍ତ୍ତିକ ଦାସ, ଡ. ଗିରିପ୍ରସାଦ ରାଉଳ, ସ୍ନେହଦାସ ଲେଙ୍କା, ସିପ୍ରା ସରକାର, ବ୍ରଜେନ୍ଦ୍ର ଘୋଷ ପ୍ରମୁଖ ବସନ୍ତ ସଂପର୍କରେ କବିତାପାଠ କରିଥିଲେ ।

## ବିଳମ୍ବିତ ରାତିରେ କୁଣ୍ଡୁପୁର ଗ୍ରାମରେ ୬ଟି ଛେଳିଚୋରୀ

ବସ୍ତା,୦୭/୦୩ (ନି.ପ୍ର): ବସ୍ତାଥାନା ଅଧିନସ୍ଥ ବ୍ରାହ୍ମଣଦା ପଞ୍ଚାୟତ କୁଣ୍ଡୁପୁର ଗ୍ରାମର ବିଧବା ବାସନ୍ତୀ ବେହେରା ଜମିବାଡି ନଥିବା ବେଳେ ଘରେ ଛେଳି ରଖି ନିଜର ଗୁଜୁରାଣ ମେଣ୍ଟେଇ ଆସୁଥିଲେ । ହେଲେ ଗତ କାଲି ବିଳମ୍ବିତ ରାତ୍ରୀରେ ଘର ଭିତରେ ପଶି ୬ଟି ଖାସି ଛେଳି ଗୁଡିକୁ ଦୂର୍ବୃତ ମାନେ ନେଇଯାଇ ଛନ୍ତି । ତେବେ ଛେଳି ଗୁଡିକର ଆନୁମାନିକ ମୂଲ୍ୟ ୬୦ହଜାରରୁ ଅଧିକହେବ ବୋଲି ଗ୍ରାମ ବାସୀ ପ୍ରକାଶ କରିଛନ୍ତି । ପୁଣି ସେହି ଗ୍ରାମର ମୃତ୍ୟୁଞ୍ଜୟ ବେହେରାଙ୍କ ଘର କବାଟ ଭାଙ୍ଗି ଘରଭିତରେ ପଶି ଆସବାପତ୍ର ବାହିଦେଇଥିଲେ । ପରିବାର ଲୋକେ ଉଠିପଡିବାରୁ ଚୋରମାନେ ପଳାଇ ଯାଇଥିଲେ । ଏ ନେଇ ବସ୍ତା ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ପକ୍ଷରୁ ତଦନ୍ତ ଜାରୀ ରହିଛି ।

# ଏମ୍ସ ସେଟଲାଇଟ ସେଣ୍ଟର ପାଇଁ ରାଜ୍ୟ କ୍ୟାବିନେଟର ଜମି ହସ୍ତାନ୍ତର ନିଷ୍ପତ୍ତି

## ରାଜ୍ୟ ସରକାରଙ୍କ ପଦକ୍ଷେପକୁ ଜିଲ୍ଲା ବଜେଡି ପକ୍ଷରୁ ସ୍ୱାଗତ

ବାଲେଶ୍ୱର,୦୭/୦୩ (ନି.ପ୍ର): ବାଲେଶ୍ୱରରେ ନିର୍ମାଣଧୀନ ଏମ୍ସ ସେଟେଲାଇଟ ସେଣ୍ଟର ପାଇଁ ବିଧିବଦ୍ଧ ଭାବେ ଜମି ହସ୍ତାନ୍ତର ନିମନ୍ତେ ରାଜ୍ୟ କ୍ୟାବିନେଟର ନିଷ୍ପତିକୁ ଜିଲା ବିଜେଡି ପକ୍ଷରୁ ସ୍ୱାଗତ କରାଯାଇଛି । ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲା ସଭାପତି ତଥା ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଯୋଗଦେଇ କ୍ୟାବିନେଟର ଜମି ହସ୍ତାନ୍ତର ନିଷ୍ପତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଥିଲେ । ରେମୁଣା ବ୍ଲକରେ ଏମ୍ସ ସେଟେଲାଇଟ ସେଣ୍ଟର ପାଇଁ ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜମି ଚିହ୍ନଟ ସହ ପ୍ରଦାନ କରାଯାଇଥିଲା । ତେବେ ବିଧିବଦ୍ଧ ଭାବେ ସମ୍ପୃକ୍ତ ଜମିକୁ ବିନାମୂଲ୍ୟରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ହସ୍ତାନ୍ତର ପାଇଁ ରାଜ୍ୟ କ୍ୟାବିନେଟରେ ନିଷ୍ପତି ନିଆଯାଇଛି ବୋଲି ଶ୍ରୀ ଜେନା ସୂଚନା ଦେଇଥିଲେ । ଏହି ଜମିର ମୂଲ୍ୟ ୧୧୦କୋଟି ଟଙ୍କା ହୋଇଥିବା ବେଳେ ଏହାକୁ ବିନା ମୂଲ୍ୟରେ କେନ୍ଦ୍ର ସରକାରଙ୍କୁ ଦିଆଯିବା ନିଷ୍ପତି ମୁଖ୍ୟମନ୍ତ୍ରୀଙ୍କ ମହାନୀୟତାର ପରିଚୟ ଦେଇଛି ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧରେ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ସଦର ବିଧାୟକ ସ୍ୱରୂପ ଦାସ, ବସ୍ତା ବିଧାୟକ ନତ୍ୟାନନ୍ଦ ସାହୁ, ପୂର୍ବତନ ବିଧାୟକ ଅରୁଣ ଦେ ଓ ସୁଦର୍ଶନ ଯେନା, ସଦର ବ୍ଲକ ଅଧକ୍ଷ ନାରାୟଣ ପ୍ରଧାନ, ପୂର୍ବତନ ପୌରପାଳ ଆଲୋକ ସାହୁ, ନାରୀ ନେତ୍ରୀ ସୁବାସିନୀ ଜେନା, ନୀଳଗିରିର ବିଜେଡି ନେତା ସନ୍ତୋଷ ଖଟୁଆ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ଏମ୍ସ ସେଟେଲାଇଟ ସେଣ୍ଟର ଜମି ହସ୍ତାନ୍ତର ବାସ୍ତବିକ ଐତିହାସିକ ପଦକ୍ଷେପ ବୋଲି କହିଥିଲେ। ଏନେଇ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ଜମି ହସ୍ତାନ୍ତର ପରେ କେନ୍ଦ୍ର ସରକାର ଏମ୍ସ ସେଟେଲାଇଟ ସେଣ୍ଟର କାର୍ଯ୍ୟକୁ ତ୍ୱରାନ୍ୱିତ କରିବେ ବୋଲି ଲୋକପ୍ରତିନିଧିମାନେ ଆଶା ପ୍ରକାଶ କରିଥିଲେ। ଏମ୍ସକୁ ହସ୍ତାନ୍ତର ହେଉଥିବା ୨୫ ଏକର ଜମି ମଧରୁ ସମଲପୁର ଗ୍ରାମରେ ୧୨.୦୯ ଏକର ଓ ବାମପଦା ଗ୍ରାମରେ ୧୨.୯୧ ଏକର ଜମି ରହିଛି । ରେମୁଣା ତହସିଲ ଅଧୀନରେ ଥିବା ଏହି ଜମିକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ବିନାମୂଲ୍ୟରେ ବିଧିବଦ୍ଧ ହସ୍ତାନ୍ତର ପାଇଁ ରାଜ୍ୟ ସରକାର ନିଷ୍ପତି ନେଇଥିବା ଜଣାପଡ଼ିଛି । ବିଜେଡି ରାଜ୍ୟ ସମ୍ପାଦକ ଶ୍ୟାମାପ୍ରସାଦ ବେହେରା, ବ୍ରିଟର ପୂର୍ବତନ ଅଧ୍ୟକ୍ଷ ଗୌରୀ କୁମାର ରାଉତ, ଭୂବନାନନ୍ଦ ଦାସ, ବିଜୁ ମହିଳା ଜନତା ଦଳ ଟାଉନ ସଭାନେତ୍ରୀ ରଞ୍ଜିତା ମହାପାତ୍ର, ମୀନା ମହାନ୍ତି ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ ।

## ମହିଳାମାନଙ୍କ ନିଷ୍ଠା ଓ ଉଦ୍ୟମ ମିଶନ ଶକ୍ତି କାର୍ଯ୍ୟକ୍ରମକୁ ନୀରବ ବିପ୍ଳବରେ ପରିଣତ କରିଛି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୦୭/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟର ମହିଳାମାନଙ୍କ ନିଷ୍ଠା ଓ ଉଦ୍ୟମ ଆମର ମିଶନ ଶକ୍ତି କାର୍ଯ୍ୟକ୍ରମକୁ ନୀରବ ବିପ୍ଳବରେ ପରିଣତ କରିଛି। ବର୍ତମାନ ସମୟରେ ୭୦ ଲକ୍ଷ ମହିଳା ଏଥିରେ ସାମିଲ ହୋଇ ସ୍ୱାବଲମ୍ବୀ ହେବା ସହ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ଏହି ଧାରାକୁ ଆହୁରି ଦୃଢ଼ କରିବା ପାଇଁ କ୍ୟାବିନେଟ୍‌ର ମିଶନ ଶକ୍ତି ବିଭାଗ ଗଠନ ନିଷ୍ପତି ଏକ ଖୁସିର ବିଷୟ ବୋଲି ସେ କହିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହା ଦ୍ୱାରା ରାଜ୍ୟର ନାରୀମାନଙ୍କ ସଶକ୍ତିକରଣ, ଉଦ୍ୟୋଗିତା ଏବଂ ନେତୃତ୍ୱ ନେବାର ଦକ୍ଷତା ଆହୁରି ବୃଦ୍ଧି ହେବ। ସମସ୍ତ ଏସ୍‌ଏଚ୍‌ଜି କାର୍ଯ୍ୟକଳାପ ପାଇଁ ସ୍ୱତନ୍ତ୍ର ମଂଚ ସାଜି ଏହା ଓଡ଼ିଶାର ମହିଳାଙ୍କ କଲ୍ୟାଣ ଓ ଉନ୍ନତିର ମାର୍ଗକୁ ପ୍ରଶସ୍ତ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏହି ଅବସରରେ ବିଜୁବାବୁଙ୍କ ଅବଦାନକୁ ସ୍ମରଣ କରି କହିଛନ୍ତି ଯେ ସେ ସମାଜର ପ୍ରତ୍ୟେକ ସ୍ତରରେ ମହିଳା ନେତ୍ରୀଙ୍କୁ ପ୍ରାଧାନ୍ୟ ଦେବାର ସ୍ୱପ୍ନ ଦେଖିଥିଲେ ଏବଂ ମହିଳା ସଶକ୍ତିକରଣର କର୍ଣ୍ଣଧାର ଥିଲେ। ଏ ଦିଗରେ ଓଡ଼ିଶାର ସଫଳତା ବର୍ଣ୍ଣନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ମହିଳା ସଶକ୍ତିକରଣ ଭାରତବର୍ଷରେ ଶ୍ରେଷ୍ଠ।

## କୋଭିଡ଼ ଯୋଦ୍ଧାଙ୍କୁ ୱେବ ନ୍ୟୁଜ ପରିବାର ତରଫରୁ ସମ୍ମାନ




ଧାମନଗର,୦୭/୦୩ (ନି.ପ୍ର): ଭଦ୍ରକ ଜିଲ୍ଲା ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମପଞ୍ଚାୟତ ସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ନୂତନ ଓଡ଼ିଶା ୱେବ ନ୍ୟୁଜ ପରିବାର ତରଫରୁ କୋଭିଡ଼ ଯୋଦ୍ଧା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରବିବାର ପୂର୍ବାହ୍ନରେ ବିଷ୍ଣୁପୁର ସରପଞ୍ଚଙ୍କ ପ୍ରତିନିଧି ଅକ୍ଷୟ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧାମନଗର ଏନ୍‌ଏସି ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର ମୁଖ୍ୟଅତିଥିଭାବେ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ସାମ୍ବାଦିକ ବିରେନ୍ଦ୍ର କୁମାର ଜେନା, ସେକ୍ ଜାଫର ଅଲ୍ଲୀ, ମନୋରଂଜନ ବାରିକ, ସିଡ଼ିପିଓ ସୁପର ଭାଇଜର ମମତାରାଣୀ ରାଉତ, ଶିକ୍ଷାବିତ୍ ଚନ୍ଦ୍ରଶେଖର ଦାସ ପ୍ରମୁଖ କୋଭଭିଡ଼ ଯୋଦ୍ଧା ସମ୍ମାନ ଉତ୍ସବରେ ଯୋଗଦେଇ ମହାମାରୀ କରୋନାକୁ ମୁକାବିଲା କରିବା, ସମାଜର ମଙ୍ଗଳ ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଥିବା ଯୋଦ୍ଧା ମାନଙ୍କସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ମହାମାରୀ କରୋନା ସମୟରେ ଦେଶପାଇଁ ଯୋଦ୍ଧା ସାଜି ସହୀଦ ହୋଇଥିବା ବୀରମାନଙ୍କ ପାଇଁ ୨ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଯତୀନ୍ଦ୍ର କୁମାର ମିଶ୍ର, ସିଡ଼ିପିଓ ସୁପରଭାଇଜର ଶ୍ରୀମତୀ ମମତାରାଣୀ ରାଉତ, ବିଷ୍ଣୁପୁର ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଅକ୍ଷୟ କୁମାର ବେହେରା, ବରିଷ୍ଠ ସାମ୍ବାଦିକ ବିରେନ୍ଦ୍ର କୁମାର ଜେନା, ବରିଷ୍ଠ ନାଗରିକ ପରିଷଦର କର୍ମକର୍ତ୍ତା ଧାମନଗର ବ୍ଲକ ଓ ଭଣ୍ଡାରିପୋଖରୀ ବ୍ଲକର ଅଙ୍ଗନୱାଡ଼ି କର୍ମଚାରୀ, ଆଶା କର୍ମୀ, ଏନ୍‌ଏସିର ସଫେଇ କର୍ମଚାରୀ ପ୍ରମୁଖଙ୍କୁ ନୂତନ ଓଡ଼ିଶା ୱେବ ନ୍ୟୁଜ ପରିବାର ତରଫରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ସହ ସମ୍ବର୍ଦ୍ଧନା କରାଯାଇଥିଲା।

## ଆଦର୍ଶ ଶିକ୍ଷକ ଓ ସାହିତ୍ୟିକ କୃଷ୍ଣଚନ୍ଦ୍ର ସାମଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଉତ୍ସବ




ବାସୁଦେବପୁର,୦୭/୦୩ (ନି.ପ୍ର): ଆଦର୍ଶ ଶିକ୍ଷକ ଓ ସାହିତ୍ୟିକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାମଲଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ବାସୁଦେବପୁର ବ୍ଲକର ସୁଦର୍ଶନପୁର ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ଅତିଥି ପ୍ରଦୀପ ପ୍ରଜ୍ଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉତ୍ସବକୁ ଉଦଘାଟନ କରିଥିଲେ ଏବଂ ସ୍ୱର୍ଗତ ସାମଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଅବସରପ୍ରାପ୍ତ ଶିକ୍ଷକ ଚକ୍ରଧର ପରିଡା । ଶ୍ରୀ ପରିଡା ତାଙ୍କ ବକ୍ତବ୍ୟରେ କହିଲେ ଆଦର୍ଶ ଶିକ୍ଷକ କୃଷ୍ଣଚନ୍ଦ୍ର ସାମଲ ସର୍ବଦା ସତ୍ୟ, ନିଷ୍ଠା ଓ ଏକାଗ୍ରତା ରକ୍ଷାକରି ବାଟ ଚାଲୁଥିଲେ। ସମାଜପାଇଁ ଉପଯୁକ୍ତ କର୍ତ୍ତବ୍ୟ କରିବା ତାଙ୍କ ପାଇଁ ଥିଲା ମୁଖ୍ୟ କର୍ମ। ଅବସରପ୍ରାପ୍ତ ଶିକ୍ଷକ କାଶୀନାଥ ପଣ୍ଡା, ପୋଲିସ କର୍ମଚାରୀ ବାବୁ ପରିଡା, ତୃପ୍ତି ମହିଳା ମହାବିଦ୍ୟାଳୟର କିରାଣୀ ରଘୁନାଥ ରାଉଳ, କାନ୍ଥିସାହି ଉନ୍ନୀତ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପୀତାମ୍ବର ମହାନ୍ତି, ଶଙ୍କର୍ଷଣ ବିଶ୍ୱାଳ, ବୈକୁଣ୍ଠ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାହିତ୍ୟିକ ଓ ଆଦର୍ଶ ଶିକ୍ଷକ କୃଷ୍ଣଚନ୍ଦ୍ର ସାମଲଙ୍କ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ ସାମଲ, ରତିକାନ୍ତ ନାୟକ, ବନ ଦାସ, ସୁଶ୍ରୀ ସଂଗୀତା ବିଶ୍ୱାଳ, ଶୁଭଶ୍ରୀ ବିଶ୍ୱାଳ, ମୁରଲୀ ସାମଲ, ଛବିଲତା ବିଶ୍ୱାଳ ପ୍ରମୁଖ ସଂକ୍ଷିପ୍ତରେ ଆଲୋକପାତ କରିଥିଲେ। ସ୍ୱର୍ଗତ ସାମଲଙ୍କ ଏକ ସ୍ମରଣିକା ଏହି ଉତ୍ସବରେ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍ୱର୍ଗତ ସାମଲଙ୍କ ପୁତ୍ର ଇଞ୍ଜିନିୟର ଅକ୍ଷୟ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲାବେଳେ ସାହିତ୍ୟ ପତ୍ରିକା ରଂଗରାଗର ସଂପାଦକ କବି ପ୍ରଦୀପ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ୧୯୩୪ ମସିହାରେ ସ୍ୱର୍ଗତ କୃଷ୍ଣଚନ୍ଦ୍ର ସାମଲ ଜନ୍ମଲାଭ କରିଥିଲେ ଓ ୨୦୨୦ ମସିହାରେ ତାଙ୍କର ପରଲୋକ ଘଟିଥିଲା।

## ଫାର୍ମାସିଟିକାଲ କ୍ଲଷ୍ଟର ଫେସିଲିଟେସନ ସେଂଟରର ଉଦଘାଟନ କଲେ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର,୦୬/୦୩ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓ ଭୁବନେଶ୍ୱର ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀ ରବିବର ଦିନ ଭୁବନେଶ୍ୱର ଠାରେ ଫାର୍ମାସିଟିକାଲ କ୍ଲଷ୍ଟର ଫେସିଲିଟେସନ ସେଂଟରର ଉଦଘାଟନ କରିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ କେନ୍ଦ୍ର ମନ୍ତ୍ରୀ ପ୍ରତାପ ଷଡଙ୍ଗୀ ଓଡିଶାର ଫାର୍ମାସିଟିକାଲ କ୍ଷେତ୍ରକୁ ଆଗକୁ ବଢାଇବା ପାଇଁ ଏହାର ସାମର୍ଥ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ସେ ଉଦ୍ୟମୀ ମାନଙ୍କୁ ଭାରତ ସରକାରଙ୍କ ଯୋଜନାର ଲାଭ ଉଠାଇ ରାଜ୍ୟରେ ଶିଳ୍ପର ବିକାଶ ପାଇଁ ଆବଶ୍ୟକୀୟ ଇକୋ ସିଷ୍ଟମ ତିଆରି କରିବାକୁ ଆହ୍ୱାନ ଜଣାଇଛନ୍ତି ।

## ବିଶିଷ୍ଟ ଗବେଷକ ଡ. ବିନୋଦ ନାଏକଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



ବାରିପଦା,୦୭/୦୩ (ନି.ପ୍ର): ଆଦିବାସୀ ଭାଷା ସାହିତ୍ୟ ସଂସ୍କୃତିର ଗବେଷକ, ବିଶିଷ୍ଟ ଲୋକ ସାହିତ୍ୟକ, ମୟୂରଭଞ୍ଜର ଗର୍ବ ଓ ଗୌରବ ଡ. ବିନୋଦ କୁମାର ନାଏକଙ୍କ ବିୟୋଗରେ ସାହିତ୍ୟ ସଂସ୍କୃତି ବିକାଶମଞ୍ଚ ତରଫରୁ ଗଭିର ଶ୍ରଦ୍ଧାଞ୍ଜଳିଜ୍ଞାପନ କରାଯାଇଛି । ହୋ ଭାଷା ସାହିତ୍ୟକୁ ବିଶେଷ ଅବଦାନ ପାଇଁ ୨୦୦୪ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା "ଭାଷା ସମ୍ମାନ"ରେ ସମ୍ମାନିତ ସ୍ୱର୍ଗତ ଡ.ନାଏକଙ୍କ ଗବେଷଣାତ୍ମକ କାର୍ଯ୍ୟ ସବୁଦିନ ପାଇଁ ମୟୂରଭଞ୍ଜବାସୀଙ୍କର ସ୍ମରଣୀୟ ହୋଇ ରହିବ ବୋଲି ସ୍ମୃତି ସଭାରେ ମତପ୍ରକାଶ ପାଇଥିଲା। ପ୍ରାରମ୍ଭରେ ଅମର ଆତ୍ମାକୁ ସମ୍ମାନ ଜଣାଇ ସ୍ୱର୍ଗତ ନାଏକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚର ସଭାପତି ଡ. ସରୋଜ କୁମାର ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ବାରିପଦା ଗୋପବନ୍ଧୁ ସାହିତ୍ୟ ସଂସଦର ସମ୍ପାଦକ ଅମିତାଭ ମିଶ୍ର, ସଭ୍ୟ ଅକ୍ଷୟ କୁମାର ଦାସ, ବୁଦ୍ଧିରାମ ସିଂ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ଡା. ନାଏକଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ।

## ଥାନା ଗାଡ଼ି ପୋଡ଼ି ମାମଲା : ୧୩ ଅଟକ

ଧର୍ମଶାଳା,୦୭/୦୩ (ନି.ପ୍ର): ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ପଣସୁଧା ଗ୍ରାମରେ ଗତକାଲି ରାତିରେ ଘଟିଯାଇଥିବା ପୋଲିସ ଗାଡ଼ି ପୋଡ଼ି ମାମଲାରେ ୧୩ ଜଣଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଜାରୀ ରଖିଛି ବାଲିଚନ୍ଦ୍ରପୁର ଥାନା ପୋଲିସ । ଘଟଣାରୁ ପ୍ରକାଶ ଯେ, ଉଭୟ ଗୋଷ୍ଠୀ ମଧରେ ପୂର୍ବରୁ ବିବାଦ ରହିଥିଲା । ଏନେଇ ଥାନାରେ ଉଭୟ ପକ୍ଷରୁ ଏତଲା ହୋଇଥିଲା । ଘଟଣାର ତଦନ୍ତ ପାଇଁ ଗତକାଲି ରାତିରେ ପୋଲିସ ସେଠାକୁ ଯାଇଥିବା ବେଳେ ଉତ୍ତ୍ୟକ୍ତ ଲୋକେ ପୋଲିସର ଦୁଇଟି ଭ୍ୟାନ୍ ଜାଳି ଦେଇଥିଲେ । ଖବର ପାଇ ଏସଡ଼ିପିଓ ଚିନ୍ମୟ ନାୟକ ଏକ ପ୍ଲାଟୁନ୍ ପୋଲିସ ଫୋର୍ସ ସହିତ ଗ୍ରାମରେ ପହଂଚି ଥିଲେ । ଗ୍ରାମର ସମସ୍ତ ପ୍ରବେଶ ପଥକୁ ସିଲ୍ କରି ଦିଆଯାଇଛି । ଉତ୍ତେଜନାକୁ ଦୃଷ୍ଟିରେ ରଖି ଗ୍ରାମରେ ପୋଲିସ ମୁତୟନ ରହିଛନ୍ତି ।

## ଅଗ୍ନିଶମ ବାହିନୀର ଭ୍ୟାନ୍ ଓଲଟି ୪ ଆହତ

ମାଲକାନଗିରି,୦୭/୦୩ (ନି.ପ୍ର): ରାଜ୍ୟ ପୋଲିସ ଡ଼ିଜି ଅଭୟଙ୍କ ଗସ୍ତ ନିମନ୍ତେ ନିର୍ମିତ ହେଲିପ୍ୟାଡର ସୁରକ୍ଷା ନିମନ୍ତେ ଖଇରପୁଟ ଅଗ୍ନିଶମ କେନ୍ଦ୍ରର କର୍ମଚାରୀ ମାନେ ଗତକାଲି ଅପରାହ୍ନରେ ମୁଦୁଲିପଡ଼ା ଅଭିମୁଖେ ବିଭାଗୀୟ ଭ୍ୟାନରେ ଯାଉଥିଲେ । ବଣ୍ଡା ଘାଟିରେ ଗାଡି ଭାରସାମ୍ୟ ହରାଇ ଓଲଟି ପଡିବାରୁ ଡ୍ରାଇଭରଙ୍କ ସମେତ ୪ ଜଣ ଅଗ୍ନିଶମ କର୍ମଚାରୀ ଆହତ ଆହତ ହୋଇଛନ୍ତି । ଖବର ପାଇ ଖଇରପୁଟରୁ ଅଗ୍ନିଶମ କର୍ମଚାରୀ ମାନେ ଘଟଣାସ୍ଥଳରେ ପହଂଚି ଆହତଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ନିମନ୍ତେ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ । ଦୁର୍ଘଟଣାଗ୍ରସ୍ତ ଭ୍ୟାନ୍‌କୁ ଅନ୍ୟ ଏକ ଗାଡ଼ି ସହାୟତାରେ ଖଇରପୁଟ ଆଣିଥିଲେ ।

## ନଦୀକୂଳ ଚାଷ ଜମି ମାନଙ୍କୁ ବ୍ୟାପକ ମାଟି ଚାଲାଣ

ଜଳେଶ୍ୱର, ୭/୩ (ନିପ୍ର) : ସୁବର୍ଣ୍ଣରେଖା ନଦୀର ବିଭିନ୍ନ ଅଂଚଳରୁ ଚୋରା ବାଲି ଚାଲାଣ ବଂନ୍ଦ ନ ହେଉଣୁ ପଶ୍ଚିମବଂଗର ମାଟି ମାଫିଆମାନେ ନଦୀକୂଳ ଗ୍ରାମଗୁଡିକର ଉର୍ବର ମାଟିକୁ ଚାଷ ଜମିରୁ ଖୋଳି ନେଇ ଯାଉଥିବାର ଜଣାଯାଇଛି । ପଶ୍ଚିମବଂଗ ଅଂଚଳରେ ଚାଲିଥିବା ଇଟାଭାଟି ଗୁଡିକ ରାଇବଣିଆ ଅଂଚଳର ବିଭିନ୍ନ ଗ୍ରାମର ଚାଷ ଜମିରୁ ୩/୪ ଫୁଟ ଗଭୀରରୁ ମାଟି ଉତ୍ତଳନ କରି ନେଇ ଯାଉଥିବା ବେଳେ କେତେକ ମାଟି ମାଫିଆ ମାଲେମାଲ ହେଉଛନ୍ତି । ଏଥିନେଇ ତହସିଲଦାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାର ଅଭିଯୋଗ ହୋଇଛି । ଶିଖରପୁର ଗାଁର ସୁଖଦୁଃଖିଆ ଗାଁର ବାସନ୍ତୀ ମଣ୍ଡଳଙ୍କ ଜମିରୁ ଗୋବର୍ଦ୍ଧନା ଗାରୁ, ଠକରା ଗାରୁଙ୍କ ନେତୃତ୍ୱରେ ମାଟି ଉତ୍ତୋଳନ କରାଯାଇ ବିକ୍ରି କରାଯାଇ ଆସୁଛି । ବାସନ୍ତି ମଣ୍ଡଳଙ୍କ ଅଭିଯୋଗ ଅନୁଯାୟୀ ସୁଖଦୁଃଖିଆ ଗାଁର ୧୫୬, ଖସଡା ୫୧୦, ଏ୧.୨୮ଡି ଜମିରୁ ଜବରଦସ୍ତ ମାଟି ଉଠାଇ ନେଇ ବିକ୍ରି କରିବାପରେ ଏ ସମ୍ପର୍କରେ ସେ ଜଳେଶ୍ୱର ତହସିଲଦାରଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନଥିା ବାସନ୍ତି ମଣ୍ଡଳ ଅଭିଯୋଗ କରିଛନ୍ତି। ସାରଦ ଜମିରୁ ମାଟି ଖୋଳିବା ବେଆଇନ୍ ହୋଇଥିଲେ ମଧ୍ୟ ଏହି ଜମିରୁ ମାଟି ଖୋଲା ବନ୍ଦ ରଖିବାପାଇଁ ଜଳେଶ୍ୱର କୋର୍ଟ ସ୍ଥିତାବସ୍ଥା ବଜାଇ ରଖିବାକୁ ନିର୍ଦ୍ଦେଶ ଦେଇଥିବା ବେଳେ ଏଥିପ୍ରତି କେହି ଗୁରୁତ୍ୱ ଦେଉନଥିବା ସେ କହିଛନ୍ତି। ଚାଷୀ ଜମି ଗୁଡିକରୁ ମାଟି ଉତ୍ତୋଳନ ବନ୍ଦ ଲାଗି ଦାବି ହେଉଛି ।

## ବରଗଡ଼ ସମବାୟ ଚିନି କଳର ପୁନଃଉଦ୍ଧାର ପାଇଁ ଏକ ନିବେଦନ ପତ୍ର ଗ୍ରହଣ କଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୦୬/୦୩ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନିକଟରେ ବରଗଡ଼ ସମବାୟ ଚିନି କଳର ପୁନଃଉଦ୍ଧାର ପାଇଁ ଏକ ନିବେଦନ ପତ୍ର ପ୍ରଦାନ କରା ଯାଇଛି । ବରଗଡ ସାଂସଦ ତଥା ବିଜେପିର ବରିଷ୍ଠ ନେତା ସୁରେଶ ପୁଜାରୀ ଏହି ନିବେଦନ ପତ୍ର ପ୍ରଦାନ କରିଥିବା ନେଇ ଶ୍ରୀ ପ୍ରଧାନ ଟ୍ୱିଟ କରି ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ ବରଗଡ଼ର ସାଂସଦ ତଥା ଆମ ଦଳର ବରିଷ୍ଠ ନେତା ସୁରେଶ ପୁଜାରୀ ଙ୍କ ଠାରୁ ବରଗଡ଼ ସମବାୟ ଚିନି କଳର ପୁନଃଉଦ୍ଧାର ପାଇଁ ଏକ ନିବେଦନ ପତ୍ର ଗ୍ରହଣ କଲି । ବରଗଡ଼ର ୧୫ ହଜାର ଆଖୁଚାଷୀଙ୍କ ଦ୍ୱାରା ବାର୍ଷିକ ପ୍ରାୟ ୧.୫ ଲକ୍ଷ ମେଟ୍ରିକ୍ ଟନ ଚିନି ଉତ୍ପାଦନ କରାଯାଉଥିବା ଜାଣିବାକୁ ପାଇଲି ବୋଲି ଉଲ୍ଲେଖ କରିଛନ୍ତି ।

## ଶିଖରଚଣ୍ଡୀ ଜଙ୍ଗଲ ଅଂଚଳରେ ନିଆଁ

ଭୁବନେଶ୍ୱର,୦୭/୦୩(ନି.ପ୍ର): ଭୁବନେଶ୍ୱର ଶିଖରଚଣ୍ଡୀ ଜଙ୍ଗଲ ଅଂଚଳରେ ନିଆଁ ଲାଗିଥିବାର ସୂଚନା ମିଳିଛି। ଏ ସମ୍ପର୍କରେ ସୂଚନା ପାଇବା ପରେ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚି ନିଆଁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ। ଏହି ନିଆଁରେ ପାଖାପାଖି ପାଂଚ ଏକର ଜଙ୍ଗଲ ନଷ୍ଟ ହୋଇଥିବା କୁହାଯାଉଛି। ତେବେ ଏହି ନିଆଁ କିଏ ଲଗାଇଛି ବା ଆପେ ଆପେ ଲାଗିଛି ତାହା ସ୍ପଷ୍ଟ ହୋଇନାହିଁ।

## ଜଙ୍ଗଲ ବିଭାଗ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳିରେ ଜଙ୍ଗଲରେ ନିଆଁ

ଗଞ୍ଜାମ,୦୭/୦୩(ନି.ପ୍ର): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ନିକଟସ୍ଥ ଘୁମୁସର ବନଖଣ୍ଡ ତଥା ଦକ୍ଷିଣ ଉତର ବନଖଣ୍ଡରେ ଆଜକୁ ପ୍ରାୟ ସପ୍ତାହେ ହେବ ନିଆଁ ଲାଗି ହୁତୁ ହୁତୁ ହୋଇ ଜଳି ଚାଲିଛି ଜଙ୍ଗଲ, ଜଙ୍ଗଲରେ ଥିବା ବଡ଼ ବଡ଼ ଗଛରେ ନିଆଁ ଲାଗି ଏହା ଭୀଷଣ ରୂପ ଧାରଣ କରିଛି । ଫଳରେ ସୋରଡ଼ା, ଭଞ୍ଜନଗର ଓ ଜଗନ୍ନାଥ ପ୍ରସାଦ ବନାଚଂଳରେ ଧୂଆଁର ଏକ ଆସ୍ତରଣ ଦେଖିବାକୁ ମିଳିଛି ଏବଂ ବନ୍ୟଜନ୍ତୁଙ୍କ ପାଇଁ ଏହା ମଧ ବିପଦ ସୃଷ୍ଟି କରିଛି । ଜଙ୍ଗଲରୁ ନିଆଁ ଲିଭାଇବା ପାଇଁ ବନ ବିଭାଗ ପକ୍ଷରୁ ବିଶେଷ କିଛି ପଦକ୍ଷେପ ଗ୍ରହଣ କରାଯାଇପାରିନାହିଁ । ଯଦ୍ୱାରା ଏହି ଅଗ୍ନିକାଣ୍ଡ କାଣ୍ଡ ଯୋଗୁଁ ଉତାପ ବୃଦ୍ଧି ପାଇ ୪୦ ଡ଼ିଗ୍ରୀ ପର୍ଯ୍ୟନ୍ତ ପହଂଚି ଥିବା ଜଣାପଡିଛି । ବିଭାଗୀୟ ମନ୍ତ୍ରୀ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

## ମହାରାଷ୍ଟ୍ରରେ ଗତ ୨୪ ଘଂଟାରେ ୧୧,୧୪୧ କରୋନାର ନୂଆ ମାମଲା

ମୁମ୍ବାଇ,୦୭/୦୩ (ନି.ପ୍ର): ମହାରାଷ୍ଟ୍ରରେ ଗତ ୨୪ ଘଂଟାରେ ୧୧,୧୪୧ ନୂଆ କରୋନାର ମାମଲା ସାମନାକୁ ଆସିଛି । ଏହି ସମୟ ମଧ୍ୟରେ ୩୮ ଜଣଙ୍କର ମୃତ୍ୟୁ ଘଟିଛି । ପ୍ରଦେଶ ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହିତ ରାଜ୍ୟରେ ମୋଟ ସକ୍ରିୟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୨୨,୧୯,୭୨୭ ହୋଇଛି । ବର୍ତ୍ତମାନ ସୁଦ୍ଧା ରାଜ୍ୟରେ କରୋନା କାରଣରୁ ୫୨,୪୭୮ ଜଣ ମୃତ୍ୟୁବରଣ କରିଛନ୍ତି ।

## ସିନ୍ଧିଆରେ ବ୍ଲକସ୍ତରୀୟ ଲୋକକଳା ମହୋତ୍ସବ ଉଦଘାଟିତ



ବାଲେଶ୍ୱର,୦୭/୦୩ (ନି.ପ୍ର): ବାଲେଶ୍ୱର ସଦର ବ୍ଲକସ୍ତରୀୟ ଲୋକକଳା ମହୋତ୍ସବ ସିନ୍ଧିଆ ପଞ୍ଚାୟତର ବାଲିପାଳଠାରେ ରବିବାର ଉଦଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ କାର୍ଯ୍ୟକ୍ରମରେ ସିନ୍ଧିଆ ପଞ୍ଚାୟତର ସରପଞ୍ଚ ଅନିରୁଦ୍ଧ ପ୍ରଧାନ ମହୋତ୍ସବକୁ ଉଦଘାଟନ କରିଥିଲେ। ସାମ୍ପ୍ରତିକ ସ୍ଥିତିରେ ଲୁପ୍ତପ୍ରାୟ ଲୋକକଳାର ପୁନରୁଦ୍ଧାର ପାଇଁ ଏହି ମହୋତ୍ସବ ବେଶ ସହାୟକ ହୋଇପାରିଛି ବୋଲି ସେ ମତବ୍ୟକ୍ତ କରିଥିଲେ । ସିନ୍ଧିଆ ସମିତି ସଭ୍ୟା ସ୍ନେହଲତା ପାତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତୀତରେ ଏହି ଲୋକକଳାର ଆକର୍ଷଣ ହଜାର ହଜାର ଦର୍ଶକଙ୍କୁ ରାତି ତମାମ ବାନ୍ଧି ରଖିବାରେ ସମର୍ଥ ହୋଇ ପାରିଥିଲା ବୋଲି ମତପ୍ରକାଶ କରିଥିଲେ । ପ୍ରାଚୀନ କଳାର ପୁନଃରୁଦ୍ଧାରର ଆବଶ୍ୟକତା ରହିଥିବା ବେଳେ ଏହିଭଳି ମହୋତ୍ସବ ଆୟୋଜନ ବେଶ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ସେ କହିଥିଲେ। ସଦର ବ୍ଲକ ଲୋକକଳା ମହୋତ୍ସବ କମିଟିର ସଭାପତି ମଧୁସୁଦନ ନାୟକ ଏଥିରେ ପୌରହିତ୍ୱ କରିବା ସହିତ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଲୋକକଳାକୁ ଉଜ୍ଜୀବିତ ରଖିବାରେ ପୃଷ୍ଠପୋଷକତାର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଥିଲେ। ଗତ ୨୦୧୧ ମସିହାଠାରୁ କ୍ରମାଗତ ଭାବେ ସଦର ବ୍ଲକର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଏହିଭଳି ମହୋତ୍ସବ ଆୟୋଜିତ ହୋଇଆସୁଛି । ଚଳିତ ବର୍ଷ ଏହି ମହୋତ୍ସବ ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ୪ ଶହରୁ ଉର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରିବେ। କଳାକାରଙ୍କ ମଧରେ ପାଲା, ଦାସକାଠିଆ, ସଙ୍କୀର୍ତ୍ତନ, ଘୋଡ଼ାନାଚ, ଚଢ଼େୟା ଚଢ଼େୟାଣୀ ନୃତ୍ୟ, ଷଠୀଘର ପାଲା, ମନସା ପାଲା ପ୍ରଭୃତିର ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କମଟିର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ମହୋତ୍ସବ ପ୍ରାରମ୍ଭରେ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲା। ଉଦଘାଟନୀ ଉତ୍ସବରେ ବ୍ଲକ ଉପ-ସଭାପତି ଜଗଦୀଶ୍ୱର ଜେନା, ସନାତନ ଜେନା, ନରୋତ୍ତମ ମିସ୍ତ୍ରୀ, ମଧୁସୁଦନ ପାଢୀ, ବନବିହାରୀ ଡିଙ୍ଗଲ, ଜୟକୃଷ୍ଣ ଜେନା, ପ୍ରଦୀପ ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହୋତ୍ସବ କମିଟିର ସମ୍ପାଦକ ନିମାଇ ଚାନ୍ଦ ପରଡ଼ା। ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078
❒ Managing & Executive Editor : Srustidhar Parida
❒ Editor: Sairindhree Sahoo